# ଢେଙ୍ଗଳୁ ଘୋଡ଼

ଶ୍ରୀ ଗୋପୀଚନ୍ଦ୍ର ମିଶ୍ର

# ଡେଲିଗେଟ୍


ଲେଖକ

ଅଧ୍ୟାପକ ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର, ଏମ୍. ଏ.



ପ୍ରକାଶକ

ପ୍ରଜାତନ୍ତ୍ର ପ୍ରଚାର ସମିତି — କଟକ

୧୯୫୪

ମୂଲ୍ୟ ଦୁଇଟଙ୍କା ମାତ୍ର

# ଗ୍ରନ୍ଥ-ପ୍ରବେଶ

ଆଧୁନିକ ଓଡ଼ିଆ ସାହିତ୍ୟରେ ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର ଜଣେ ସୁପରିଚିତ ବ୍ୟକ୍ତି । ଓଡ଼ିଶାର ପ୍ରାୟ ସମସ୍ତ ପତ୍ର ପତ୍ରିକାରେ ଶ୍ରୀ ଗୋପାଳ ଚନ୍ଦ୍ରଙ୍କ ଲେଖା ପ୍ରକାଶ ପାଇଥାଏ । ତାଙ୍କର ସାହିତ୍ୟ ସାଧନା ତାଙ୍କର ସମସ୍ତ ଲେଖାରେ ପରିସ୍ଫୁଟ । ଏପରି ଏକ ସିଦ୍ଧ ହସ୍ତରେ ଲିଖିତ ଏକ ତତ୍କାଳୀନ ଘଟଣା ସମ୍ବନ୍ଧରେ ନାଟକ କୌତୂହଳପୂର୍ଣ୍ଣ ଓ ଆନନ୍ଦ-ଦାୟକ ହେବା ସ୍ୱାଭାବିକ । ଆଜି ତା ଏକ ସୁଦୂର ଅତୀତ ଇତିହାସ ବୋଲି ମନେ ହେଉଛି । କାରଣ ଘଟଣାରାଜିର ବେଗ ଅତି ବେଶୀ ଓ ସେଥିରେ ପରମ୍ପରା ମନେ ରଖି କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବେଶୀ କାଳ ସ୍ଥିର ରହିବାର ଅବକାଶ ନାହିଁ । କିନ୍ତୁ ବାସ୍ତବିକ ନାଟକ ବର୍ଣ୍ଣିତ ଘଟଣାଟି ଏହି ସେ ଦିନର । ପ୍ରାଚୀନ ଗଡ଼ଜାତ ପ୍ରଥା ବିରୋଧରେ ଆନ୍ଦୋଳନ ଓ ସେ ଆନ୍ଦୋଳନରେ ଜନତାର ଉଦ୍‌ଭ୍ରାନ୍ତ ଉନ୍ମାଦ, ଯାହାର ପରିଣାମ ବ୍ରିଟିଶ ସୈନ୍ୟବାହିନୀର ମେଜର ଶ୍ରେଣୀ ଜଣଙ୍କର ହତ୍ୟା । ମେଜର ବେଜେଲ ଗେଟ୍ ମୋର ଜଣେ ସୁପରିଚିତ ବନ୍ଧୁ-ଥିଲେ ଓ ବ୍ୟକ୍ତି ହିସାବରେ ତାଙ୍କର ବହୁ ସଦ୍‌ଗୁଣ ଥିଲା ଓ ସେ ଧୀର ପ୍ରକୃତିର ଲୋକ ମଧ୍ୟ ଥିଲେ । ତାଙ୍କର ହତ୍ୟାର ଅଳ୍ପ ସମୟ ପରେ ମୋର ସେ ଘଟଣାସ୍ଥଳ ଠି ପହଞ୍ଚିବାର ଯୋଗ ମଧ୍ୟ ଘଟିଥିଲା । ତାଙ୍କ ହତ୍ୟାପରାଧରେ ମୋତେ ଲିପ୍ତ କରିବାର ଉଦ୍ୟମ ମଧ୍ୟ ହୋଇଥିଲା । ମାତ୍ର ମୋର ଅନ୍ତରଙ୍ଗ ବନ୍ଧୁ ମିସ୍ ଅଗାଥା ହ୍ୟାରିସନ୍‌ଙ୍କ ଉଦ୍ୟମରେ ମୁଁ ସେଥିରୁ ମୁକ୍ତ ହୋଇଥିଲି । ସେତେବେଳକାର ରଣପୁର ଦରବାରର

କର୍ମକର୍ତ୍ତାମାନେ ଯେ ଲୋକ ହିସାବରେ କେହି ନିଷ୍ଠୁର ବା ଅପାରଗ ଥିଲେ ତା ନୁହେଁ । ସେମାନେ ମଧ୍ୟ ନିଜ ବିଚାର ଅନୁସାରେ ନିଜର କର୍ତ୍ତବ୍ୟ ସମ୍ପାଦନ କରୁଥିଲେ । ରଣପୁରର ଜନତା ଯେ ହିଂସ୍ର ଓ ନିଷ୍ଠୁର ଥିଲେ ତା' ମଧ୍ୟ ନୁହେଁ । ସେମାନେ ସରଳ ଗ୍ରାମବାସୀ ନିରାଶାର ଅନ୍ଧକାର ଭିତରରେ ଆଜୀବନ ବାସ କରି ଶେଷରେ ଆଶାର ଆଲୋକର ସନ୍ଧାନ ପାଇଥାନ୍ତି ମାତ୍ର । ଆଜି ଦୂରରୁ ସେ ସମୟର ଆନ୍ଦୋଳନକୁ ଦୃଷ୍ଟିପାତ କରି କୌଣସି ବ୍ୟକ୍ତି ବିଶେଷଙ୍କୁ ଦୋଷ ଦେଇ ହେବ ନାହିଁ । ଏକ ପ୍ରଥା ଏକ ଅବସ୍ଥା ବିରୋଧରେ କାଳ ଗତିରେ ମନୁଷ୍ୟ ମତ ଓ ରୁଚିର ଅଭିଯାନ । ଏହାହିଁ ସେ ସମୟର ବାସ୍ତବିକ [illegible]ଣା । ସେହି ସମୟର ଚିତ୍ରକୁ ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର ନାଟକ ଆକାରରେ ଅଙ୍କନ କରିଛନ୍ତି । ଅତି ନିକଟ ଅତୀତର ଘଟଣା । ତତ୍‌ସଂପୃକ୍ତ ବହୁ ବ୍ୟକ୍ତି ବିଶେଷ ବର୍ତ୍ତମାନ ଜୀବିତ ଓ କର୍ମକ୍ଷମ ଅଛନ୍ତି । ପ୍ରାୟ ସମସ୍ତେ ଅବସ୍ଥାଚକ୍ରରେ ନିଜର ମତ ଓ ମନ ମଧ୍ୟ ବଦଳାଇ ଦେଇ ସାରିଛନ୍ତି । ଏହି ପରିସ୍ଥିତିରେ ହୁଏତ ନାଟକଟି କେତେକଙ୍କୁ ଅପ୍ରିୟବୋଧ ହେବ । ସଦ୍ୟ ଘଟଣା ନେଇ ଲେଖା ତତ୍କାଳ ସାହିତ୍ୟ ନାମରେ ପରିଚିତ । କେବଳ ସେ ଦୃଷ୍ଟିରୁ ତତ୍କାଳ ସାହିତ୍ୟ ମଧ୍ୟ ନୁହେଁ । କାରଣ ଘଟଣାଟି ସମ୍ପୂର୍ଣ୍ଣ ସଦ୍ୟ ବା ପ୍ରାଚୀନ ମଧ୍ୟ ନୁହେଁ । ଏହି ବିଚାରଟିକୁ ଛାଡ଼ିଦେଇ ଲେଖକଙ୍କ ଲେଖା ବିଚାର କରିବାକୁ ହେବ । ସାହିତ୍ୟ ହିସାବରେ ଲେଖାଟି ସୁନ୍ଦର ଓ ସୁନ୍ଦର ଭାବରେ କଳ୍ପିତ ଭବିଷ୍ୟତ ପାଇଁ ଏ ଲେଖାଟି ଏକ ବିପ୍ଳବାତ୍ମକ ଯୁଗର ସଙ୍କେତ ସ୍ୱରୂପ ଓଡ଼ିଆ ସାହିତ୍ୟରେ ରହିବ ଏଥିରେ ସନ୍ଦେହ ନାହିଁ ।

ତା ୧୦।୨।୧୯୫୪ — ଶ୍ରୀ ହରେକୃଷ୍ଣ ମହତାବ

# ଲେଖକର ନିଜ କଥା

ସେ ପ୍ରାୟ ୧୯୩୯ ମସିହା ଜାନୁୟାରୀ ୬ କିମ୍ବା ୭ ତାରିଖର ଏକ ସକାଳ । ବାଣପୁର ହାଇସ୍କୁଲର ବନ ବିଦ୍ୟାଳୟର ସହକାର କୁଞ୍ଜରେ ଆମର ପଢ଼ା ହେଉଥାଏ । ସକାଳର ନାଲି ନାଲି ସୂର୍ଯ୍ୟ କିରଣ ପୃଥିବୀର ଘାସ ଶେଯରେ ଲୋଟି ଯାଇଥିଲା । ମାଟ୍ରିକ୍ୟୁଲେସନ ନବମ ଶ୍ରେଣୀର ଛାତ୍ର ମୁଁ । ହଠାତ୍ ଶିକ୍ଷକ ଶ୍ରେଣୀ ଭିତରେ ପଶି ଆସି କହିଲେ, "ରଣପୁରରେ ବିପ୍ଳବ ।"

ପୁଣ ପୁନଅଁ ଜାନୁୟାରୀ ୫ ତାରିଖ ସନ୍ଧ୍ୟାରେ ଓଡ଼ିଶା ଗଡ଼ଜାତ ସମୂହର ପଲିଟିକାଲ ଏଜେଣ୍ଟ ମେଜର୍ ବେଜଲଗେଟ୍ ରଣପୁର ଗଡ଼ରେ ପ୍ରାଣ ହରାଇଥିଲେ ।

ରାତି ରାତି ରଣପୁରବାସୀ ଘରଦ୍ୱାର ଶୂନ୍ୟ କରି କାଏ କୁଆଡ଼େ ପ୍ରାଣ ବିକଳରେ ନିକଟ ଖାସମାହାଲ ଅଞ୍ଚଳକୁ ଚାଲି ଯାଇଥିଲେ ।

ଏହା ପରେ ରଣପୁର ସୀମା ସିକୋ ଅଞ୍ଚଳକୁ ମୁଁ ଲୁଚି ଲୁଚି ଗଲି । ସେଠାରେ ଆମର ବନ୍ଧୁ-ବାନ୍ଧବ, ସାହି ପଡ଼ିଶା ଲୋକଙ୍କୁ ଶରଣାର୍ଥୀ ଅବସ୍ଥାରେ ଦେଖି କାନ୍ଦି ପକାଇଲି । ସମସ୍ତେ କହୁଥାନ୍ତି, "ରଣପୁର ଫେରିବେ ନାହିଁ । ସାହେବ ମରିଛି । ସରକାର ଧରି ରଣପୁର ଜାଳି-ପୋଡ଼ି ଦେବ ।" ସିକୋରୁ ଗୋମେଶ୍ୱର ବାଟେ ଦେଇ ନରସିଂହପୁରଠାରୁ ଜାକୁପଡ଼ା ଗଲି । ସେ ଦିନ ରାତିରେ ପୋଲିସ ମୋତେ ବହୁତ ଜେରା କରିଥିଲେ ।

ସାହେବ ମଲା । ତା ପଛେ ପଛେ ରଣପୁରର ଦୁଇଜଣ ଫାଶୀ ଖୁଣ୍ଟରେ ଠିଆ ହେଲେ । ଅନ୍ୟ ବହୁ କର୍ମୀ ଜେଲ ଦଣ୍ଡ ଭୋଗ କରିଥିଲେ । ଏହି ସାହେବ ହତ୍ୟା ବଗୃର ବେଳେ ରଣପୁର ଅମଲାମାନେ ଯେଉଁ ଅତ୍ୟାଚାର କରିଛନ୍ତି ତାହା ବର୍ଣ୍ଣନାତୀତ ।

ଲାଞ୍ଛି ମିଛ, ନାଇ ବେତ, ଘୋଷରା ପାହାର, ଜେଲ ଜୋରିମନା, ବେଠି ବେଗାରି ଯେଉଁଠି ଅଛି ଥିଲା; ସେଠି ଦିନେ ଦେଶର ସ୍ୱାଧୀନତା ଯଜ୍ଞ ବେଦୀରେ ରଘୁ ମହାନ୍ତି ଓ ଦିବାକର ପରିଡା ଆହୁତି ହେଲେ ।

ଏହା ପରେ ୧୯୪୭ ବେଳକୁ ଗଡ଼ଜାତମାନଙ୍କରେ ପ୍ରଜାମଣ୍ଡଳର ଦ୍ୱିତୀୟ ପ୍ରସ୍ଥ ଆନ୍ଦୋଳନ ଘନେଇ ଉଠିଲା । ରଣପୁରରେ ସେତେବେଳେ ଦରବାରର ପ୍ରହସନ ଚାଲିଥାଏ । କଲେଜ ଛାତ୍ର ମୁଁ ଏହି ଗଡ଼ଜାତ ଆନ୍ଦୋଳନରେ ଯୋଗଦାନ କଲି । ଅନ୍ୟାନ୍ୟ ଗଡ଼ଜାତରେ ଏହି ପ୍ରଜାମଣ୍ଡଳ ଆନ୍ଦୋଳନ ଅଧିକ ଦୃଢ଼ତର ହେଲା ।

ତଥାପି 'ପ୍ରଜାମଣ୍ଡଳ'ର ବଳ ପରୀକ୍ଷା ପାଇଁ ଦରବାର ଶାସନ ୧୯୪୭ ମସିହାର ଗୋଟାଏ 'ଭୋଟ' ଆରମ୍ଭ କଲେ । ଭୋଟରେ ଆମର ପ୍ରଜାମଣ୍ଡଳ ପ୍ରାର୍ଥୀମାନେ ଜୟ ଲାଭ କଲେ । ତଥାପି ଦରବାର ଏଥର ଏପଟ ସେପଟ କରି ହଟ ଗମଟ କଲେ । ଏହା ପରେ ଗଡ଼ଜାତ ମିଶ୍ରଣ ହୋଇଗଲା ।

ରଣପୁର ଗଡ଼ଜାତର ଏହି ବିପ୍ଳବାତ୍ମକ ଇତିହାସକୁ କେନ୍ଦ୍ରକରି "ବୋଇଲଗେଟ୍ ଓ ରଘୁ ଦିବାକର" ନାଟକଟି ଲିଖିତ । ନାଟକଟି ଅନେକଦିନରୁ ଲେଖି ସାରିଥିଲି । ମାତ୍ର ଉପଯୁକ୍ତ ଅର୍ଥାଭାବ ବଶତଃ ପ୍ରକାଶିତ ହୋଇ ପାରୁ ନଥିଲା ।

ଏବେ "ପ୍ରଜାତନ୍ତ୍ର ପ୍ରଚାର ସମିତି" ପୃଷ୍ଠପୋଷକତା ଦେଖାଇ 'ନାଟକଟି' ପ୍ରକାଶ କରୁଥିବାରୁ ମୁଁ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଉଛି ।

ଓଡ଼ିଶାର ବରିଷ୍ଠ ଐତିହାସିକ ସାହିତ୍ୟିକ ଏବଂ ପ୍ରଧାନ ଜନନାୟକ ଡକ୍ଟର ହରେକୃଷ୍ଣ ମହତାବ ତାଙ୍କର ବହୁ ମୂଲ୍ୟବାନ ସମୟ ବ୍ୟୟରେ ଏହି ଗ୍ରନ୍ଥର 'ପରିଚୟ' ଲେଖି ଦେଇଥିବାରୁ ମୁଁ ତାଙ୍କୁ ହୃଦୟର କୃତଜ୍ଞତା ଜଣାଉଛି ।

'ଗଡ଼ଜାତ' ମାନଙ୍କର ବୈପ୍ଳବାତ୍ମକ ଇତିହାସ ଏ ପର୍ଯ୍ୟନ୍ତ ଲେଖା ଯାଇନାହିଁ । 'ଢେଙ୍କାନାଳଗଡ଼' ଓ ରଘୁ ଦିବାକର, ସେହି ବିରାଟ ଇତିହାସର ଛିନ୍ନ ପତ୍ରରୂପେ ଯଦି କେଉଁ ସାହିତ୍ୟିକ ବା ଐତିହାସିକକୁ ସାହାଯ୍ୟ କରିପାରେ ତାହାହେଲେ ଲେଖକ ନିଜର ଶ୍ରମ ସାର୍ଥକ ମନେ କରିବ । ନାଟକୀୟ ପରିକଳ୍ପନାରେ କେତେକ ସ୍ଥାନରେ ନିଚ୍ଛକ ଇତିହାସର ବ୍ୟତିକ୍ରମ କରାଯାଇଅଛି ।

ବହିରେ ଦେଖା 'ଯାଇଥିବା' ମୁଦ୍ରଣ ତ୍ରୁଟି ପାଠକମାନେ କ୍ଷମା କରିବେ ବୋଲି ଆଶା ।

ପରିଶେଷରେ ଏହି ନାଟକ ମୁଦ୍ରଣରେ ପ୍ରକାଶନ ପ୍ରେସର ପରିଚାଳକ ଶ୍ରୀଯୁକ୍ତ ବିଶ୍ୱମ୍ଭର ପରିଡ଼ାଙ୍କ, ବ୍ୟକ୍ତିଗତ ଉତ୍ସାହ ଓ ସହାନୁଭୂତି ନିମିତ୍ତ ଲେଖକ ତାଙ୍କ ନିକଟରେ ଋଣୀ ।

୨୭।୧୧।୧୯୫୪
କଟକ

ଶ୍ରୀ ଗୋପାଳଚନ୍ଦ୍ର ମିଶ୍ର
ଅଧ୍ୟାପକ, ରେଭେନ୍ସା କଲେଜ

# କୃତଜ୍ଞତା

ମୋର ବନ୍ଧୁ, ରଣପୁର ଆନ୍ଦୋଳନର ସହକର୍ମୀ, କବି ଗୋପାଳ ଚନ୍ଦ୍ର ମିଶ୍ରଙ୍କ ବିଦ୍ରୋହୀ ଲେଖଣୀରୁ ଏଥି ପୂର୍ବରୁ 'ବିଦ୍ରୋହୀ ଦିବାକର' କବିତା ଗ୍ରନ୍ଥ ପ୍ରକାଶିତ ହୋଇଛି—ରଣପୁରର ଜନସାଧାରଣ ଏପର୍ଯ୍ୟନ୍ତ ସହୃଦ୍ ରଘୁ ମହାନ୍ତି ଓ ଦିବାକର ପରିଡ଼ାଙ୍କର ସ୍ମୃତି ରକ୍ଷା ପାଇଁ କିଛି କରିପାରି ନାହାନ୍ତି । ରଣପୁରର ଜଣେ ସାଧାରଣ ନାଗରିକ ଓ ଦେଶ-ପ୍ରେମୀ ହିସାବରେ ବନ୍ଧୁ ମିଶ୍ରଙ୍କର ସହୃଦ୍‌ମାନଙ୍କ ପୂଜା ବେଦୀରେ ପ୍ରଥମ ଅର୍ଘ୍ୟ 'ବିଦ୍ରୋହୀ ଦିବାକର' ଓ ଦ୍ୱିତୀୟ ଏଇ ବେଜଲଟଗଠ୍ ।'

୧୯୩୮ ମସିହା ଓଡ଼ିଶାର ଅଧିକାଂଶ ଗଡ଼ଜାତମାନଙ୍କରେ ପ୍ରଜା ବିକ୍ଷୋଭ ଦେଖା ଦେଇଥାଏ । ରଣପୁରରେ ମଧ୍ୟ ସେଇ ବିକ୍ଷୋଭ ଦେଖା ଦେଲା ପ୍ରଜାମଣ୍ଡଳ ନେତୃତ୍ୱରେ—ସେତେବେଳେ ରଜାଙ୍କ ଅଗରେ ମାଛି ପଡ଼ିଲେ ନବ ଖଣ୍ଡ ହେଉଥାଏ । ଗର୍ଭିଣୀ ଗାଈ ବାଡ଼ି ଛାଡ଼ି ଦେଉଥାଏ—ପାରିଧି ବେଠିରେ ପ୍ରଜାକୁଳ ହନ୍ତସନ୍ତ ହେଉଥାନ୍ତି । ଏଇ ପାରିଧି ବେଠିମାନଙ୍କରେ ରଣପୁରର କେତେ ଝିଅ ବୋହୂଙ୍କର ମୁଣ୍ଡରୁ ସିନ୍ଦୂର ଲିଭିଛି ଓ ହାତରୁ ଶଙ୍ଖା ଭାଙ୍ଗିଛି ତାର କଳନା ନାହିଁ —ତାର ଉତ୍ତର କେବଳହିଁ ପ୍ରେତ ପୁରୀରୁ ସେମାନଙ୍କର ପ୍ରେତାତ୍ମା ଦେବେ । ରଣପୁରର ଆମ୍ବ ତୋଟା, ପୋଖରୀ, ଗାଈଅ ସବୁ ରଜାଙ୍କର । ସର୍ବୋପରି ରଜାଙ୍କର ହାତୀ କଳସ ତଳା କେତେ ଜଣଙ୍କର ଦୌରାତ୍ମ୍ୟ —ସାହାଯ୍ୟ ପାଇଁ ଲାଞ୍ଚ ମିଛର ଶେଷ ସୀମା ଟପିଥାଏ ।

ଏଇ ସମସ୍ତ ଅତ୍ୟାଚାରର ରଣପୁରର ନିଷ୍ପେଷିତ ଜନସାଧାରଣ ଆଉ ବରଦାସ୍ତ କରି ପାରିଲେ ନାହିଁ । ଗୃନ୍ଦପୁରର ଦଶଦୋଳ ପଡ଼ିଆରେ ଗଠିତ ହେଲା ପ୍ରଜାମଣ୍ଡଳ, ରଘୁ ମହାନ୍ତି ଏବଂ ଦିବାକର ପରିଡ଼ା ପ୍ରଭୃତିଙ୍କ ଉଦ୍ୟମରେ । 'ରଣପୁର ପ୍ରଜାମଣ୍ଡଳ କି ଜୟ' 'ମହାତ୍ମା ଗାନ୍ଧିକି ଜୟ' 'ହୁକୁମିଠା ଶାସନ ଧ୍ୱଂସ ହେଉ' ଶବ୍ଦରେ ମଣିନାଗ ପାହାଡ଼ କମ୍ପି ଉଠିଲା ।

ଶ୍ରୀଯୁକ୍ତ ମହତାବ ସେତେବେଳେ ରଣପୁର ଆନ୍ଦୋଳନକୁ ପ୍ରେରଣା ଓ ନେତୃତ୍ୱ ଦେଉଥାନ୍ତି । ହଠାତ୍ ଦିନେ ୧୯୩୯ ମସିହା ଜାନୁୟାରୀ ୫ ତାରିଖରେ ରଣପୁର ଗଡ଼ରେ ଶାନ୍ତିପୂର୍ଣ୍ଣ ଜନସାଧାରଣ

ସଭା କରୁଥିବା ଅବସ୍ଥାରେ ତତ୍କାଳୀନ ପଲିଟିକାଲ ଏଜେଣ୍ଟ ମେଜର ବେଜଲଗେଟ ପୋଲିସ ଫଉଜ ନେଇ ପହଞ୍ଚିଲେ ।

ବେଜଲଗେଟଙ୍କ ଆସିବା ରାସ୍ତାରେ ଦୁଇଜଣ ଲୋକଙ୍କୁ ଆଘାତ କରାଯାଇ ଥାଏ । ଫଳରେ ଇତିହାସ ସୃଷ୍ଟି ହେଲା ।

ସାହେବଙ୍କ ମୃତ୍ୟୁପରେ ମହତାବ ରଣପୁର ଗଡ଼ଠାରେ ପହଞ୍ଚିଲେ କିନ୍ତୁ ସେତେବେଳକୁ କଥା ସରିଯାଇଥିଲା । ରଣପୁରର ଲୋକ ଖୋର୍ଦ୍ଧା ଖାସମାହାଲକୁ ପଳାଇବାକୁ ଆରମ୍ଭ କରିଦେଇଥିଲେ । ପୋଲିସ ତଦନ୍ତ ଚାଲିଲା । ଦୁଇଜଣ ନିର୍ଦ୍ଦୋଷ ଲୋକ ରଘୁନାଥ ଓ ଦିବାକରଙ୍କ ବେକରେ ସେମାନଙ୍କ ଜନ୍ମମାଟି ବନ୍ଧୁ ବାନ୍ଧବଙ୍କ ଠାରୁ ଦୂରରେ ଫାଶୀ ଲଗାଇ ଦିଆଗଲା । ହଜାରିବାଗ ଜେଲରେ ଉଭୟଙ୍କୁ ୧୯୩୯ ମସିହା ମେ ମାସ ୯ ତାରିଖରେ ଫାଶୀ ଦିଆଗଲା । ରଘୁନାଥ ଜନ୍ମ ଗ୍ରହଣ କରିଥିଲେ, ୧୯୧୦ ମସିହା ଅଷାଢ଼ ଶୁକ୍ଳପକ୍ଷ ଏକାଦଶୀ ଦିନ ଓ ଦିବାକର ଜନ୍ମଗ୍ରହଣ କରିଥିଲେ ୧୯୧୮ ମସିହା ମାର୍ଗଶୀର ମାସ ପ୍ରଥମ ଗୁରୁବାର ଦିନ ।

କିନ୍ତୁ ଆନ୍ଦୋଳନକୁ ମାରି ଦିଆଯାଇ ପାରିଲା ନାହିଁ—ରାଜାଙ୍କର କୁଳବଧୂଙ୍କ ଶାସନ କାଳରେ—ପ୍ରଜା ଆନ୍ଦୋଳନ ଆଉ ଥରେ ଘନେଇ ଆସିଲା । ମୁଁ ଏବଂ ବନ୍ଧୁ ଗୋପାଳଚନ୍ଦ୍ର ମିଶ୍ର କଲେଜ ଛାଡ଼ି ଏଥିରେ ଯୋଗଦାନ କଲୁ । ନୂଆ ରଣକୌଶଳରେ ପ୍ରଜାମଣ୍ଡଳ ଆନ୍ଦୋଳନକୁ ଭାଙ୍ଗିବାକୁ ଚେଷ୍ଟା ହେଲା, କିନ୍ତୁ ବିଫଳ ହେଲା । ବ୍ରିଟିଶ ସରକାର ଏ ଦେଶରୁ ଅପସରି ଗଲା । ସାମନ୍ତବାଦ ଲୁପ୍ତ ହେଲା, ଦେଶ ସ୍ୱାଧୀନ ହେଲା । ରଣପୁରର ଇତିହାସ ପୂରାପୂରି 'ବେଜଲଗେଟ' ନାଟକରେ ଫୁଟି ପାରିନାହିଁ । ଏକ ନାଟକରେ ଏ ସମସ୍ତ ଫୁଟିବା ମଧ୍ୟ ସମ୍ଭବ ନୁହେଁ । କିନ୍ତୁ ଏ କଥା ନିଶ୍ଚୟ ଯେ 'ବେଜଲଗେଟ' ନାଟକ ରଣପୁରର ଅତୀତର ଗୌରବମୟ ଇତିହାସର ଏକ ସ୍ୱର୍ଣ୍ଣମୟ ପୃଷ୍ଠା । ସେଥିପାଇଁ ମୁଁ ମୋର ବନ୍ଧୁ ଗୋପାଳଚନ୍ଦ୍ର ମିଶ୍ରଙ୍କୁ ଧନ୍ୟବାଦ ଜଣାଉଛି ।

ତା ୩୧।୧୨।୧୯୫୭ — ଶ୍ରୀ ରାମଚନ୍ଦ୍ର ରାମ, ଆଡ୍‌ଭୋକେଟ
ଚାଲିଗଳି, କଟକ

# ନାଟକୋଲ୍ଲିଖିତ ଚରିତ୍ରଗଣ

## —ପୁରୁଷ—

ରଘୁନାଥ—ବିଦ୍ରୋହୀ ନେତା

ଦିବାକର ,,

ମେକେଜେଲ୍‌ଗେଟ—ପଲିଟିକାଲ ଏଜେଣ୍ଟ

ଦେଓ୍ୟାନ—ଫଗୁ ମହାନ୍ତି

ମେଂଜର—ଗୋପୀବାବୁ

ପୋଷ୍ଟ ମାଷ୍ଟର—ହଳଧର ବାବୁ

ଦାରୋଗା—ଶ୍ୟାମବନ୍ଧୁ

ଲୁବାନଖାଁ—

କ୍ଷେତ୍ରବାସୀ ବଗଲ—

କପିଳ,

ଅଜଲେଙ୍କ

ଗ୍ରାମ୍ୟଯୁବକ—ନୀଳ, ବାମ, ସହଦେବ, ରତ୍ନାକର, ବେନୁଆ

ବୃଦ୍ଧରାଜା

ବଳବନ୍ତରାୟ

## ପ୍ରଜାମଣ୍ଡଳ କର୍ମୀ ପ୍ରଭୃତି

## ନାରୀ

କମଳା—

ଲୁନ୍ନା—

କରଣୀ

ଲବଙ୍ଗଦେବୀ—ପ୍ରଭୃତି

# ପ୍ରଥମ ଅଙ୍କ

## ପ୍ରଥମ ଦୃଶ୍ୟ

[ ଦେଓ୍ୱାନ ଫଗୁ ମହାନ୍ତି, ମଛୀମାଲ ପିଣ୍ଡ ବସିଛନ୍ତି । ଦେଓ୍ୱାନଙ୍କ ବଙ୍ଗଳା; ସାଜସଜ୍ଜା ସବୁ ପାଶ୍ଚାତ୍ୟ ଧରଣର,···ପଶା ଖେଳ ଚାଲୁଛି; ରେଞ୍ଜର ଫରେଷ୍ଟ ଗୋପୀନାଥ, ପୋଷ୍ଟମାଷ୍ଟର ହଳଧର ମହାନ୍ତି, ଦାରୋଗା ଶ୍ୟାମବନ୍ଧୁ ମହାନ୍ତି ପ୍ରଭୃତିଙ୍କ ଗହଣରେ, ଘରଟି ବିଳାସର ଆଡ଼ମ୍ବର ପରିପାଟିରେ ପୂର୍ଣ୍ଣ । ]

ଦେଓ୍ୱାନ ଫଗୁ ମହାନ୍ତି—(ପଶା କାଟି ପକାଇ) କହେ ପୁଅ ବାବୁ···

ଫରେଷ୍ଟର ଗୋପୀ ବାବୁ—ହେଲଟି ପଣ୍ଡାଲରେ···

ପୋଷ୍ଟମାଷ୍ଟର—ପନ୍ଦରେ, ( ହାତ ପାଟି କରି ପାଶାଖେଳ ଭିତରେ ) ଆଜ୍ଞା, (ଦେଓ୍ୱାନଙ୍କୁ ଲକ୍ଷ୍ୟ କରି) ଏବେ ଗୃହଦାନ ହେଲା ଡାକ ଦେବଙ୍କୁ ପନ୍ଦର ଶହ ଟଙ୍କା ଆସିଛି ।

ଦେଓ୍ୱାନ—କାହାର, କାହାର···

ପୋଷ୍ଟମାଷ୍ଟର—ଜଟିପୁର ଚନ୍ଦ୍ରାମଣି ନାହାକର ଆଠ ଶହ ଆଉ ବସୁଲିଆ, କେନ୍ଦୁପଲ୍ଲୀ, ନରସିଂହପୁର, ଗୋପାଳପୁର ଗାଁର କାହା କାହା ନାଁରେ ସବୁ ଆସିଛି ······

ଦେଓ୍ୱାନ—ରେଞ୍ଜରଙ୍କୁ ପଚାର (ହସଠା ହସି)

ରେଞ୍ଜର—ଆଜ୍ଞା ସେ କଣ ବଦଳାଇ ନିବ...

ଦାରୋଗା—ଆଜ୍ଞା ମୁଁ ସବୁ ଠିକ୍ କରି ଦେଉଛି······

( ପଶା ଖେଳ ଚାଲୁଥାଏ, ପାନ, ଗନ୍ଧ ଚନ୍ଦନ ଫୁଲମାଳ ଆସି ଥୁଆ ହୋଉଥାଏ ।)

ଦେଓ୍ୱାନ—ଦେଖ ହଳଧର ବାବୁ, ଯେମିତି ପଇସାଟାଏ କେଉଁଠୁ ନ ପାଆନ୍ତି ।

୧ମ ବ୍ୟକ୍ତି — ବାବୁ, କେତେଠା ଗଛ,

କୁର୍ବାନ ଖାଁ — ଅରେ ବାଙ୍ଗଡ଼ାପାକ ପଡ଼ୁ, ପାଲଗଦା ଠିଆ ହୋଇଛି, ସେଇଁଠି ଯାହା ଲଗେଇ ଦିଅ............

୨ୟ ବ୍ୟକ୍ତି — (ମାଟି ଖୋଳି ଗାତ କରିବା)

ପ୍ରଥମ ବ୍ୟକ୍ତି — ଖାଲି ଗଛ ଲଗାଇବା ନା ଆଉ କଣ କରିବା ବାବୁ...

କୁର୍ବାନ୍ ଖାଁ — ଅରେ ବେଇମାନ, କେତେ ଫଠାଉଛୁ ? ଗଛ ତ ଲଗିବ, ଆଉ କଣ ତୁ ଝୁମ୍ପା ଝଙ୍କି ଦେବୁ ।

ପ୍ରଥମ ବ୍ୟକ୍ତି — (ଦ୍ୱିତୀୟ ବ୍ୟକ୍ତିକୁ) ଅରେ ପାଟି କରନା —

୨ୟ ବ୍ୟକ୍ତି — କାହିଁକି ? କିଏ ଅଛି କି ?

କୁର୍ବାନ ଖାଁ — ଅରେ ଏ ବଗିଚାରେ । କାନ୍ଥରେ ମଧ୍ୟ କାନ ଅଛି । ତୁ କଣ ଜାଣିଚୁ । ଏହି ନିମକହାରାମର ପୁଅ, କଂଗ୍ରେସ କରୁଚି ।

ପ୍ରଥମବ୍ୟକ୍ତି — ଅହେ, କଂଗରସ ଫଂଗରସ କରୁଛି କରୁ । ରସଟିକେ ନାଗିବ ସେ — ପୁଅଠ

୨ୟ ବ୍ୟକ୍ତି — (ଦୁଇ ଗୁଡ଼ିଏ ଗଛ ପୋତି ସାରି) ଆଉ କଣ ପୋତା ହେବ ?

କୁର୍ବାନ ଖାଁ — ନାହିଁ, ଆଉ ଅନ୍ୟ କାମ ଅଛି.........ଦେଖେ ଦାମା ତୁମେ ଦୁ'ଜଣ ଏହି ପାଖ ବଣକୁ ଯାଅ । ଗୁଡ଼ାଏ କାଠ କୋଳି ଗଛ ମୂଳେ ପଡ଼ିଛି । ତାକୁ ଜଲଦି ଜଲଦି ଆଣି ଏଠି ପକାଇ ଦିଅ । ପାଲଗଦା ତଳେ ଲୁଚେଇ ଦେବ । ଯେମିତି କେହି ଜାଣି ମ:ରିବେ ନାହିଁ ।

୨ୟ ବ୍ୟକ୍ତି — ବାବୁ, କିଏ କଣ କହିବ ? (କାନ କୁଣ୍ଡାଇ କୁଣ୍ଡାଇ)

କୁର୍ବାନ ଖାଁ — କଣ କହିଲୁ, କିଏ କଣ କହିବ । ଅରେ କୁର୍ବାନ ଖାଁ ଜମାଦାର ଫଗୁମହାନ୍ତି ଦଅନକୁ, ଶ୍ୟାମବନ୍ଧୁ ମହାନ୍ତି ଦାରୋଗା । ଶ୍ୟାମବନ୍ଧୁ ମହାନ୍ତି ଦାରୋଗାକୁ କୁର୍ବାନ ଖାଁ ଜମାଦାର । ଅରେ କୁର୍ବାନ ଖାଁ ଜମାଦାରକୁ ଆଉ ସବୁ ଲଗାଲଗି........

୨ୟ ବ୍ୟକ୍ତି — ଆଜ୍ଞା ଚଉଦକୋଶ ରଣପୁର ମଣ୍ଡିଏ । ଟିକିଏ ଏଡ଼ିଲେ ନବେ ଖଣ୍ଡ ହେବ । ଏ ପୃଥୀ ସହଜ ପୃଥୀ ନୁହେଁ । ଏ ଲୋକଗୁଡ଼ାକ ମେଳିଅ — ଜାଣିଥାନ୍ତୁ ହଜୁର ଏଗୁଡ଼ାକ ମେଳିଅ —

କୁର୍ବାନ ଖାଁ — ଆରେ କୁର୍ବାନ ଖାଁକୁ ତୁ ପାଠ ପଢ଼ାଉଛୁ । କେତେ ହାକିମ ହୁକୁମାଙ୍କୁ କୁର୍ବାନ ଖାଁ ଦେଖିଛି ।

୨ୟ ବ୍ୟକ୍ତି — ଅଜ୍ଞା, ଖାସମାହାଲଠୁଁ ଏ ଟୋକ ବଳ ପଢ଼ିବ ।

ପ୍ରଥମ ବ୍ୟକ୍ତି — ଆରେ ଜମାଦାର ବାବୁଥିଲେ ସବୁ ଅଛି । ହାକିମ ନା ହାକିମ, ସେତ ଆମପରି ମଣିଷ ।

୨ୟ ବ୍ୟକ୍ତି — ଆରେ କିଏ ଧରିବ ଯାଦ ।

କୁର୍ବାନ ଖାଁ — ତୁ କହୁଛୁ କୁର୍ବାନ ଖାଁ — ଜମାଦାର ସାହେବଙ୍କର ହୁକୁମ ।

୧ମ ବ୍ୟକ୍ତି — ନାହିଁ ଏକଥା କାହାକୁ କହିବାକୁ ହେବ ନାହିଁ ।

କୁର୍ବାନ ଖାଁ — ସେ କଥା କଣ ସେ ବୁଝୁଛି । ଜାଣେ କୁର୍ବାନ ଖାଁର କେତେ ମହିମା, ତା ନାଁ ଶୁଣିଲେ…

ପ୍ରଥମ ବ୍ୟକ୍ତି — ଗର୍ଭିଣୀ ଗାଈ ବାଛୁରି ଛାଡ଼ିବ !

୨ୟ ବ୍ୟକ୍ତି — ବାବୁ ମୁଁ କଣ କହୁଛି, ତମେ ବଡ଼ ବଡ଼ିଆଙ୍କୁ ସବୁ ପାର । ଆମେତ ମଲା ମୁଣ୍ଡିଆ ।

କୁର୍ବାନ ଖାଁ — କିଏ ନ କୁର୍ବାନ ଖାଁ ଥିଲା ତଳ, ତମକୁ କଥା କହିବାକୁ କାହାର ସାହସ ଅଛି ।

୧ମ ବ୍ୟକ୍ତି — ଠିକ୍ କଥା, କୁର୍ବାନ ଭାଇଥିଲେ —

୨ୟ ବ୍ୟକ୍ତି — ଜାନୁ ଭାଇ, ଅସମୟରେ ଭାଇଙ୍କୁ… ତାଙ୍କ ରୂପ ହଳଦୀ ପାଣିରେ ଦେଖିବାକୁ ମିଳିବନି ସେ… ।

କୁର୍ବାନ ଖାଁ — ଆରେ ହେ । କୁର୍ବାନ ଖାଁ ରାଜାଙ୍କୁ ତ ଜବାବ ଦେଇଛି । ଦିଆନ, ଦାରୋଗାତ ଦେଖିଲେ ଖୁସି —

ପୁଣି କୁର୍ବାନ ଥାଉଁ ଥାଉଁ ତମକୁ କିଏ ମାରିବ, ଧମକାଇବ । ଜଣପୁରିଆ ? ପିଠିରେ କହିଁତ ଖୋଲପା ବାଛି ସଳ ହୁଅନ୍ତୁ । ମାଡ଼ ଖାଇଲେ ଠିକଣା ହେବେ ସେ ।

୧ମ ବ୍ୟକ୍ତି — ଏମିତ କ'ଣ ସମୟ ମିଳ ? ରାତି ପାହିଲେ ପୁଣି ସାନଗଡ଼ ହାଟ ଅସୁଲକୁ ମିବାକୁ ହେବଟି ।

କୁର୍ବାନ ଖାଁ — ଯାଅ, ଚଞ୍ଚଳ ଯାଅ । କାଠ ଆଣି ପକାଇ ସାରିଲେ, ସବୁ ଥାନାକୁ ଫେରିଯିବା ।

(ପ୍ରଥମ ଓ ଦ୍ୱିତୀୟ ବ୍ୟକ୍ତି ଫେରିଯିବା, କୁର୍ବାନ ବସି ପିକା ଟାଣିବା)

କୁର୍ବାନଖାଁ—(ସ୍ୱଗତ) ଏଇଥର ବଗିଲ ପୁଅ ଉତ୍ତମ ମଧ୍ୟମ ଜାଣି ପାଇଯିବ, ଏଠା ଖୋଦ୍ କୁର୍ବାନର କାରମଣ୍ଡ ଯେ ।

(ଏହି ସମୟରେ କାଠ ଆଣି ଦୁଇଜଣଯାକ ରଖିଲେ । କାଠଟାକୁ ମାଟି ଖୋଳି ସେହି ବାଡ଼ରେ ପୋତିଦେଲେ । ବଡ଼ି ସାବଧାନତା ସହ )

କୁର୍ବାନ ଖାଁ—ସବୁ ସରିଲା ?

୧ମ ବ୍ୟକ୍ତି—କାହରି ସରିବ ?

୨ୟ ବ୍ୟକ୍ତି—ଆହୁରି ପିଅଶାଳ କାଠ ଦି'ଟା ପଡ଼ିଛି ।

୧ମ ବ୍ୟକ୍ତି—କଞ୍ଚାକାଠ ଆଣିଲେ ଭଲ ହୁଅନ୍ତା ।

କୁର୍ବାନ—ଅରେ ସେହି କଞ୍ଚା କାଠ କଥା ମୁଁ କହୁଛି । କଞ୍ଚାକାଠ ଦେଲେ କଞ୍ଚା ପଇସା ଝଡ଼ିବ ! କଞ୍ଚା ରକ୍ତ ଶୀତଳ ହୋଇଯିବ । ବଗିଲ ବୁଢ଼ାର ମୁଣ୍ଡ ଫାଟିଯିବ । ପୁଅ ମାମୁଁ ଘରକୁ ଯିବ ସିଧା ସିଧା ।

ପ୍ରଥମ ବ୍ୟକ୍ତି—ଏଥରକ କଞ୍ଚାକାଠ ଡକ ଆଣିବୁ ?

କୁର୍ବାନ ଖାଁ—ଖାଲି କଞ୍ଚା କାଠ ଅଣ, ଗୋଟାଏ ଦି'ଟା କାଠ ମଧ୍ୟ ଅର ସାହୁ ଷଡ଼ଙ୍ଗୀଙ୍କ ବାଡ଼ରେ ପକାଇ ଦେବ । ଯେପରି ଷଡ଼ଙ୍ଗୀ ମଧ୍ୟ ଏଥର ମାମୁଁଘର ଯିବ...

୨ୟ ବ୍ୟକ୍ତି—ଏଇଲେ କେତେ ରାତି ହେବ (ଆକାଶକୁ ଚାହିଁ)

କୁର୍ବାନଖାଁ—(ହାତ ଘଣ୍ଟାକୁ ଚାହିଁ) ଅରେ ରାତି ଦି'ଟା ହେଲା । ବେଗି ବେଗି କାମ ଶେଷ କର । ଏଇଲେ ରାତି ପାହିଯିବ । ଦାରୋଗା ବାବୁଙ୍କର ମର୍ଜି—ପୁଣି ଏଠା କାମ ସରିଲେ ଆଉ କେଉଁ ଗାଁକୁ ଯିବାକୁ ପଡ଼ିବ ।

୧ମ ବ୍ୟକ୍ତି—ଚାଲ, ଚାଲ, ବେଗି ବେଗି କାମ ଶେଷ ହେଲେ ଯିବା ।

୨ୟ ବ୍ୟକ୍ତି (ପିକାଟାଏ କୁର୍ବାନଠାରୁ ନେଇ ଟାଣିବା) ଗାଁ ସାରାକୁ ମିଳାଇ ସବୁ ଅମାନ୍ୟ କାମ ଏହି ବଗିଲ ଘର କରୁଛି ! ଆଜି ଏଠି, କାଲି ସେଠି,

କୃଷ୍ଣାନନ୍ଦ—ଅରେ ଖାଲି ସେତିକି ନୁହେଁ । ଭିତରେ ... ଲୋକ ଜଣକ ପୃଥିବୀକୁ ଚାଲି ଯାଉଛନ୍ତି । କଂଗ୍ରେସ ବୋପାମାନେ ଅଛନ୍ତି, ତାଙ୍କ ରକ୍ତ ହାରାମଜାଦାକୁ ଠିକ୍ କରିଦେବା । ଏଥର ପାଟପୋଟା ସବୁ ଅଣ୍ଟା ଗଣ୍ଠି ଭାଙ୍ଗି ଦେବ ଯେ—

( ଦୁହେଁ କାଠ ଆଣିବାକୁ ଯିବା—ଠିକ ଏ ସମୟରେ କାଠ ଆଣି ଦୁହେଁ ଫେରିବା ) ।

କୃଷ୍ଣାନନ୍ଦ—ସାବଧାନ, ସାବଧାନ, ସାବଧାନ, ଧୀରେ ପକା—

[ଦୁହେଁ କାଠ ଆଣି ଆଣୁ କାଠଟି ୨ୟ ବ୍ୟକ୍ତିର ହାତରୁ ଖସି ଗଲା ସେ ତାର ଗୋଡ଼ ଭାଙ୍ଗିଗଲା । ସେହି ଅନ୍ଧାରିରେ ସେଇଠି ଦ୍ୱିତୀୟ ବ୍ୟକ୍ତି ତଳେ ପିଠି ହୋଇ ପଡ଼ିଲା]

[କୃଷ୍ଣାନନ୍ଦ ଧାଇଁ ଆସିଲେ ସାହାଯ୍ୟ କରିବାକୁ ।]

୨ୟ ବ୍ୟକ୍ତି—ଭାଇ ଗୋଡ଼ ଭାଙ୍ଗିଗଲା—

୧ମ ବ୍ୟକ୍ତି—ଅରେ ଅଚ୍ଛା କଥା ହେଲା, ଏବେ କରିବା କଣ ।

କୃଷ୍ଣାନନ୍ଦ—ତା ଗୋଡ଼ ଜଖମ ହେଲା ବୋଲି କଣ, ସେ ଏଇଠି ପଡ଼ି ରହିବ ।

୧ମ ବ୍ୟକ୍ତି—ଅରେ, ମହା ବିପତ୍ତି ।

କୃଷ୍ଣାନନ୍ଦ—କାପରି ହେଲେ, ଚାଲ ଟେକି ନେଇଯିବା—

[ଟେକି ନେଇ ଧୀରେ ଧୀରେ ଯିବା । ଗଲା ପୂର୍ବରୁ କାଠ, ଗଣ୍ଡ ସବୁ ତଳ ତଳ କରି ଦେଖିଯିବା]

୧ମ ବ୍ୟକ୍ତି—ଟେକିଉଠିବାଠେ ଯିବା—

କୃଷ୍ଣାନନ୍ଦ—ଚାଲ ମାହାନ୍ତି ତଳେ ତଳେ—

## ଷଷ୍ଠ ଦୃଶ୍ୟ

(ଘର ବାହାର ସାଇରେ । ବଡ଼ ପାହାଚରୁ ବଗଳଙ୍କ ଝିଅ କମଳା, ବୟସ ଅନୁମାନ ୧୭ରୁ ହେବ, ଦରବାରିକୁ ଆସିଲା । ହାତରେ ଫୁଲ ଗୁଚ୍ଛା, ...ଗାଁରେ ଖୁବ୍ ଚଳୁଣି ପୂଜା ହେବ, ସବୁଙ୍କ ସଙ୍ଗେ ଆଉ ଦୁଇ ଗୁଡ଼ିଏ ଝିଅ ଆସି ପହଞ୍ଚି ଗଲେ)

କମଳା—[ଗଛ ତଳ ବାଡ଼ିରେ କେତେ ଫୁଲ ଫୁଟି ପଡ଼ିଥିଲା । କମଳା ଫୁଲ ଗୋଟାଇ ଗୋଟାଇ ଗୁଣୁ ଗୁଣୁ କରି ଗୀତଟି ଏ ଗାଉଥିଲା ।]

ମନ ପବନରେ, କେତେ ଫୁଲ ଯାଏ ଛୁଇଁ,
ମହୁକା ବଉଳ ଆମ୍ବ ଗଛ ନିମ୍ବ ଛାଇ
ମଲ୍ଲୀ ଯୂଥୀ ନଇଁ ଛୁଇଁ ଛୁଇଁ
ଯେବେ ଋତୁ ଆସେ ଯାଇ ଯାଇ,
ସିନ୍ଦୁରା ଫାଟିଲା ଫୁଲ ମହକିଲା
ଚମକିଲା ଦୂର ଗଡ଼ଜାତ ଭୂଇଁ,
ଏ ଦେଶରେ ବଗୁର ନାହିଁ ଲୋ,
ଘର କରିଥିଲେ ଥରେ ଦେଖିଲେ ସବୁ ତୋ ।

(ଏପରି ସମୟରେ ଛୋଟ ଛୋଟ ପିଲା ଦୁଇଟି ଆସିଲେ । ଫୁଲ ତଳୁ ଗୋଟାଇଲେ)

କମଳା—କିଲୋ ଝୁନୁ, ଫୁଲ କଣ କରିବୁ ।

ଝୁନୁ—ଅପା, ଆଜି ଯେ ଖୁଦୁରୁକୁଣୀ ଓଷା । ତୁମେ କଣ ଉପାସ କରିନ ।

କମଳା—ଆମ ମଫସଲ ଗାଁରେ କେତେ ଓଷା । ଆମେ ସବୁ ମଫସଲିଆ ଲୋକ ।

ଝୁନୁ—ହଁ ଲୋ ଅପା, ଖୁଦୁରୁକୁଣୀ ଉପାସଟା କଣ ।

କମଳା—ଆଲୋ ତୁ କଣ ଖୁଦୁରୁକୁଣୀ ଓଷା କଥା ଜାଣିନୁ । ଖୁଦୁରୁକୁଣୀ ଓଷା ଆମ ଏ ଉତ୍କଳ କୋଣ ମୂଲକରେ କିଏ ନ କରେ ନାହିଁ । ସବୁ ଗାଁରେ ଏହି ଓଷା । ଜଣେ ସହରକୁ ତୁ ଆସିଲୁ, ମୁଁ ଏହି ଓଷା କଥା କହିବି ।

ଝୁନୁ—(ଫୁଲ ଗୋଟାଇ ଗୋଟାଇ) ନାହିଁ ମ ଅପା, ମୁଁ ଏଇଠି ଫୁଲ ମାଳ ଗୁନ୍ଥୁଛି, ତମେ କଥାଟି କୁହ ।

କମଳା—ନାହିଁ ଲୋ, ଝୁନୁ, ବେଳ ନାହିଁ । ଭାଉଜ ଆଜି ପୋଖରୀ ସଞ୍ଜକୁ ଯିବେ । ଭାତ ରନ୍ଧା ହେବ । ଧାନ କାଲିଠୁଁ ପଡ଼ି ଶୁଖିଲେ ଧାନ କୁଟା ହେବ । ତୁ ଏଇଠି ବସି ଫୁଲ ଗୁନ୍ଥ ମୁଁ ଆସେ···(କମଳା ଘର ଭିତରକୁ ଯିବା )

(ଝୁନୁ ବସି ଫୁଲମାଳ ଗୁନ୍ଥୁଛି ।)

(କମଳା ଧାନ ଶୁଖା ଟୋକେଇ ଆଣି ଆସିଲା) କମଳା ଟୋକେଇ ପକାଇ ଦେଲା । ଧାନ ଆଣି ପଟରେ ଢେଲେଇ, ଖରାରେ ଘାଣ୍ଟି ଦେଲା ।

କମଳା—ଝୁନୁଲୋ, ଆଜି ଦୀପହରକୁ ଆମ ଘରୋକୁ ଆସିଲେ ବୁରୁକୁଣୀ କଥା ଶୁଣିବୁ—

ଝୁନୁ—କାହିଁକି ଅପା, ଏଇଠି କହୁନ...

କମଳା—ନୂଆବୋହୂ, ପଧ ଏଇଲେ ପାଟି କରିବେ । ଭାଇ ଏକେଲେ ନଈରୁ ଗାଧୋଇ ଆସିଲେ ଲୁଆଡ଼େ ପଖାଳ ନିବେ । ତାପା ବୋଉ ଆଜି କମଳେଶ୍ୱର ଦିଅଁ ଛୁଟେକି ନିବେ ।

ଝୁନୁ—ତମେ ଅପା, ଅଳପକେ କଥାଟା କହି ଦେଉନ ।

କମଳା—ଆରେ ଲୋ, ଏ ବୁରୁକୁଣୀ କଥା କଣ ସାମାନ୍ୟ କଥା । ଏଥିରେ କେତେ ଦିଅଁ ଦେବତା, ସାଧବଙ୍କର ବୋଇତ, ସାଧବଙ୍କର ବୋହୂ, ଏମିତି କେତେ ପୁରାଣ କାହାଣୀ ପୋଥି ଲେଖା ହୋଇଛି । କେତେ ପୁରୁଷ ହେଲା ଏହି ଉପାସ ଓଷା ଆମ ଗାଁରେ ଚାଲି ଆସୁଛି । ସେ କଣ ଆଜିକାଲିକାର କଥା—

ଝୁନୁ—କମଳା ଅପା, ମୁଁ ଯାଉଛି । କିନ୍ତୁ ଦିପହରକୁ ତମ ଘରକୁ ଆସିବି । ତମେ କିନ୍ତୁ ଓଷା କଥା କହିବ ।

କମଳା—ହଁ ଲୋ, ତୁ ଆସିବୁ । ମୁଁ କହିବି । ଆମ ନୂଆବୋହୂଙ୍କୁ ତ କେତେ ଓଷା କଥା ଜଣା ।

ଝୁନୁ—ନୂଆବୋହୂ କଣ କରୁଛନ୍ତି

କମଳା—ନୂଆବୋହୂ, ଲୁଗା ହକାଳି, ଚୁଲି ଲଗାଉଥିବେ ।

ଝୁନୁ—ଅପା, ତମ ଭାଇ କେଉଁ ପଖାଳ ନିଅନ୍ତି କି ।

କମଳା—କହିବୁ ନାହିଁ ଝୁନୁ କାହାକୁ ।

ଝୁନୁ—ଆମ ମାଷ୍ଟ୍ରେ ତ ସଭିଙ୍କୁ ନିଜେ କହୁଥିଲେ ।

କମଳା—ହଁ, ହଁ, ସେଦିନ ସଭା, ୧୪ କୋଶ ଗାଁର ପ୍ରଜା ଏକାଠି ହେଉଛନ୍ତି । ଗଲା ମାସରେ ଗଣ୍ଡି ବେଢ଼ରେ ସଭା ହୋଇଥିଲା । ବହୁତ ଲୋକ ଜମା ହୋଇଥିଲେ ।

ଭୁନୁ—ଆମ ଗାଁକୁ କାଲି ପଟୁଆର କାହିଁକି ଆସୁଛନ୍ତି ।

କମଳା—ସେଇ କଥା ତ ଭୁନୁ । ରାଜାଙ୍କର ଏମିତି ଖାଲି ଲୋକଙ୍କୁ ଠେଙ୍ଗାକୁ ମାଡ଼ି କରି ରଖିଛନ୍ତି । ଲୋକେ କିଛି କଥା କହି ପାରିବେ ନାହିଁ । ଖଜଣା ଦେବେ, ବେଠି ବେଗାରି କରିବେ । ଗାଳି ସହିବେ, ମାଡ଼ ସହିବେ । ଦଅନ, ଦାରୁଗା ଆମ ଲୋକଙ୍କୁ ବାନ୍ଧିକି ପିଟି ଶାସନ କରିବେ ।

ଭୁନୁ—କାହିଁକି ?

କମଳା—ତୁ ସବୁ ବଡ଼ ହେଲେ, ଜାଣିବୁ ।

ଭୁନୁ—ସେଦିନ କାହିଁକି ତାଙ୍କୁ ସାହିର ନରି ଭାଇଙ୍କୁ ପୁଲିସ ବାନ୍ଧି କରି ନେଇଗଲା । ଆଉ ଦିନେ ଲୋକଙ୍କୁ ବାଡ଼େଇଲା । କାହିଁକି ଆମ ଆମ ଗାଁରେ ଲୋକେ ଏମିତି ସବୁ ସହନ୍ତି ।

କମଳା—ଆମେ ଆମର ପରା ସହିବା ପାଇଁ ଜନ୍ମ ବୋଲି ଦଅନ ଦାରୁଗା କହନ୍ତି ।

ଭୁନୁ—ରାଜାଙ୍କର ଆମ ପାଇଁ ତ କିଛି କରୁନାହାନ୍ତି ।

କମଳା—ରାଜା କାହିଁକି କରିବେ—ରାଜା ପରା ଆମର ଠାକୁର, ଦେବତା ।

ଭୁନୁ—ତେବେ ଆମେ କଣ ତାଙ୍କ ପୂଜା କରିବା ?

କମଳା—ହୁଁ, ହୁଁ, ପୂଜା କରିବା କାହିଁକି ? ଏଗୁଡ଼ାକ ପରା ମଣିଷଖିଆ ବାଘ । ଆମର ଖାଇବେ, ଆମ ସାଙ୍ଗ ଭାଇଙ୍କୁ ବାନ୍ଧି ମାରିବେ । ଆମ ଗାଁରେ ଆମର ଭାଗ ନାହିଁ । ଦଅନ ଦାରୁଗା ଆମ ସମ୍ପତ୍ତି ଖାଇଯିବେ ।

ଭୁନୁ—ଅପାଲୋ, ମୋତେ ଭାରି ଭୟ ଲାଗୁଛି ।

କମଳା—କାହିଁକି ମ, ଆମେପରା ମଣିଷ ଜନ୍ମ ପାଇଛେ । ଆମର କଣ ଅଧିକାର ନାହିଁ ? ଆମେ କଣ ଜନ୍ମ ଖାଲି ଡରି ଡରି ମାରିବା

ପାଇଁ । ଆମର ଖୁଡ଼ି ବାପା କହୁଥିଲେ, ରଜା ପ୍ରଜାମାନଙ୍କୁ ଯଦି ଦୁଃଖ ଦିଏ, ତେବେ ସେହି ବଂଶକୁଳରେ କଳଙ୍କ ଲାଗେ । ତାର ସର୍ବନାଶ ହୁଏ । ବଂଶରେ ପାଣି ଦେବାକୁ କେହି ରହନ୍ତି ନାହିଁ ।

ରୁନୁ—ତାଙ୍କୁ ରାଜା କିଏ କଲା ?

କମଳା—ରାଜା କିଏ କଲା ? କାହିଁକି, ଆମେ ସବୁ ।

ରୁନୁ—ତାଙ୍କର ହାତ ଗୋଡ଼ ସବୁ କେମିତି ?

କମଳା—(ହସି ହସି) ପାଗଳୀଟା କଲେ—

ରୁନୁ—ନାହିଁ ଅପା, ମାଷ୍ଟ୍ରେ କହୁଥିଲେ, ରାଜା ସବୁଠୁଁ ବଡ଼ଲୋକ ।

ରୁନୁ—ହଁ, ହଁ, ରାଜା ସବୁଠୁଁ ବଡ଼ । ଯେତେବେଳେ ରାଜା ସିନା ପ୍ରଜାଙ୍କର ଭଲ କରନ୍ତି ସେତେବେଳେ ବଡ଼, ନହେଲେ ରାଜା କିଏ, ପ୍ରଜା କିଏ । ଦଅନ ଦାନ୍ତୁଗାଡ ସବୁ ଲୁଟିଣ୍ଡ଼ି ଲୁଟିଣ୍ଡ଼ି ଶୋଷି ବଡ଼ହେଲେ, ମୁଲକ ଉଜୁଡ଼ା ହେଲା ।

ରୁନୁ—ଅପା ତମେ ଦଅନକୁ ଦେଖିଛ ?

କମଳା—ନାହିଁଲୋ ଦଅନକୁ କାହିଁକି ଦେଖିବି ।

ରୁନୁ—ସେ କେମିତି ଲୋକ ?

କମଳା—ନାଇଲୋ ପାଗଳୀ, ସେ ଆମ ଭିତରୁ ଜଣେ । ମାତ୍ର ଲୋକଙ୍କୁ ବାଣରେ ପଶୁ ଭଳି ବାନ୍ଧି ରଖିଛନ୍ତି ।

---

## ୪ର୍ଥ ଦୃଶ୍ୟ

[ରଣପୁର ଗଡ଼, ହାଜତ ଘରର ଦୃଶ୍ୟ । ଆଠ ଜଣ ବନ୍ଦୀ ହୋଇ ଅଛନ୍ତି । ଅନ୍ଧାରକୁ ଅନ୍ଧାର ଦିଶେ । ହାଜତ ଘର ବାହାରେ ଗୋଟିଏ ଗଛ ଦେହରେ ବନ୍ଧା ହୋଇଛି ବୃଦ୍ଧ ସ୍ୱେଚ୍ଛାସେବୀ ବସନ୍ତ । ଚୌକି ଟେବୁଲ ପଡ଼ିଛି । ବନ୍ଦୀଙ୍କୁ ଗୁଡ଼ିଏ ମଲା ହୋଇଛନ୍ତି । ସିନ ଉଠିଲା ବେଳକୁ ଦେଖାଗଲା ଜୁବୀନ ଖାଁ ଗୁରୁଖା ଆଘାତ କରୁଛି ସ୍ୱେଚ୍ଛାସେବୀ ବସନ୍ତଙ୍କୁ । ]

ଦାରୋଗା—(ଅଙ୍ଗିଠାର)

(ଆଘାତ ପରେ ଆଘାତ,···ପିଠ ପିଠ ବସ୍ତ୍ର ମାଡ଼)

(କ୍ଷେତ୍ରବାସୀ—ଯନ୍ତ୍ରଣାରେ କେବଳ କେବଳ ହାହାକାର କରୁଛି)

ଦାରୋଗା—ଗଞ୍ଜେଇ ଗଛ କାହା ବାଡ଼ିରୁ ବାହାରିଲା ?

କ୍ଷେତ୍ରବାସୀ—ଆଜ୍ଞା ମୁଁ କହିପାରିବ ନାହିଁ । ମୁଁ ଜାଣିନି—

ଦାରୋଗା—କୁର୍ବାନ ଖାଁ, ଚଲାଓ···

କୁର୍ବାନ ଖାଁ—(ଚାବୁକ ଦେଉଥାଏ, ଏହିପରି ପ୍ରତି ବନ୍ଦୀଙ୍କ ପିଠିରେ ଚାବୁକ ମାଡ଼)

୧ମ ବନ୍ଦୀ—ଆଜ୍ଞା, ମୋ ଠେଙ୍ଗା ଭାଙ୍ଗିଦେଲୁ ମାଷ୍ଟର ବାବୁ ନେଇଗଲେ ।

୨ୟ ବନ୍ଦୀ—ଆଜ୍ଞା ମୋର ଫୁଲବାଡ଼ି ସମ୍ପତ୍ତି ଟେଂକାର···

ଦାରୋଗା—ଚଲାଓ କୁର୍ବାନ୍ ଖାଁ···

କୁର୍ବାନ ଖାଁ—(ବଡ଼ କ୍ଳାନ୍ତ ହେଲାପରି ଜଣା ଯାଉଥିଲା) ଚାବୁକ ଉଠାଇ ସବୁ ବନ୍ଦୀଙ୍କୁ ପିଟିଦେଇ ଗଲା ।

ଦାରୋଗା—କି ବୁଢ଼ା ବସିଲ, ତଥାପି ଚୋର···

ବସିଲ—(ଲୁହ ପୋଛି ପୋଛି) ମୋ ବାଡ଼ିରେ ଗଞ୍ଜେଇ ଗଛ ନଥିଲା । ମୋର ସାତ ପୁରୁଷରୁ କେହି ଗଞ୍ଜେଇ ଖାଆନ୍ତି ନାହିଁ ବାବୁ ।

ଅନ୍ୟବନ୍ଦୀ—ମୋତେ ଛାଡ଼ି ଦିଅ ବାବୁ, ମୁଁ ନିର୍ଦ୍ଦୋଷ···

ଦାରୋଗା—କୁର୍ବାନ ଖାଁ ଚଲାଓ—(ଏହି ସମୟରେ ଜଣେ ମରିଚ ଧୂଆଁ ଧରି ଆସିଥିଲା । ସେହି ଦରେ ମରିଚ ଧୂଆଁ ଦେବାପାଇଁ)

(କୁର୍ବାନ ଖାଁ—ସମସ୍ତଙ୍କ ନାକପ୍ରତି ଲକ୍ଷ କରି, କନେଷ୍ଟବଲଙ୍କୁ ହୁକୁମ ଦେବା )

(କନେଷ୍ଟବଲ—ଧୂଆଁ ଦେବା, ବନ୍ଦୀମାନେ ଧୂଆଁରେ ଅଣନିଃଶ୍ୱାସୀ ହୋଇ ଯାଉଥିଲେ)

ଦାରୋଗା—କୁର୍ବାନ ଖାଁ, ଚଲାଓ ଚାବୁକ (ଲଙ୍କାମରିଚ ଧୂଆଁ ମଧ୍ୟରେ ଚାବୁକ ଚାଲିଲା) କହ ଶାଳେ, ହାଁ, ଗାଁଅରେ କିଏ ସବୁ ମେଳି କରୁଛି । କହ ଶାଳେ, ତମର କୋଉ ବାପା ପିଠିରେ ଛିଡ଼ିବ ।

(କିଏ ଗୋଟିଏ ବନ୍ଦୀ କହୁଥିଲା, ମରିଗଲି, ମରିଗଲି ବାବୁ, କହୁଛି, କହୁଛି) ବୃନ୍ଦାବନ ରାମ ଆମକୁ ଡାକୁଥିଲା ।

ଦାରୋଗା—କୁର୍ବାନ ଖାଁ, ମୁଁ ଦେଖୁଛି, ତୁ କ୍ଲାନ୍ତ ହୋଇ ପଡ଼ୁଛୁ। ଡକାଅ ଚୌକିଦାରଙ୍କୁ।

କୁର୍ବାନ ଖାଁ—କିଏ ଅଛରେ, ଚୌକିଦାର (ସଙ୍ଗେ ସଙ୍ଗେ ଦୁଇଜଣ ଚୌକିଦାରର ପ୍ରବେଶ)

(କୁର୍ବାନ ଖାଁ—ଆଖିଠାରି ଦେବା, ଚୌକିଦାର ଦୁଇଜଣ ବେତରେ ପ୍ରହାର କରିବା)

(ପ୍ରତି ବନ୍ଦୀଙ୍କ ନିକଟକୁ ଯାଇ, ଛାତିକୁ ଦେଖାଇ ପ୍ରହାର ଦେବା। କାହାକୁ ଭିଡ଼ିଆଣି ପିଟିଦେବା। ତଳେ ପଡ଼ିଯିବାରୁ ଛାତି ଉପରେ ଚାଲିଯିବା।)

କୁର୍ବାନ ଖାଁ—ଆରେ ବଗିଲା ବୁଢ଼ା କହୁଦଅ, ତମ ବାଡ଼ିରୁ ବଣ କାଠ ଗଞ୍ଜେଇ ଗଛ ଜନ୍ମ ହୋଇଛି।

ବଗିଲା—ଜମାଦାର ବାବୁ, ପୂର୍ଣ୍ଣ ମିଥ୍ୟା କଥା। ଏ ସବୁ ପୂର୍ଣ୍ଣ ମିଥ୍ୟା।

(ତାଙ୍କ ମୁହଁକୁ ଚାହିଁ କୁର୍ବାନ ଖାଁ ଚାବୁକ ଦେବା)

ଦାରୋଗା—ଦେଖ କୁର୍ବାନ ଖାଁ, ଏମାନଙ୍କୁ ପୁଣି ଗାରଦଖାନାରେ ହାତ ଗୋଡ଼ରେ ବେଡ଼ି ପକାଇ ପୂରାଅ।

କୁର୍ବାନ ଖାଁ—ଜୋ ଆଜ୍ଞା—

ଦାରୋଗା—ଏମାନଙ୍କୁ, [illegible] ମାରିବାକୁ ଦିଆଯିବ ନାହିଁ।

କୁର୍ବାନ ଖାଁ—ଜୋ ହୁଜୁର।

ଦାରୋଗା—ରାତି ପାହିଲେ, ଏମାନଙ୍କୁ ବାଡ଼ ଦାଣ୍ଡରେ ହାତ ଗୋଡ଼ରେ ବେଡ଼ି ଦେଇ ଯୋଡ଼ାର ଯୋଡ଼ାର କଚେରୀରେ ହାଜର କରାଅ।

କୁର୍ବାନ ଖାଁ—ହୁଜୁର। (ବନ୍ଦୀମାନେ ସେହିପରି ଠିଆ ହୋଇଛନ୍ତି, କ୍ଷେତ୍ରବାସୀ ବଗିଲା ଗଛ ଦେହରେ ବନ୍ଧା ହୋଇଥାଏ)

(ଦାରୋଗାଙ୍କର ପ୍ରସ୍ଥାନ—)

(କୁର୍ବାନ ଖାଁ ଜେଲରେ ପୁଣି ସମସ୍ତଙ୍କୁ ପୂରାଇବା।)

ପଟ୍ଟପତନ

## ୫ମ ଦୃଶ୍ୟ

(ସିନ ଉଠିଲା ବେଳକୁ—ଫଣ୍ଡୁ ମହାନ୍ତିଙ୍କ କୋର୍ଟ, ଦେବେଙ୍କଚ, ହେଡ୍‌ମାଷ୍ଟର ସବୁ ବସିଛନ୍ତି । କୋର୍ଟ ଉପରେ ଦେଓ୍ୱାନଙ୍କ ଗୋଡ଼ ଟେକିକୁ ଲାଗି ବସିଲା ଆସି ମଢ଼ି ଲଥ ହୋଇ, ... ମାଡ଼...ପ୍ରବେଶ ... ଆଗେ ଆଗେ ଦାରୋଗା ବାବୁ, ପଛରେ ... ହାତ ... ବନ୍ଧା ହୋଇ ଥିବା ... ଦେବୋନାମୀ ବଗଲ ... । କୁର୍ବାନ ଖାଁ, ଦାରୋଗା ବାବୁ ... ... ... ।
ଦେଓ୍ୱାନ ବାବୁ ... ... ...)

ଦେଓ୍ୱାନ—କିଓଁ, ଏଲୋକମାନେ......।

ଦାରୋଗା—ଆଜ୍ଞା—ଇଏ ...

ଦେଓ୍ୱାନ—ଏଇ ଶାଳା ବୁଢ଼ା ସେଇ ବଗଲ ନା—

ଦାରୋଗା—ହଁ ଆଜ୍ଞା, ଏଇ ବଦମାସ । ଏଣ୍ଟାର ବାଡ଼ିରେ ... ଗଛ ଏଣ୍ଟାରି ... ... ... । ... ... ଲୋକମାନଙ୍କୁ ମେଟେଲାଏ ହୋଷ୍ଟ ମାଷ୍ଟରଙ୍କ ... ବେନାମୀ ... । ଏ କିଛି ... ଜାଣୁ ନାହିଁ ।

ଦେଓ୍ୱାନ—ଆଉ, ଶାଳାଙ୍କୁ କଚେରୀ ... ଦିଅ । ... ବାହାର ହେବ ।

ବୁଢ଼ା ବଗଲ—ଆଜ୍ଞା ଧର୍ମବତାର । ମୋ କଥା ଟିକେ ଶୁଣନ୍ତୁ ।

ଦେଓ୍ୱାନ—ଚୁପ । ସୁଅରକା ବଚ୍ଚା । ବଦମାସ ଦଗଲବାଜ ।

ବୁଢ଼ା ବଗଲ—ଧର୍ମବତାର !

ଦାରୋଗା—କୁର୍ବାନ ଖାଁ ! ଲଗାଅ ଚାବୁକ୍

(କୁର୍ବାନ ଖାଁ—କୋର୍ଟ ଉପରେ ଚାବୁକ ମାଡ଼ ଦେଲା)

ଦେଓ୍ୱାନ—ଦେ ଶଳାଙ୍କୁ ଜେଲ କରି ଦେଖି ଦେ, ଦାରୋଗା ।

ଦାରୋଗା—ଯେ ହଜୁର ।

ଦେଓ୍ୱାନ—ବୁଢ଼ି ବଗଲ କର ଏଥରେ କିଏ କିଏ ସତ କହୁଛନ୍ତି ।

ଦାରୋଗା (ଜଣ ଜଣ କରି ପଚାରିଲେ) କରେ କାହିଁକି ସଙ୍ଗୀ ଗୋଲରେ ମିଶୁଛୁ, କଂଗ୍ରେସ ମେଳରେ ବୁଲୁଛୁ ।

**ଦେଓ୍ୟାନ** — ସେପରି ନାହିଁ — ଶଳାଙ୍କ ପାଛରେ ତଉଲ ଲମ୍ବା ଭଉଁ କର ପଗ୍ଗର ।

**ଲୁବାନ ଖାଁ** — (କେତେଣି ବାନ୍ଧିଲୁ ମାରିଲା ବୁଢ଼ାରେ)

**ଟେଂଙ୍କର** — ବଜା ଶଳାକୁ ।

**ପୋଷ୍ଟମାଷ୍ଟର** — ଦାନ୍ତ ଭାଙ୍ଗି ଦେ । ଶଳ୍ପ ଶଳ୍ପ ବାହାର ରାଜ୍ୟ, ରାଜଧାନୀ, ଚଳନ୍ତି ବନ୍ଦ ରାଜା । ଶଳାର ମୁଣ୍ଡ ଫାଟିଯାଉଛି । ଦେଉ, ବାଡ଼ି ଚଳୁ ଦେ ।

**ଦେଓ୍ୟାନ** — ଶଳା ମରି ଗଲାଣି ।

**ଟେଂଙ୍କର** — ଆଜ୍ଞା, ହୁଜୁରଙ୍କର ପରା ହୁକୁମ ହୋଇଛି କେହି ପାଣି ଛୁଇଁ ପାରିବେ ନାହିଁ ।

**ଦେଓ୍ୟାନ** — ହଁ, ରାଜ୍ୟରେ କେହି ପାଣି ପିଇ ପାରିବେ ନାହିଁ । କେହି ବି ଧରିବେ ନାହିଁ । କେହି ପାଣି ଛୁଇଁବେ ନାହିଁ । ଏ ଶଳା ବଗଲ ବୁଢ଼ା କହୁଛି, ତା ପାଖରେ ନାହିଁକି ଲେଖା ଲେଖା ନାହିଁ । ଶାଳ୍ପ ସୂରକା ବନ୍ଦ—

**ବଗଲ ବୁଢ଼ା** — ହୁଜୁର, କେତେ ପାଣି ପିଇ ଶରୀର ସଞ୍ଚରି ବସିଛନ୍ତି । ଏପରି ଶୁଣିଲୁ ବାସ୍ତବ କଥା କେବେ ନାହିଁ ।

**ଦେଓ୍ୟାନ** — ଦାରୋଗା, ଏହି ଶଳା ବୁଢ଼ାକୁ ଆଗ ମାରି ଲଙ୍କା ବାଟା ଖୁଆଇ ଦିଅ ତ ।

(ଲୁବାନ ଖାଁ — ଏକ ଗୁପୁଡ଼ା ମାରିଲା ଯେ, ବୁଢ଼ାର ଚୈତନ୍ୟ ହଜିଗଲା)

**ଦେଓ୍ୟାନ** — ଏ ଶଳା ବୁଢ଼ା, ଜଳ ଗୁଡ଼ାକ ଗରଣ୍ଡ ଦେବ ନାହିଁ । ଶଳା ସବୁ ଖାଇବ, ଧାନ, ମାଛ, କାଠ, ଫଳ, ମୂଳ ବାଡ଼ । ରାଜାରେ ରାଜକରେ ଶଳାର ମୁଣ୍ଡ ବଢ଼ି ଯାଉଛି । ରାଜାଙ୍କ ହୁକୁମ, ପାରିଧିକି ଗଲେ ଶଳା ଘରେ ଲୁଚିବ । ଗାଁଠାରେ ସମସ୍ତଙ୍କୁ ମନା କରି ଦେଇଥିବ । ସମସ୍ତ ଅସମ୍ଭୁଟରେ ଲୋକଠାଏ ମିଳିବ ନାହିଁ । ହଇରେ ଶଳା ତୁ କଣ ରାଜ କର୍ତ୍ତବ୍ୟ କରିବୁ ନାହିଁ । ତୋ ବୋପା କରିଥିଲା, ତୋ ଚଉଦ ପୁରୁଷ କରିବେ । ରାଜା

ରାଇଜରେ ଘର କରି ତୁ ପୁଣି ପ୍ରଜାଙ୍କ ହିତ ପାଇଁ ଝଗଡ଼ଉ
ଚେମଉଛୁ । ଶଳାକୁ ଫାଶୀ ଗଛରେ ଦନସ୍ତ ପଟେଇ ଦେବ ।
ସେଇଠି ଶଳା ଇଂଗରଜ କରୁଥିବୁ ।

ଦାରୋଗା—ଅଜ୍ଞା, ଏ ଶଳା ବୁଢ଼ା! ଗୁଣ ବୁଝିଲେଣି ।

ଦେଓ୍ୱାନ—(ଚେଷ୍ଟ କାଗଜସ୍ଥିତ ନେତ୍ରରେ ଗ୍ରନ୍ଥ) କଣ ?

ଦାରୋଗା—ଅଜ୍ଞା, ମୋଗଲବନ୍ଦୀରୁ ଗାନ୍ଧି ଆସିଥିଲେ ଯେ, ରଣପୁର
ମୂଲକରୁ ଏ ଝିଣ୍ଟି ଯାଇଥିଲା ସେ ପର୍ଯ୍ୟନ୍ତ ।

ମୋକ୍ତାରମାଷ୍ଟର—'ଡେଲିଗେଟ'ରୁ ।

ଦାରୋଗା—ହଁ ଅଜ୍ଞା, ଜଗନ୍ନାଥ ଦେଖିବା ପାଇଁ ନାଇଁ, ଡେଲିଗେଟରେ
କଂଗ୍ରେସିଙ୍କ ସହିତ ହାଜର...

ଦେଓ୍ୱାନ—ଏଥ ତାକୁ ଠିକ ଦଅ । ମୁଁ ଦେଖେ କିଛି ଦିନ ଘଣା
ଖାଇଲେ ସିଧା ହୋଇଯିବ । ଦେଖ, ଇଡାନ ପାଣି,
ଦାରୋଗା, ଏମାନଙ୍କ ଆଙ୍ଗୁଠି ସବୁ କାଟି ଦିଅ...

ବଗଲ—ହଁ ଅଜ୍ଞା, ନୂଆ, ନୂଆ କରି ପୁଣି ଆଙ୍ଗୁଠି କଅଁଳିବ—
ଆମଣଙ୍କ ଶାସନ ରଜି ତରେ ନଅଁ ଧରିବାକୁ ।

ମୋକ୍ତାରମାଷ୍ଟର—କିତର ନୁହଁ ବଡ଼ ଠକ ।

ଦାରୋଗା—ଶଳା, ଏଠା କରେଇ ବୋଲି ମାଲୁମ ନାହିଁ କି ।

ବଗଲ—ଏହି ବଗଲୁଣୀକେତେ କରେଇ ଦେଖିଛି ।

କୁର୍ବାନ ଖାଁ—ଠିକ୍ କରି ।

ଦାରୋଗା—ବୁଢ଼ା ଗାଞ୍ଜିଆ ଗଛ ଲଗାଇ, ଟେଞ୍ଜିଆ ଖାଉଛି ନା, ସେଥି
ପାଇଁ ଏ ଗଳଗାଡ଼ି ।

କୁର୍ବାନଖାଁ—ନାହିଁ ଅଜ୍ଞା, ବୁଢ଼ା ଅଫିମ ଖାଉଛି ।

ଦେଓ୍ୱାନ—ଶୁଣ ଦାରୋଗା, ଏମାନଙ୍କର ବିଗୁର ଅଭି କିଛି ହେବ
ନାହିଁ । ଏମାନେ ସମସ୍ତେ ଅଭେନ ଅମାନ୍ୟ, ରାଜାଙ୍କୁ ସମା-
ଲୋଚନା କରିଥିବାରୁ ଷ୍ଟେଟ୍ ଏମାନଙ୍କୁ ପହିଲା ନମ୍ବର ଦାଗୀ
ଶ୍ରେଣୀରେ ଭୁକ୍ତ କରି ବିନା ବିଚାରରେ ବନ୍ଦୀ କରି ରଖିଲା ।

ଦାରୋଗା—ଯେ ହଜୁର ।

ଦେଓ୍ୱାନ—ଏମାନଙ୍କୁ ଏଠାରୁ ହାଜତକୁ ନେଇଯାଅ । ଶଳାଙ୍କୁ ଶୁଖାଇ ଶୁଖାଇ ମାର, କୁର୍ବାନ.........

(କୁର୍ବାନ ବେତ୍ରାଘାତ କରି ଘେନିଯିବା)

ବଗଲ—(ପ୍ରସ୍ଥାନ ବେଳେ) ହଜୁର ଧର୍ମାବତାର, ପ୍ରଜାଙ୍କର ମା, ବାପ ହଜୁର ବିଚାର କରନ୍ତୁ ।

ପୋଷ୍ଟମାଷ୍ଟର—ଅରେ ଶଳା, ପୁଣି କଣ ଠାଣପଣ କରୁଛୁ ।

ଦେଓ୍ୱାନ—ନାହିଁ ଦାରୋଗା, ଏମାନଙ୍କୁ ବଡ ଦାଣ୍ଡରେ ଭଡ଼ଭଡ଼ କଅ ।

ବଗଲ—ଅଜ୍ଞା ହଜୁର । ବଡ଼ ଦାଣ୍ଡ ହେଲେ ମୁକ୍ତି ମିଳନ୍ତା । ଜୀବନର ସଂକୀର୍ଣ୍ଣ ପଥରେ ଅନ୍ଧାର ଗଡ଼ଖାତରେ, ଚିରଦିନ ଉଆଁସ ଗାତରେ କଲବଲ ହୋଇ ମରିବା ଅପେକ୍ଷା ବଡଦାଣ୍ଡରେ ସିଂହଦ୍ୱାରରେ ଦିନେହେଁ ମରିଯିବା ଭଲ ।

ଦାରୋଗା—(ଏକ ଭୁସୁଣ୍ଡା ଦେଇ) ବନ୍ଦ କର ତୋର ବକ୍ତୃତା ।

ପୋଷ୍ଟମାଷ୍ଟର—ଅରେ ଶଳା, ଏଇଠା ରଣପୁର ମହାରାଜାର କୋର୍ଟ । ଏଠି ହଜୁର ଦେଓ୍ୱାନ ସାହେବ ଜଜ ହୋଇଛନ୍ତି । ଏଠା ଠାଙ୍ଗୀ ନୁହେଁକି ସିକୋ ନୁହେଁ । ଶଳାର ମୁହଁ ଉପରକୁ ହୋଇଗଲାଣି ।

ବଗଲ—ଅଜ୍ଞା, ନିର୍ମମ ଶାସନ ଚକ୍ରତଳେ, ଯେଉଁ ଜାତି ଚିତ୍କାର କରି ମରିବାକୁ ଶିଖିଛି, ସେ ଜାତିର ମୁହଁ ଉପରକୁ...

ଅପଣମାନେ ଥାଉ ଥାଉ ...

ଦେଓ୍ୱାନ—ଦାରୋଗା, ଏ ଶଳା ଦଗଲବାଜ ପାଜି ନିମକହାରାମଙ୍କର ବିଚାର ଦରକାର ନାହିଁ । ଅଗ ବର୍ଷେ ବର୍ଷେ ମାମୁଁଘରେ ଘଣା ପେଲନ୍ତୁ ।

ପୋଷ୍ଟମାଷ୍ଟର—ନାହିଁ ଅଜ୍ଞା, ବଗଲ ସହିତ ଏ ସମସ୍ତଙ୍କୁ ରଣପୁରରୁ ବେଦଖଲ କରାଯାଉ । ରଣପୁରରେ ଏମାନେ ରହିପାରିବେ ନାହିଁ । ରଣପୁର ୧୪ କୋଶରେ ଏମାନେ ଗୈର ତକାୟତ ପାଜି ।

ବଗଲ—ଗୈର ତକାୟତମାନେହିଁ ଦିନେ ଦରବାରରେ ଅସନ୍ତି ।

ଦେଓ୍ୱାନ—ଅବେ, ଶଳା, ସୁରକା ବଚ୍ଚ—

ଦାରୋଗା—ଚୁପ୍ କର ନମକହାରାମ—

ପୋଷ୍ଟମାଷ୍ଟର—କଟର ନନ୍ଦପୁରର ଶ୍ରୀକଣ୍ଠ ନାହାକକୁ କଏ କତାଇଲା ?

ରେଂଜର—ବଣରୁ କାଠ ହାଣି ନେବାପାଇଁ କଏ ଲୋକଙ୍କୁ କୁଶିକ୍ଷା ଦେଲା ?

ବଗିଲ—ଆଜ୍ଞା, ଜନ୍ମଭୂମିରେ ଯାହାର ଦରକାର, ମାଟିରେ ଯାହାର ମମତା, ଦେଶରେ ଯାହାର ଶ୍ରଦ୍ଧା, ସେହି ଏକା ନେଇଥିବେ—

ଦେଓ୍ୱାନ—ଚୁପ୍ କର ବଦମାସ । ଚୁପ୍ କର—ପୁଣି ମାଡ଼ ହେବ...

ବଗିଲ—ମାଡ଼ରେ ପିଠି ଫାଟିଯାଉ । ବୁଢ଼ ବୟସର ରକ୍ତ କଣିକାରେ ଏ ଦେଶରେ କୋଟି କୋଟି ଜନତାର ରକ୍ତ ନାଚି ଉଠୁ ।

ଦେଓ୍ୱାନ—ଦାରୋଗା (କଣ୍ଠ ଠିକ୍ କରି) ଏ ସବୁଙ୍କୁ ଓଳିଏ ଲେଖାଏ ଖାଇବାକୁ ଦେବ । ବାକି ଓଳିଏ ଖାଲି ଉପାସ ।

ଲୁକମାନ ଖାଁ—ଆଜ୍ଞା, ଏହି ବୁଢ଼ା ସମସ୍ତଙ୍କୁ ନ ଖାଇବା ପାଇଁ କହୁଅଛି ।

ଦାରୋଗା—ଆଜ୍ଞା ହଜୁର, ଏ ଶଳାର ଅହସନ୍ଧ ପର୍ଯ୍ୟନ୍ତ ଆଚରଣ ଦେଖିଲେ—

ଦେଓ୍ୱାନ—ଯେମିତି ଦେଖିଲେ, ନରେନ୍ଦ୍ର ମହାପାତ୍ରଙ୍କ ହୁକୁମ ଅନୁଯାୟୀ ଏହି ସମସ୍ତ ଭଣ୍ଡ ଦଳଙ୍କୁ ଗୋଡ଼ ହାତ ମାଡ଼ି ହାଣି ତଳେ ପୋତିଦେଇ କଣ୍ଟା ଛାଟିଦିଅ । କେହି ଯେମିତି ସୁଲୁକ ପାଇବେ ନାହିଁ ।

ବଗିଲ—ଆଗେ ମ ଆଜ୍ଞା, ସେଇଆ ଚାହୁଁ । ଅନ୍ୟାୟ ପଥରେ ଯାଆ ନ କଲେ, ଅଭିଳାଷୀର ଆଶା ଲକ୍ଷ୍ୟ ଯୁଗେ ଯୁଗେ ଅପୂର୍ଣ୍ଣ ରହିଯାଏ...ଦେଶକୁ ଧର୍ମାବତାର, ହଜୁର ଆପଣଙ୍କ ସମ୍ମୁଖରେ କଥା କହିବାପାଇଁ ଯେବେ ଅଧିକାର ନାହିଁ, ତେବେ......

ଦେଓ୍ୱାନ—ନାହିଁ ନାହିଁ, (ଗର୍ଜନ କରି) ତମମାନଙ୍କ ପିଠିରେ, ଛାତିରେ ତତଲା ଲୁହା କଣ୍ଟା ପଡ଼ିବାକୁ ହେବ । ତାହାହେଲେ ତୁମେମାନେ ଅଯତ୍ତକୁ ଆସିବ । ଏହି ରଣପୁର ଚଢ଼ଦକୋଶ ପୃଥିରେ ଅବସ୍ଥା ଶାନ୍ତ ହେବ ।

ବିପ୍ଳବ—ଜୀବନରେ ଲମ୍ବା କଣ୍ଟା ବରଂ ଶ୍ରେୟସ୍କର । କିନ୍ତୁ ଭୂଣ୍ଡରେ ତାଲା ପକାଇ ସହିନେବା ପ୍ରକୃତ ପୁରୁଷର କାମ ନୁହେଁ...... ଆପଣଙ୍କ ଶାସନରେ ପ୍ରଜାମାନେ ଯେଉଁ ସୁଖଶାନ୍ତି ପାଉଛନ୍ତି ତାହା ମଣିନାଗ ପାହାଡତଳେ ଶ୍ମଶାନ ଶାନ୍ତିଠାରୁ କୌଣସି ଭାବରେ ଭିନ୍ନ ନୁହେଁ—

କଲିକତା ରେଙ୍ଗୁନରୁ ଦରିଦ୍ର ନିର୍ବାସିତ ପ୍ରବାସୀ କୁଲିର ପାଞ୍ଚ ଦଶଟଙ୍କା କରି ଡ଼ାକରେ ମନି ଅର୍ଡର ଆସିବ । ଏଣେ ପେଟରେ ଓଦାକନା ଦେଇ ଆଖିପାଣି ଆଖିରେ ମାରି ନାକକାନ ଛୁଞ୍ଚକର ଓଢ଼ଣୀ ଘରେ କାନ୍ଦୁଥିବ, ଟଙ୍କା ଆସିବ ଜଣଙ୍କ ନାଁରେ, ଟଙ୍କା ମଝିରୁ ଝାମ୍ପିନେବ ଜଣେ—

ପୋଷ୍ଟମାଷ୍ଟର—ଚୁପ କର ।

ଦେଓ୍ବାନ—ଦାରୋଗା, ଲଗାଅ ଗୁଳୁକ, ମୁହଁ ବଢ଼ି ବଢ଼ି କଥା କହିଲଣି ।

ଜନୈକ ବନ୍ଦୀ—ହଜୁର ଧର୍ମାବତାର । କାହାରି ମୁହଁ ବଢ଼ି ନ ଥିଲା । ମୁହଁ ମଧ୍ୟ କେବେ କାହାର ଜନ୍ମରୁ ବଢ଼ି ନ ଥାଏ । ଅବସ୍ଥା ମଣିଷକୁ ସବୁ କରେ । ଆମ ମୁହଁ ବଢ଼ିବା ନିମନ୍ତେ ଆପଣମାନେ ହିଁ ଦାୟୀ ।

ଆପଣ ଦେଓ୍ବାନ ହୋଇ ଯଦି ସାମାନ୍ୟ କେତେଟା ଖରାବ ଲୋକଙ୍କ କଥାରେ ଆମମାନଙ୍କୁ ଦଳି ପେଶି ଦଅନ୍ତି, ଆମମାନଙ୍କର ମୁହଁ ବଢ଼ିବା କିଛି ବିଚିତ୍ର ନୁହେଁ ।

ଦେଓ୍ବାନ—ଏ କିଏସେ (ଦାରୋଗା) ।

ଦାରୋଗା—ଏ ସେହି ଭୀମା ପଧାନ ।

ଦେଓ୍ବାନ—ଏହି ଶଳା ଜରିପଡ଼ାଁଟାକୁ ନିବା ଆସିବା କରେ ?

ଦାରୋଗା—ଯେ ହଜୁର । ଖାଲି ଜରିପଡ଼ା ନୁହେଁ, ବାଣପୁର, ଖଲ୍ଲିକୋଟ ଏ ଅଡ଼େ, ଖୋର୍ଦ୍ଧା ସବୁଅଡ଼େ ଯାଏ...

ଦେଓ୍ବାନ—ଏହି ହାରାମ କହୁଛି ନା, ମୋଗଲବନ୍ଦୀ ଗଡ଼ଜାତଠାରୁ ଭଲ ।

ବସନ୍ତ—ଅଖ୍ଯ, ଖାଲି ସେତିକ ନୁହେଁ ସେଠି ଅଛି ସ୍ୱାଧୀନତା, ମଣିଷର ଜନ୍ମଗତ ଅଧିକାର । ଏଠି ପଶୁର ଶାସନ । ସେଠି ଜୀବନର ଯଥାର୍ଥ ବିନିଯୋଗ……

ଦେଓ୍ୱାନ—'ମୋଗଲବନ୍ଦୀ' ରାସ୍ତା ଦଶି ଯାଉଛି ।

ବସନ୍ତ—ସେହିତ ଏକମାତ୍ର ରାସ୍ତା । ଗଡ଼ଜାତବାସୀଙ୍କ ପାଇଁ ଏକମାତ୍ର ପ୍ରେରଣା, ଏକମାତ୍ର ଆଶା ଆଶ୍ୱାସନା…

ଦେଓ୍ୱାନ—(ଠାରିଦେବା)

ଦାରୋଗା—(ଚାବୁକଦେଇ) ଚୁପ କର୍ ନିମକହାରାମ ।

ବସନ୍ତ—ଦାରୋଗା ବାବୁ, ନିମକହାରାମ ଆପଣ ।

ଦାରୋଗା—(ଚାବୁକ ଦେବା)

କୁର୍ବାନ ଖାଁ—(କାନ ଟାଣି ବନ୍ଦୀମାନଙ୍କର ମୁଣ୍ଡକୁ ମୁଣ୍ଡ ପିଟିବା)

ବସନ୍ତ—(କାନ୍ଦ କାନ୍ଦ) ଏ ମାଟିର ଅନ୍ନ ଖାଇ ଆପଣମାନେ କେତେଜଣ ଦେଶଦ୍ରୋହୀ ରଣପୁରରେ ରକ୍ତର ସୁଅ ଛୁଟାଇ ଅଛନ୍ତି । ଆପଣମାନଙ୍କ ଶାସନ ଅତ୍ୟାଚାରରେ ଏହି ଐତିହାସିକ ଦୁର୍ଗରୁ ଶାସନ ଲୋପ ହେଲାଣି । ଦୁଃଖ, ନିର୍ଯାତନା, ଅତ୍ୟାଚାର, ବେଠି, କୋରଡ଼ା ଆମ୍ଭମାନଙ୍କର ରକ୍ତ ଶୋଷି ନେଉଛି ।

ଦେଓ୍ୱାନ—ମୁଁ କିଛି ଶୁଣିବାକୁ ଚାହେଁ ନାହିଁ… ଦାରୋଗା, ଏମାନଙ୍କ ମୁହଁରେ ପଘାଶ୍ରା କରେଇବ, ଏମାନଙ୍କୁ ହାଡ଼ ପାଣି ଛୁଆଁଇ ପିଟିବ ।

ବସନ୍ତ—ତା ହେଲେତ ଆମ୍ଭମାନଙ୍କର ମୁକ୍ତି…

ଦେଓ୍ୱାନ—ମୁକ୍ତି, ନିମକ ହାରାମ-ରାଜଦ୍ରୋହୀ…

ଜନୈକଦ୍ରୋହୀ—ରାଜଦ୍ରୋହୀ ? ହା, ହା, ହସି ।

ଦାରୋଗା—(ଚାବୁକ ଚଲାଇ)

କୁର୍ବାନ ଖାଁ—(ବୁଟ୍‌ରେ ମାଡ଼ଦେବା--)

ଦେଓ୍ୱାନ—ଦେଖ ଦାରୋଗା, ତମ ଦେଓ୍ୱାନ ସାହେବଙ୍କ ହୁକୁମ, ଅନ୍ଧ ଗାରଦରେ ଏମାନଙ୍କୁ, କାଇ, କନ୍ଦା, ପିମ୍ପୁଡ଼ି ଭିତରେ ରହିବାକୁ ହେବ…

ଦାରୋଗା—ଅଜ୍ଞା, ମୁଁ ତ ସେ ସବୁ ବ୍ୟବସ୍ଥା କରି ସାରିଛି ।

ଦେଓ୍ୱାନ—ନା, ନା, ସାତିମତ ବଣ ଜଙ୍ଗଲରୁ ଅମ୍ବ ପଣସ ଗଛରୁ କାଇ ପୁଡ଼ା ଆଣି ଏମାନଙ୍କ ଦେହରେ ଛାଡ଼ିଦେବାକୁ ହେବ ।

ପୋଷ୍ଟମାଷ୍ଟର—ପୁଣି ଲଙ୍କା ମରିଚ ଧୂଆଁରେ ଏମାନଙ୍କୁ ଶୋଇବାକୁ ଆଦେଶ ଦିଆଯାଉ ।

ଦେଓ୍ୱାନ—ଦାରୋଗା, ତମ ଦେଓ୍ୱାନ ସାହେବଙ୍କର ହୁକୁମ, ଏ ସମସ୍ତଙ୍କର ହାତଗୋଡ ଭାଙ୍ଗିବାକୁ ପଡିବ ।

ବଗଲ—(ନିଶ୍ୱାସ ପକାଇ) ରଣପୁରର ଭବିଷ୍ୟତ କି ସୁଖମୟ ।

ଦେଓ୍ୱାନ—ସୁଖମୟ ?

ପୋଷ୍ଟମାଷ୍ଟର—ନାହିଁ ଅଜ୍ଞା, ଉପହାସ କରୁଛି ।

ରେଂଜର—ନାହିଁ ଅଜ୍ଞା ଏ ଶଳାଙ୍କୁ ନୟାଗଡ଼ ଜେଲକୁ ପଠାଇବା ଉଚିତ ।

ବଗଲ—ପ୍ରସ୍ତୁତ ଅଛି ରେଂଜର ବାବୁ । ବିନା ଅପରାଧରେ ଶାସ୍ତି ବରଣ କରିବାକୁ ସେବକବାସୀ ବଗଲ ଶିକ୍ଷା କରିଛି । ଅହିଂସା ଯାହାର ଧର୍ମ, ମହାତ୍ମା ଯାହାର ଜୀବନର ଦେବତା, ସତ୍ୟ ପାଇଁ ଯେ, ଆତ୍ମବଳୀ ଦେଇପାରେ, ତାର ନୟାଗଡ଼ କଣ, ଢେଙ୍କାନାଳ କଣ, ସବୁଠାରେ ସେ ସୁଖୀ । ସ୍ୱାଧୀନ ପକ୍ଷୀ ସବୁଠାରେ ସୁଖୀ ।

ଦେଓ୍ୱାନ—ଦାରୋଗାଙ୍କ ପ୍ରତି—See his audacity.

ପୋଷ୍ଟମାଷ୍ଟର—ତାହାର ଅଜ୍ଞା ଏହି ମୁହଁ ଭାଙ୍ଗିବାକୁ ପଡ଼ିବ ।

ଦେଓ୍ୱାନ—ଦେଖୁ ସେବକବାସୀ ବଗଲ, ତୋର ଆଗରେ ତୋର ପୁଅ ବୋହୂଙ୍କ ଉପରେ ଅତ୍ୟାଚାର କରାଯିବ—

ବଗଲ—ଅତ୍ୟାଚାର କଣ ଆଉ ବାକୀ ଅଛି । ଏହି ରାଜା ରାଜୁଡ଼ା ଅନ୍ଧ ରାଜ୍ୟରେ, ଏହି ଅନ୍ଧାର ମୁଲକରେ, ରାଜା ଯେଉଁଠି ଅନ୍ଧାର ବଳକ କରନ୍ତି, ସେଠି ଆଉ ଆଲୋକର ପ୍ରଶ୍ନ ନାହିଁ । ଅତ୍ୟାଚାର...।

ଦେଓ୍ୱାନ—ଅତ୍ୟାଚାର ନୁହେଁ, ତୁମକୁ ବଞ୍ଚି ରହି ଶାନ୍ତି ଓ ଶୃଙ୍ଖଳାର ମାଲ ଗୃହୁକ ସହିବାକୁ ପଡ଼ିବ । ତମେ ଏ ରାଜାଙ୍କ ରାଜ୍ୟରେ

ଦେଶଦ୍ରୋହ କଥା କହିବ ନାହିଁ । ତମେ ପାଟି ଫିଟେଇ ପାରିବ ନାହିଁ !

ଜଣେକ ବନ୍ଦୀ—ହଜୁର୍ ।

ଦାରୋଗା—(ଗୁରୁକ ପ୍ରହାର କରି) କଣ ହଜୁର୍ ?

ଦେଓ୍ୱାନ—ଆଉରି କଣ ସବୁ ମାନିଯାଉଛ ?

ଜଣେକ ବନ୍ଦୀ—ନାହିଁ ଆଜ୍ଞା ମୋତେ ରାଜ୍ୟରୁ ତଡ଼ି ଦିଆଯାଉ ।

ଦେଓ୍ୱାନ—(ଗର୍ଜ୍ଜନ କରି) ଅସମ୍ଭବ, ଅସମ୍ଭବ । ଏଇଠାରେ ରହିବାକୁ ପଡ଼ିବ ।

ଜଣେକବନ୍ଦୀ—କଣ ଜବରଦସ୍ତି ?

ଦେଓ୍ୱାନ—ତୁମକୁ ରଣପୁର ବାହାରକୁ ଯିବାକୁ ହେବନି । ଏଇଠି ରାଜ୍ୟ ମୁଲକରେ ନିୟମ, ଆଇନ, କାନୁନ ମାନି ରହିବାକୁ ହେବ । ତମେ ଚୋର, ତମେ ଉଚ୍ଛୃଙ୍ଖଳ । ଲୌହଦଣ୍ଡର ମାଡ଼ରେ ତମର ମୁଣ୍ଡ ଫାଟିବ ।

ବଗଲ—ଯାହା ହେବାର ହେଉ ଆଜ୍ଞା । ନିରପରାଧୀର ଯେପରି ସୁବିଚାର ହୁଏ ।

ଦେଓ୍ୱାନ—ଏମାନଙ୍କୁ ସବୁ ନେଇ ଯାଅ…

ଦାରୋଗା—(ଲୁର୍ବାନ ପ୍ରତି) ସମସ୍ତଙ୍କୁ…ଚାଲିଲ…

ବଗଲ—ଆଜ୍ଞା, ଆଜ୍ଞା

ବନ୍ଦୀମାନେ—ହଜ୍ଜୁର୍ ହଜ୍ଜୁର୍

ଲୁର୍ବାନଖାଁ—( ବାଧା ଗୃପୁନା ସମସ୍ତଙ୍କୁ ଦେବା ) ( ଦେଓ୍ୱାନଙ୍କର ଦୃଷ୍ଟି ପଡ଼ିଲା କପିଳ ପାଣ୍ଡ ଉପରେ) କଓ କପିଳ ଉଠ, ତମର ରାଜଭକ୍ତ ଜଣା ପଡ଼ିଲା ।

ପୋଷ୍ଟମାଷ୍ଟର—ଆଜ୍ଞା, କପିଳ କଣ ସେମିତ ଉଠିବ…

ରେଞ୍ଜର—କପିଳ, ଉଠ, ଦେଓ୍ୱାନଙ୍କର ହୁକୁମ—

(କପିଳ ଉଠିବା, ବେଶ ଅଡ଼ ମରହଟ୍ଟି—ଟୁଟି, ହାତରେ ବାଡ଼ି—କୋଟ ଉପରେ ଗଞ୍ଜି—ଚଷମା, ଗୋଡରେ ଚଟି) ।

କପିଳ—ଆଜ୍ଞା, ପ୍ରଣାମ ! (ଦେଓ୍ୱାନ ବାବୁଙ୍କ ଗୋଡ଼ରେ ମୁଣ୍ଡ ଛୁଆଁଇ)

ଦେଓ୍ୱାନ—(ସମସ୍ତଙ୍କ ପ୍ରତି ଲକ୍ଷ୍ୟ କରି) ଆମ କପିଳ ଥିଲେ,..ରାଜ୍ୟ ଚାଲିଲା...(ସବୁ ଚୁପ ଚାପ)।

ହେଡ୍‌ମାଷ୍ଟର—ଆଜ୍ଞା, କପିଳ ପାତ୍ର କଥା କାହିଁକି କହୁଛନ୍ତି ।

ରେଞ୍ଜର—କପିଳ ତ ଗଣ୍ଡିବେଡ଼, ଆଉ ମୟୂରଖାଲିଆ ନରସିଂହପୁର ଖଣ୍ଡକୁ ଠିକ୍ ରଖିଛି ।

କପିଳ ପାତ୍ର—ଆଜ୍ଞା (ଦାନ୍ତ ଦେଖାଇ) କପିଳ ପାତ୍ରଥିଲେ, ସବୁ ଅଛି । ଏ ଗ୍ରେଟ ହାକିମଙ୍କୁ ଭଲ ପୁଅ...

ଦେଓ୍ୱାନ—ପାତ୍ରେ କଣ ସବୁ ବ୍ୟବସ୍ଥା ହେଲା ।

କପିଳ—ଆଜ୍ଞା ଟଙ୍କା ଯୋଟ୍ ଆସିଯାଇଛି । ଆଉ ଶହେ ଘର ବଉଳିମାନ ବେଠି ଧରି ବସିଛନ୍ତି । ଆପଣଙ୍କ ଆଗରେ ପଇଠ ହେଲେ ଉଆସ ଭିତରକୁ ଯିବ ।

ଦେଓ୍ୱାନ—ଟଙ୍କା ଆଣ ।

କପିଳ—(ବାହାରକୁ ଯିବା) ଗୋଟିଏ ବସ୍ତା ଆଣିବା...

ଦେଓ୍ୱାନ—ଏ କଣ ଖାଲି ଟଙ୍କା।

କପିଳ—ହଜୁର

ଦେଓ୍ୱାନ—ଭେଟିବାଲା ବାହାରେ ବସନ୍ତୁ । ମୁଁ ଉଆସକୁ ଖବର ପଠାଏ । ଦହ ପାଣି ବଢ଼ିଲାଣି କି ନାହିଁ...ପାତ୍ରେ, ଆଜି କଂଗରସ ଗୋଳ କଥା କଣ ?

ପାତ୍ରେ—ଆଜ୍ଞା (ହସି ହସି କାନ କୁଣ୍ଡାଇ) ସେହି କଥାଟା, ଆଜ୍ଞା ସେହି, —ମୁଁ କହି ଦେଇଛି ଗାଁ ଗାଁ ବୁଲି । ପୁଅ ସାବଧାନ ହୁଅ, ଫଗୁ ମହାନ୍ତି ଦଅନକୁ କପିଳ ପାତ୍ର ସରବରାକାର । ଖାଲି ରସଟିକି ନଟେଇ ଦେବ । ଯୋଡ଼ି ଯୋଡ଼ି ହଳ ହଳ ବନ୍ଧା ହେବ । ମାଙ୍କ ଘର ଘଣା ପେଲିବ, କତା ବାଡ଼େଇବ, ପୁଲିସ ଦାରୋଗା, ଗାଁଟାକୁ ଉଚ୍ଛନ୍ନ କରି ଦେବେ । ଯେମିତି ମୋ କଥା, ଶୁଣିଛନ୍ତି ସବୁ ଚୁପ୍ ଚାପ୍ ଖାଲି ରସଟିକି ଲଟେଇ ଦେବ ।

ଦେଓ୍ୱାନ—ଆଜି କଣ ହେଲା...ସେ କଥା ।

କପିଳ—ଆଜ୍ଞା ବସାକଙ୍କ ପୁଅର ବୋହୂ ଆସିଛି । ମୁଁ କହିଦେଲି, ଆଗ ବୋହୂଟିକି ଆମ୍ଭଙ୍କ ଦେଖା ପାଇଁ ପଠାଇ ଦିଅ । ସବୁ ଚଣ୍ଡୀ ଗୃହମୁଣ୍ଡା ସନ୍ତୁଷ୍ଟ ହୋଇ ଯିବେ—

ଦେଓ୍ୱାନ—ଆଉ କେତୋଟି ଠିକ୍ କରିଛ ।

କପିଳ—ଆଜ୍ଞା, ଆମ ଗାଁରୁ ସାତ ମୂର୍ତ୍ତି, ସୁନାଝଲାରୁ, ଶୃର ମୂର୍ତ୍ତି ବାସୁଦିଅ, ଶ୍ୟାମଦନପୁର, କେମାଦେଈପୁର, ସବୁଆଡ଼େ ଭେଦିଆ ପଠାଇଛି । ଅସଲ ମାଲ ମିଳିବେ ।

ପୋଷ୍ଟମାଷ୍ଟର—ଆଜ୍ଞା, ଅଉ ଗୋଟିଏ କଥା, ଏହି ଯେବବାସୀ ବସାକର ଝିଅ ।

କପିଳ—ହଁ, ହଁ, ଅସଲମାଲ । ମୁଁ ଠିକେଇ ସାରିଛି । ଅଳି ଟଙ୍କା ଦେଇ ଲୋକ ପଠାଇଛି । ତୋପାତ ବନ୍ଦୀଶାଳାଟରେ, ବଡ଼ ଭାଇ ତ ବାର ଦୁଆର ଶୁଣ୍ଢି ପିଣ୍ଡା ବୁଲୁଥିବ । ନୂଆ ବୋହୂ ଆସିଛି । ମୁଁ ମୁହେଁ, ମୁହେଁ, ଶୁଣାଇ ଦେଇଛି । ଆଗ ଅନୁକୂଳ ଉଆସ ଅଢ଼ୁ । ଅମଲ ଅମଲ ଦେଓ୍ୱାନ ଅଛନ୍ତି--

ଦେଓ୍ୱାନ—ନ ହିଁ, ନାହିଁ, ଆଗ ସବୁ ଉଆସକୁ ଅସନ୍ତୁ ।

କପିଳ—ଏଁ, କପିଳ ପାତ୍ରର ଏ ସବୁ ମିଜଟକର କଥା—

ଦେଓ୍ୱାନ—ଆଉ ତମର କାଗଜ ପତ୍ର ସବୁ ଠିକ୍ କରିଛ ତ ।

କପିଳ—କାଗଜ ଆଉ ପତ୍ର--ସବୁ ଠିକ୍ ଠିକ୍—ପାକ ବଜାଟରେ ସବୁ ଅଛି—

ପୋଷ୍ଟମାଷ୍ଟର—ପାଞ୍ଜି ବଜା କାତ—

ଦେଓ୍ୱାନ—ଦେଖି ତମ ଡାଏରିରେ କଣ—

କପିଳ—(ପାକଟିରୁ ଛୋଟ ଖାତାଟିଏ କାଢ଼ି) ଏଇଟି ଆଜ୍ଞା, ହବୁ,ଏଥିରେ ୧୮ କୋଶର ହ୍ୱାନ ଲାଭ ଅଛି ।

ଦେଓ୍ୱାନ—କଂଗରସ ମେଳକଥା କଣ ଖବର ପାଇଛ ?

କପିଳ—ଟିକଏ ଶୁଣିଲୁ ଅସ—ଧନମାଲୀ ସାମ, କୁରୁପା ଶ୍ର—ଆନନ୍ଦ ବସାକେ, ପଦନ ଦାସେ, ବଂଶୀ ପଣ୍ଡା, ଅଜୁ ସାହୁତ— ଏସବୁ ଏକାଠି ହୋଇଛନ୍ତି ।

ପୋଷ୍ଟମାଷ୍ଟର—ଅଚ୍ଛା, ଆଉ ଗୋଟିଏ କଥା ଜାଣନ୍ତି, ଅସଲ ଧ, ଜଣଙ୍କୁ ଛାଡ଼ିଯାଇଛ ।

କପିଳ—ମୁଁ କହୁଛି କହୁଛି । ଅସଲ ଧ ଜଣଙ୍କୁ ଅସଲ ଠାଏ ଲେଖି ରଖିଛି ।

(ତାଏର ପୃଷ୍ଠା ଲେଉଟାଇବା)

ଦେଓ୍ୱାନ—ଆଉ କଏ, ସେମିତି ଜଣ ଶୁଣା,

କପିଳ—ଅଚ୍ଛା, ରହନ୍ତୁ, ଆଉ ଦଫ୍ତର ପରିଚା । ସେ ଧ'ଟା କଣ କରିବେ । ଗାଲ ଚିପିଲେ

ପୋଷ୍ଟମାଷ୍ଟର—ନା, ନା, ତମେ ଭୁଲ ବୁଝିଛ, ସେହି ଠୋକା ଧ'ଟାତ ଏଇଲାଗେ ବେଶୀ ଅଙ୍ଗରମତା—ରଣପୁର ପୃଥ୍ୱୀଙ୍କ—

କପିଳ—ପୃଥ୍ୱୀ ରହିବ କା ରସାତଳେ ପଶିବ—

ଦେଓ୍ୱାନ—ସେ ଠୋକା ଧ'ଟା ଜାହିଁକି ହାବୁଡ଼େ ପଡ଼ିନାହାନ୍ତି ।

ପୋଷ୍ଟମାଷ୍ଟର—ଅଚ୍ଛା, ଘମ୍ମରୁ ପଗ ଦନେ, ସାନ ଗଡ ବଡେ ହୋଇ ଥିଲେ, ବାହାରେ ସେ ଠୋକା ଧଟା, ଖିଦାଡ଼ ପିଛ, କାନ ଫେର ମେଲାଇ ଗୁଲଛନ୍ତି । ଘମ୍ମର ପାଇଁରୁ ବନ୍ଧୁକ ଥିଲେ, ନାଚି ଦେଇ ଥାଆନ୍ତେ ବୋଲି କହୁଥିଲେ—

ଦେଓ୍ୱାନ—ମୁଁ ତାଙ୍କୁ ସେଇଆ କରିବ ।

କପିଳ—ମୁଁ ତାର ସବୁ ଉପାୟ କରିଦେଉଛି ।

ପୋଷ୍ଟମାଷ୍ଟର—ହଇଏ ପାହେ, ଆଉ କଣ ପଇସା ଦିଏଇ ଯୋଗାଡ଼ କରୁଛ ନା, ନାହିଁ ।

କପିଳ—ଅଚ୍ଛା, ମୁଁ ତ ମୋ ଉପାୟରେ ଅଛି । ଦୁରୁନ୍ତ, ଏକାଥରକେ ସୁନାମାଳୀ ଶହେଟା ଉଠାଇ ଅଣିବାକ ?

ଦେଓ୍ୱାନ—ଅଣ, ତାକୁ ହାତକରି ପାରିଲେ,......

କପିଳ—ଅଚ୍ଛା ବସିଲ ଏତିକବେଲେ ଜେଲରେ ଅଛି, ମାଡ଼ଥିଲେ ଏତିକବେଲେ......

ପୋଷ୍ଟମାଷ୍ଟର—ତମେ ପାହେ—ଖାଲି ଗାଁ ଗାଁ ବୁଲି ଟଙ୍କକଙ୍କୁ ଜବତ କର ।

ରେଞ୍ଜର—ଖାଲି ଜବତ ହେଲେ ହେବନାହିଁ ।

ଦେଓ୍ୱାନ—ତା ସଙ୍ଗରେ ଟଙ୍କା ଜୋରିମାନା ଦରକାର ।

କପିଳ—ଆଜ୍ଞା, ଆଟଗ ବସ୍ତିଆ ଘର ଜମି ବାଡ଼ି ନିଲାମ କରି ଦିଅନ୍ତୁ—

ଦେଓ୍ୱାନ—କିଏ ଅଛରେ,......

(ହଠାତ୍ ଜଣେ ପିଅନର ପ୍ରବେଶ)

ଦଣ୍ଡାୟମାନ ହୋଇ—

ଦେଓ୍ୱାନ—ନାଜର ବାବୁଙ୍କୁ ଡାକ

(ପିଅନର ପ୍ରସ୍ଥାନ; ଟିକିଏ ସମୟ ପରେ ନାଜରଙ୍କର ଆଗମନ)

ନାଜର ବାବୁ—(ପୂର୍ଣ୍ଣ ପ୍ରଣାମ କରି କରି)

ଦେଓ୍ୱାନ—ନାଜର ବାବୁ; ଷେତ୍ରବାସୀ ବସ୍ତିଆ ଘର ନିଲାମଜାରି ହେବ—ଅର୍ଡ଼ର କର......

ନାଜର—ଯେ ହଜୁର୍;......

କପିଳ ପାଣ୍ଡେ—ଆଜ୍ଞା, ଜମିବାଡ଼ି ତାର ଟେଣ୍ଡ୍ ବାଜ୍ୟାପ୍ତ କରନ୍ତୁ—

ଦେଓ୍ୱାନ୍—ତମେ କପିଳ ଆଜି ଉଆସକୁ ଯିବ । ସ୍ତୁଙ୍କର ଅର୍ଡ଼ର ହୋଇଛି ।

କପିଳ—ଆଜ୍ଞା, ହଜୁର ।

(ଏହି ସମୟରେ କଚେରୀ ଘଣ୍ଟାରେ ଗୁରୁଠା ବାଜିଲା)

ଦେଓ୍ୱାନ—କଚେରୀ ଆଜି ବନ୍ଦ ରହିଲା ।...ଯେଉଁମାନେ ଭେଟି ଆଣିଛନ୍ତି, ତାଙ୍କୁ କହିଦିଅ; ଦୋସରା ପାହାଚରେ ରହିବେ—

(ପଟ୍ଟ ପତନ)

## ଷଷ୍ଠ ଦୃଶ୍ୟ

(ଗାଁ ଦାଣ୍ଡରେ ଖଞ୍ଜଣି ଧରି ଗୀତଟିଏ ଗାଉଛି, ଗୋଟିଏ ଦରିଦ୍ର ଅନ୍ଧ ଲୋକ)

ଟଙ୍କାଡୋଲା ହେ
ଏକି କାଲ ହୋଇଲା...
ରକ୍ଷକ ଯେବେ ଭକ୍ଷକ ହେଲେ—
ଚୋରଗୁଣ୍ଡାଙ୍କର ଏସବୁ ଲୀଳା ।
ଝରମିଛ କହି, ପ୍ରିୟା ପ୍ରୀତି ଦେଇ
ଧନୀକୁ କରିଲେ କପଟ କଳା
ଟଙ୍କାଡୋଲା ହେ—
ମାନ ମହତ ଟେ ଇଜ୍ଜତ ନରହେ
ମଦ ମାଇକିନା ମୋହବନ୍ତ ବହେ
ସିଂହାସନ ଟଳମଳ ହୋଇଲା,
ଟଙ୍କାଡୋଲା ହେ—
ହେଳାଦନ ଦଦନ ହେ ମଧୁସୂଦନ
ଦୀନ ଦରିଦ୍ରର ହୃଦୟ ଧନ
ତୁମ ନାମେ ସିନା ଅପକୀର୍ତ୍ତି କଲା
ଯୁଗ ଯୁଗ ପାଇଁ ଲାଗି ରହିଲା—

(ଭିକାରିର ଗୀତ ଶୁଣି କମଳା କୁଟୀରରୁ ବାହାରକୁ ଆସି ଗୃହେଲ ପଇସା ଦେବା)

କମଳା—ବୁଢ଼ା, ଏ ଗୀତଟି କେଉଁଠୁ ଶିଖିଲ ?

ଅନ୍ଧ—ମା, ଗରିବ ଲୋକ, କାହାଠୁଁ କେତେବେଳେ ପଦେ ଅଧେ ଶୁଣିଥିଲି—

କମଳା—ବୁଢ଼ା; ଆଉ ଟିକିଏ ବୋଲ—

(ବୁଢ଼ା ଗୀତଟି ଗାଇ ଗାଇ ଦୂର ବାଟରେ ମିଶିଗଲା । ଦ୍ୱାର ବନ୍ଦ କରି କମଳା ପଶିଲା ଘରେ)

[ ଯବନିକା ପତନ ]

# ଦ୍ୱିତୀୟ ଅଙ୍କ

## —ପ୍ରଥମ ଦୃଶ୍ୟ—

( ଗାଁ ଗୋହିରି ରାସ୍ତା, ବଡ଼ ବଡ଼ ବରଗଛ ଠିଆ ହୋଇଛି । ବାଟରେ ଦୁଇ ତିନିଜଣ ଠିଆ ହୋଇଛନ୍ତି । ଦୁଇଜଣଙ୍କର ବୟସ ୪୦ ହେବ—ଆଉ ଜଣେ ଯୁବକ । ଯୁବକର ବେଶ, କାଲି;···ଗଞ୍ଜି ପିନ୍ଧିଛି । ହାତରେ ଖଣ୍ଡେ ଖଣ୍ଡେ ଦାଆ, କୋଡ଼ି, କୋଦାଳ । ବାଟରେ ଯାଉଥିଲେ କଥାବାର୍ତ୍ତା ହୋଇ । ଆଗରେ ଗୋଟିଏ ବରଗଛ ଦେହରେ କାଗଜଟାଏ ଛପା ହୋଇଛି—ବାମ ଓ ସହଦେବ—ବାମଦେବ ଟିକିଏ ଢେଙ୍ଗା—ଆଉ ମାଳ ଯୁବକ)

ଯୁବକ ମାଳ—ଅରେ ଭାଇ ଏ କଣ କରେ ?

ବାମ—କାହିଁ କଣ ବା ?

ମାଳ—ଅରେ ହେଇଟି ଗଛରେ ମ—

ବାମ—ଅରେ ବାଘ ହାଗ ଚିହ୍ନ ହୋଇଥିବ ପରା—

ମାଳ—ନାହିଁମ, ଏଟା ଚିହ୍ନ ନୁହେଁ ତ ।

ସହଦେବ—କଣ ଏଡ଼େ ଏଡ଼େ ଅକ୍ଷର ଗୁଡ଼ାଏ

ବାମ—ହ ବେ, ଅକ୍ଷର ଗୁଡାଏ କଣମ

ସହଦେବ—ଅରେ ତୁ ତ ପାଠ ପଢି ନଥିବୁ ।

ବାମ—ଯାବେ, ତୁତ ଭାରି ପାଠ ପଢିଚୁ ? ମୁଁ ପରା ଶ୍ରୀଧର ଗୃହାଳୀରେ ମାସେକାଳ ପଢିଥିଲି ।

ମାଳ—ଗୃହାଳୀରେ ପଢିଲେ କଣ ହେଲା ?

ବାମ—ଅରେ, ମୁଁ ଗୋପୀଭାଷା, ଗୁଣସାଗର ପଢ଼ିଥିଲି ।

ସହଦେବ—ଅରେ, ଗୋପୀଭାଷା କିଏ ପଢୁନି—

ମାଳ—ଏବେ ପଢିଲୁ ଏଠିକଣ ଲେଖା ହୋଇଛି ?

ବାମ—ତୁ ପଢୁ ନୁ—

ସହଦେବ—ଅରେ ମାଳ, ଏଠିକି ଏ କାଗଜ ଆସିଲା କେଉଁଠୁ ?

ବାମ—ଅରେ ଆଉ କିଏ କଣ କପିଆଁ କରିଛି କି ?

ନୀଲ—ଯା ଭାଇ କମିଯ଼ା କାହିଁକି ହେବ ଏ—

ବାମ—ଅରେର ଭୂତ ପ୍ରେତ କି...

ସହଦେବ—ଆରେ, ତୁ ଉଲୁ

ନୀଲ—ଭାଇ ପଢ଼ିବୁଟି—

ସହଦେବ—ଭଣ୍ଡାଭଣ୍ଡି କର ତୁ ପଢ଼ିବୁ ନା ଟି—,

ବାମ—(ଶୂନ୍ୟଅଡ଼କୁ ଚାହିଁ) ଆରେ କିଏ କୁଆଡ଼ୁ ଆସିବ ଯେ—

ସହଦେବ—ଆସୁ, ଆମେ ଚେଷ୍ଟା କରୁଛୁ କି—

ବାମ—ଆରେ, ଆମେତ ହେଲେ ଅଦା ବେପାରୀ, ଜାହାଜ ମୂଲ କରିବା କାହିଁକି ?

ନୀଲ—ହଁ, ଅସଲ ଚୋର ଧରା ପଡ଼ିଲା ।

ବାମ—କଣ ? ଚୋର ଧରାପଡ଼ିଲା ।

ନୀଲ—ଚୋର ନୁହେଁ ତ ଆଉ କଣ ?

ସହଦେବ—ନୁହେଁ କଣ ? କଣ କାଗଜୁଟେ ମରା ହୋଇଛି, ତୁ ଏଥିରେ ଥର ହର...

ନୀଲ—ଖାଲି ଥରହର ନୁହେଁ, ଏକାବେଳକେ ଅଥୟ ।

ବାମ—ଆରେ ଭାଇ ତମେ ସବୁ ସେମିତି କୁହନା—

ନୀଲ—କହିବୁ ନା କାହିଁକି ?

ବାମ—(ଶୂନ୍ୟଅଡ଼କୁ ଚାହିଁ) ମୋତେ ଭୟ ଲାଗୁଛି ଭାଇ । ଦେଖୁଛୁତ, ଶିଳ ଶିକୁପତା ଗଗନେ ଉଡ଼ୁଛି, ତାଙ୍କୁ ରଖିବ କିଏ ? ଆରେ ଭାଇ । ସିଏ ଯାହା ଗାଁରେ ରଗଡ଼ ପକାଉଛି । ବାଘ ଗରଜିଲା ପରି ଗର୍ଜନ ଛାଡ଼ୁଛି । ତାକୁ ଦେଖି ମୋର ଚେତା ଶୂନ୍ୟ—

ସହଦେବ—ଭୂତ ମଣିଷ, ପ୍ରେତ ମଣିଷ, ତୋତେ କାହିଁକି ଛନଅ ଲାଗୁଛି ।

ବାମ—ମଣିଷ ହେଲେ କଣ ହେଲା ?

ସହଦେବ—ସେତ ମଣିଷଟାଏ, ତାକୁ ଏତେ ଡର କାହିଁକି ?

ନୀଲ—ନାହିଁ ନାହିଁ, ଆମ ବାମ ଭାଇଙ୍କର ଗୋଟାଏ ବଦଖୋଇ !

ବାମ—ତୁ ତ କାଲିର ପିଲା; ଗାଁରେ ସିନା ନେତା ପାଲଟି ଯାଉଛୁ । କଂଗରସ କରୁଛୁ—

ଶୀଲ—କଥାଟା କହିଲୁଁ; ମନକୁ ପାଇଲା । ତୁ କଂଗରସକୁ ଡରୁ…

ସହଦେବ—ଆରେ ତୁ ପଢ଼ ବା କାଗଜରେ କଣ ଲେଖା ହୋଇଛି ।

ଶୀଲ—ବାମ ଭାଇତ ନାକ ଟେକୁଛନ୍ତି ।

ବାମ—କରେ ମୋର କଣ ଦୋଷ ହେଲା ।

ସହଦେବ—ତୋର ଏହି ଚୁ ପୁ ଚୁ ପୁ ନୀତି—

ଶୀଲ—ନାହିଁ ନାହିଁ ତାକୁ କିଛି କହିବା ନାହିଁ ।

ବାମ—ଶୀଲୁ, ତୁ କାଗଜଟା ପଢିବୁଟି ?

ଶୀଲ—( ଟିକି ନିକଟକୁ ଯାଇ, ନିରୀକ୍ଷଣ କରି ଗୁହିଁ ପଢିବାକୁ ଲାଗିଲା )

ଘୋଷଣା—

ରଣପୁର ଗଡ଼ଜାତର ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ଆସନ୍ତା ବୁଧବାର ଦିନ ହାଟ ପଡିଆରେ, ରଣପୁର ୧୪ କୋଶ ଭାଇମାନଙ୍କର ଗୋଟିଏ ବୈଠକ ସଭା ହେବ । ସଭାରେ ବହୁତ ଲୋକ ଯୋଗ ଦେବେ । ଆମର ଅନ୍ଧାର ମୁଲକରେ କପରି ଦମନ ଲୀଳା ଚାଲିଛି । ପୋଲିସ ଅମଲାମାନେ ଶୋଷଣ କରୁଛନ୍ତି, ରାଜା କିଛି ବୁଝୁନାହାନ୍ତି, ଧର୍ମାବତାରଙ୍କ ନିକଟରେ ଆପତ୍ତି କଲେ ଆବେଦନପତ୍ର ତାଙ୍କ ନିକଟରେ ପହଞ୍ଚୁନାହିଁ । ଆମରି ଭିତରୁ ଦଳେ ଲୋକ, ପୋଲିସ ଅମଲାଙ୍କୁ ସାହାଯ୍ୟ କରି ଆମ ପରି ମଲା ମୁଣ୍ଡିଆଙ୍କୁ ହଇରାଣ କରୁଛନ୍ତି । ଜଙ୍ଗଲ ଆମର । କିନ୍ତୁ ଜଙ୍ଗଲର କାଠ ଗଛ ଉପରେ ଆମର ଅଧିକାର ନାହିଁ । ପୋଖରୀ ଆମର, ମାଛରେ ଆମର ଅଧିକାର ନାହିଁ । ଲାଞ୍ଚ ନ ଦେଲେ, ଅମଲାମାନେ କାଗଜପତ୍ର କାମ କରୁନାହାନ୍ତି । ଏଥିରେ ଉପାୟ କଣ ? ଗତ କେତେଦିନ ତଳେ ଷେଏବାସୀ ବରାଳଙ୍କୁ ଗଛରେ ବାନ୍ଧି ପୋଲିସ ଦାରୁଗା ଦଅନ ଥାଇ ମାଡ ଦିଆଗଲା । ୧୪ କୋଶ ମୁଲକରେ ଯେ ସତ କଥା କହିବ, ତାଙ୍କୁ ସବୁ ଦଣ୍ଡ ଦିଆଯିବ ବୋଲି ହୁକୁମ ହୋଇଛି । ଅମ୍ଭେ ରାଜାଙ୍କ

ସମ୍ମୁଖରେ ଅମ୍ଭ ଦୁଃଖ ଜଣାଇବା । ଆମେ ସଭା ସମିତି କରି ଆମର ଦୁଃଖ ଅସୁବିଧା ଜଣାଇ ପ୍ରତିକାର ଦାବୀ କରିବା । ଏଥିରେ ଆପଣମାନଙ୍କର ସହାନୁଭୂତି ଦରକାର । ଆପଣମାନେ ଆମ୍ଭମାନଙ୍କର ବଳ । ରଣପୁର ପ୍ରଜାମଣ୍ଡଳୀ ଆପଣମାନଙ୍କୁ ଡାକି ବସିଛି । ପ୍ରଜାମଣ୍ଡଳର ସମସ୍ତ ନେତାଙ୍କୁ ଦଅନ ବନ୍ଦେଇ ନେବା ପାଇଁ କଡ଼ା ହୁକୁମ ହେଉଛନ୍ତି । ଅମ୍ଭମାନଙ୍କ ଧନ ଜୀବନ ଉପରେ ବିପଦ ପଡ଼ିଛି । ଆପଣମାନେ କଣ ପ୍ରଜାମଣ୍ଡଳର ଡାକ ଶୁଣିବେ ନାହିଁ । ଅସନ୍ତା କାଲି ହାଟ ପଡ଼ିଆରେ ସଭା ହେବ ଆପଣମାନେ ବହୁତ ସଂଖ୍ୟାରେ ଯୋଗଦାନ କରି ଆପଣମାନଙ୍କ ଜାତୀୟ ଆନ୍ଦୋଳନକୁ ସଫଳ କରନ୍ତୁ । ନିଜ ଆଖିରେ ନିଜେ ଅବସ୍ଥା ଦେଖନ୍ତୁ । ଜାଗ୍ରତ ହୁଅନ୍ତୁ, ଉଠନ୍ତି ହୁଅନ୍ତୁ, ବର୍ତ୍ତମାନ ବେଳ ଆସିଛି ।

ବାମ—ହାଇରେ ଶୀଳ, ଏ ସବୁ କଣ କରେ ?

ସହଦେବ—ତୋ ମୁଣ୍ଡରେ ତ ଭାଇ ଗୋବର ଅଛି ।;

ଶୀଳ—(କାଗଜଟାକୁ ଗଛରୁ ଛଡ଼ାଇବା ଉପରେ)

ବାମ—ନାହିଁ ନାହିଁ ତୁ ସେ କାଗଜ ଛୁଅଁ ନା—

ଶୀଳ—କଣ କାଗଜଟାରେ ପାପ ଲାଗିଛି ।

ବାମ—ଅରେ ସେ ପାଠରେ ପରା ପାପ ଲାଗିଛି ।

ସହଦେବ—ଏଇଥି ପାଇଁ ମୁଁ କହେ, ତୁ ଡରକୁଳିଆଟାଏ । ତୋ ହାତରେ ଶାଗ ସିଝିବ ନାହିଁ । ଆମ ରଣପୁର ୧୪ କୋଶରୁ ଆମେ କଣ ବାହାର । ଏତେ ଲୋକ, ଏତେ ପ୍ରଜାଙ୍କର କଥା, ଶୁଣିଲୁ କ୍ଷେତ୍ରବାସୀ ବାଘିଲ କରି ହାଜତରେ ସଢ଼ୁଛି—

ବାମ—ଅରେ ଶେଷରେ ସିନା, 'ଆ ବଳଦ ମୋତେ ବାନ୍ଧ' ହେବ—

ଶୀଳ—ଲୋକେ କହନ୍ତି, ମାଡ଼ଖିଆ ମାଧୁଆ । ତୁ ଏକ ନମ୍ବର ବୁଦୁ । (କାଗଜଟା ଗଛରୁ ଫିଙ୍ଗିବା) ଏହି ସମୟରେ ଦୂରରେ କଣେ ଯାତ୍ରୀ ଛତା ଧରି ଯାଉଥିବାର ଦେଖାଗଲା ।)

ବାମ—(ଗୃହଅଡ଼କୁ ଚାହିଁ) ଅରେ ଭାଇ; ଦେଉଣୀ କଅଣ ମୁଣ୍ଡରେ
କିଏ ଜଣେ ଆସୁଛି କିରେ···

ନୀଳ—(ଚାହିଁବା) ଅରେ, ସିଏ ଆସୁଛି, ଆସୁ।

ବାମ—ଆମେତ ବଲକୁ ଯାଉଛେ—

ନୀଳ—ଜାହିଁକି, ଆମେତ ଏଠି ଠିଆ ହୋଇ ଖବର କାଗଜ ପଢୁଛେ—

ବାମ—ହଁ, ସେମିତ କହିଲେ, ମୋର ବାଟ ମୁଁ କାଟିବି—

ନୀଳ—ଆଉତ ପାରି ହେବ ନାହିଁ—ସବୁବେଳେ ଡରିଲି।

ବାମ—ନାହିଁରେ ଭାଇ, ରଜା ରାଇଜ, ଦଅନ ଦାରୁଗାଙ୍କ ଅମଳ। କେତେବେଳେ କଣ ହାନି ଲଭ ଥାଏ। ଶେଷରେ ସମସ୍ତେ ସିନା ମରିବା—

ସହଦେବ—ମରିବାକୁ ତୋର ଭାରି ଭୟ—

ବାମ—( ପୁଣି ଗୃହ ଅଡ଼କୁ ଚାହିଁ ) ମୁଁତ ସତ କଥା କହୁଛି। କାହାକୁ ମରିବାକୁ ସୁଖ ଲାଗେ। ପିଲାଟିଏ ହେଲେ ମଧ ତାର ପ୍ରାଣକୁ ଲୋଭ।

ନୀଳ—ତୁ ତ ତେବେ ପିଲା ( ଟିକିଏ ଛୁଗୁଲେଇ ) ଆମ ବାମ ଭାଇ ଭାରି ପିଲାଟାଏ। "ମା ଯାଉଛି ଗାଈ ଚରାଇ, ଆସିଲେ ପିଇବୁ ପେଟ ପୂରାଇ।"

ବାମ—ଏ ନୀଳ—ତେସ ଲୋକ ଆସି ଗଲାମ।

ନୀଳ—ଆସୁ—ଆସୁ···

ବାମ—ଏ ନୀଳ, ରଜା ରାଇଜରେ ଢର କିରି···

ସହଦେବ—ତୁ ଅଉ ରଜା ରାଇଜ, ରଜା ରାଇଜ ବୋଲି କହନା—

ନୀଳ—ଭାଇ, ବାମା ଭାଇ କଥା ଶୁଣି ଗରମ ଲାଗୁଛି—

ସହଦେବ—ନୀଳରେ, ଏ ଗଛ ତଳେ ଟିକିଏ ବସମ !...ବଡ ଅଣ୍ଟା ଲାଗୁଛି।

ନୀଳ—(ଗଛ ତଳେ ବସିବାକୁ ଉଦ୍ୟତ)

ବାମ—ଭାଇ, ମୁଁ ଯାଉଛି। ତମେ ଏଠି ହାଉଆ ଖାଉଥା—

ମାଲ—ବାମା ଭାଇ, ତୁ ବସମ ! ଏଇଲଗେ ଗାଁ ଗାଇଅଲ ଆସିବ ଯେ, ବଇଁଶି ଶୁଣିବା ।

ବାମ—ସତ କହୁଛୁ ଭାଇ, ମୋ ମନରେ ବଡ଼ ଦକ । ଏତେ ବଡ଼ କାଗଜଠାଏ ଏଠି ଛପା ହୋଇଛୁ, କଏ ଯଦ ଦେଖେ ଅମେ ସବୁ ଏ ଛପା କାଗଜ ପଢ଼ୁଛେ ତାହା ହେଲେ ଆମ ଦଲ ବଳଦ ସବୁମିବ । ଅମ ପିଠିରେ ପୋକ ପଡ଼ିବ ସିନା,

ମାଲ—ଅରେ ଦେଖ (କଣକୁ ମୋଡ଼ି) ଏ ଦାମ ସିଂହ ପୁଅ ମାଲ ସିଂହ—ଥିଲ୍ଲ ଯାଏଁ, ତୁ ଡରନା...

ବାମ—ତୁ ଥିବାରୁ ଟିକିଏ ସାହାସ ଲାଗୁଛୁ ।

ସହଦେବ—ନଇଲେ ସବୁ, ଶେଷ ।

(ହେଇଟିତ ବାବୁ ଅସିଲେଣି, ବଂଶୀ କାଢ଼ି ବଜାଇବା)

ଏକ ସାଧାରଣ କର୍ମିଗୃହୀଙ୍କ ପ୍ରବେଶ । ନାମ ରତ୍ନାକର ସାହୁ—ହାତରେ ଖଣ୍ଡିଏ ବ୍ୟାଗ)

ସହଦେବ—ବଂଶୀ ସ୍ୱନପ୍ରତି କାନ ଦେବା—

ବାମ—(ଘରେ ଅଡ଼ୁଆଲରେ ବସିବା) ।

ରତ୍ନାକର—କିରେ ଭାଇ; ଏ ଗାଁକୁ ମିବାପାଇଁ ବାଟରେ ନଇ ପଡ଼ିବ ?

ମାଲୁ—ନଇ ପଡ଼ିବନି—ନାଲଠାଏ ପଡ଼ିବ ।

ରତ୍ନାକର—ତମେ ସବୁ କାହିଁକି ଏଠି ବସିଛ ?

ମାଲୁ—ଟିକିଏ ଛାଇ ତଳେ ବସି ଯାଇଛୁ ।

ବାମ—ଆମର ବଲ ସବୁଅଛୁ......

ସହଦେବ—ଭାଇ; ତମେ କୁଆଡ଼େ ମିବ ।

ରତ୍ନାକର—ମୁଁ କୁଆଡ଼େ ମିବି ? ମୁ ତ ସବୁଆଡ଼େ ଯାଉଛୁ ।

ସହଦେବ—କାହିଁ ଭାଇ, ତମର କେଉଁ ଗାଁ...

ମାଲୁ—ତମେ ଭାଇ ବସୁନ ।

ସହଦେବ—(କାନରେ ଖୋସା ହୋଇଥିବା ବଡ଼ି କାଢିବା)

ମାଲ—ଭାଇ ଖଣ୍ଡେ ହେବନି ?

ରତ୍ନାକର—ଭାଇ, ମୁଁ ବଡ଼ି ଖାଏନି । ମିଳିଲେ ଟିକିଏ ପାନ ଖାଏନ୍ତି ।

ନୀଳ—ଆମ ବାମା ଭାଇ ପାଖରେ ବଟୁଆ ଅଛି ।

ବାମା—(ବଟୁଆ କାଢ଼ି ପାନ ଭାଙ୍ଗିବା)

ନୀଳ—ହଇଏ ଭାଇ, ଏ ଗଛରେ ସବୁ କାଗଜ ଛପା କାହିଁକି ମରା ହୋଇଛି କହିଲ ?

ରତ୍ନାକର—(ବିସ୍ମିତ ହୋଇ) ସତେତ କଣ ଗୁଡ଼ାଏ ଲେଖା ହୋଇଛି ।

ନୀଳୁ—ଭାଇ ପଢ଼ୁନା ବଡ଼ ପାଟିରେ, ଆମେତ ମୂର୍ଖ ଲୋକ—

ରତ୍ନାକର—(କାଗଜକୁ ଗୃହିଁ ପଢ଼ିବା)—

ନୀଳୁ—ପ୍ରଜାମଣ୍ଡଳ କଥା କଣ ଲେଖା ହୋଇଛି ।

ରତ୍ନାକର—ହଁ ଭାଇ, ସେଦିନ ସଭା କଥା ଲେଖା ହୋଇଛି । ଆମ ଗାଁ ଆଡ଼େ ରଘୁ, ବାବୁ, ମିଶ୍ରେ, ଧନମାଳୀ ସାମ, ବସାଢ଼, ସବୁ ଯାଇଥିଲେ । ଲୋକଙ୍କୁ ବହୁତ ବୁଝେଇ ସୁଝେଇ ଆସିଛନ୍ତି । ହାଟ ପଡ଼ିଆରେ ସଭା ହେବ—

ବାମ—ତମେ ପ୍ରଜା ମଣ୍ଡଳକୁ ଦେଖିଛ ?

ରତ୍ନାକର—ଆମେ ସବୁ ମିଶି ପ୍ରଜାମଣ୍ଡଳ । ଜଣେ ଲୋକତ ପ୍ରଜାମଣ୍ଡଳ ନୁହେଁ ।

ବାମ—ନୀଳୁତ କହୁଛି, ରଘୁଭାଇ, ବସାଢ଼ଭାଇ, ଧନମାଳୀ ସାମ, ସେନାପତି ଭାଇ, ପଦ ଦାସେ, ଏକାଠି ହୋଇ ତାଙ୍କର ପ୍ରଜାମଣ୍ଡଳ କରିଛନ୍ତି ।

ନୀଳ—(ଭାରି ବିରକ୍ତ ହୋଇ) ତୁ ବଡ଼ ମୂର୍ଖଟାଏ । ତୋତେ ଏତେ ବୁଝେଇ ତୁ କିଛି ହେଲୁ ନାହିଁ । ଆରେ ମୁଁ ତ କହିଲି, ଆମର ପ୍ରଜାମଣ୍ଡଳ, ଆମେ ସବୁ ସେଥିରେ ଅଛେଁ ।

ବାମ—ନାହିଁ ନାହିଁ ମୁଁ ତ ସେଥିରେ ନାହିଁ ।

ରତ୍ନାକର—ଆରେ ଭାଇ, କଳଅ କଲେ ସେମିତ ଚଳବନାହିଁ···। (ବ୍ୟାଗରୁ କାଢ଼ି) [ହ୍ୟାଣ୍ଡବିଲ କାଗଜ ଦ'ଖଣ୍ଡ ଦେବା] ଏ କାଗଜ ନିଅ । କାହାକୁ କହିବ ନାହିଁ । ଗାଁରେ ସମସ୍ତଙ୍କୁ ଏ କାଗଜ ପଢ଼ି ଶୁଣାଇ ଦେବ ।

ନୀଳୁ—ଏ କାଗଜ କେଉଁଠୁ ଆସିଛି ?

ରତ୍ନାକର—ଏ କାଗଜ କଟକରୁ ଆସିଛି । ଜହରଲାଲ ନେହେରୁ ନିଜେ ପଠାଇଛନ୍ତି । ତମେ କାହାକୁ ଏ କଥା କହିବ ନାହିଁ ।
(ବୁଲେଟିନ ଖଣ୍ଡେ ଦ'ଖଣ୍ଡ ନିଜେ ଗଛ ଦେହରେ ଅଠା ଦେଇ ମାରିଦେବା) ହଉ ଭାଇ ମୁଁ ଯାଉଛି । ସଭା କଥା ତୁମକୁ ଲାଗିଲା (ପ୍ରସ୍ଥାନ)

ମାଲୁ—(ସେଇଠି ବସି) ବଂଶୀ ବଜାଇବା—
( ଦୂରରେ ବଂଶୀ ଧ୍ୱନି ଶୁଣାଗଲା । )

ବାମ—ଗାଁ ଗାଈଗୋଠ ଆସିଲେଣି । ଗୃଲଯିବା ବେଳ ହୋଇଗଲା ।
(ତିନିହେଁ ଆଗ ପଛ ହୋଇ ଗୃଲଯିବା)
ପ୍ରାୟ ପାଞ୍ଚ ମିନିଟ ପରେ, ବିପରୀତ ଦିଗରୁ କପିଳ ପାତ୍ର ଓ ଜଣେ ଚୌକିଦାରର ପ୍ରବେଶ, ନାଁ ତାର ବେଙ୍ଗୁ ମଲିକ ]

କପିଳ ପାତ୍ର—(ଗଛକୁ ଦେଖି ଚମକି ପଡ଼ି) କରେ ଶଳା, ଏଠି ପୁଣି କିଏ କାଗଜ ଛପା ମାରିଲା ? ଜାଣିଲୁ ବେଙ୍ଗୁଆ ବାକି ରହିବନି ଏ ନିମକହାରାମ ଗୁଡ଼ାଙ୍କୁ ପାରି ହବନି—ଏ ନିମକହାରାମ-ଗୁଡ଼ାଙ୍କୁ ପାରି ହବନି—

ବେଙ୍ଗୁଆ—କାହିଁକି ଅଜ୍ଞା କଣ ହେଲା ?

କପିଳ ପାତ୍ର—(ଚଶମା ଭିତରୁ ଖୁବ୍ ରାଗରେ ବେଙ୍ଗୁଆକୁ ଚାହିଁବା) ତୁ ମଧ୍ୟ ଓଲୁ ।

ବେଙ୍ଗୁଆ—ହାକିମ କଣ ହେଲା ?

କପିଳ—ଆରେ ଏ ଗଛ ଦେହରେ କଣ ଲେଖା ହୋଇଛି ଦେଖେ । କାଲି ସଭା ହେବ । ଧନମାଳୀ ରାମ, ମିଶ୍ର, ପଦାନ ଦାସଠ ରସଣ୍ଟିକାଲ ନାଗିବ । ନିମକହାରାମ ଦଳ ।

ବେଙ୍ଗୁଆ—ବାବୁ ମୁଁ ତ ମୂର୍ଖ ଲୋକ; ମୁଁ କଣ ଜାଣୁଛି ।

କପିଳ ପାତ୍ର—ଆରେ ଏଥି କାଗଜରେ ଗେଜେଟ ମାର୍କା ହୋଇଛି ।

ବେଙ୍ଗୁ—ବାବୁ ଆମେ କଣ ଗେଜେଟ ମାର୍କା ଜାଣିବୁ ।

କପିଳ ପାତ୍ର—ଏଇଠି ଗଛ ଦେହରେ ଗେଜେଟରେ ସବୁ କଥା ପଡ଼ିଛି ।

ବେଙ୍ଗୁ—ଏତେ ବଡ଼ କଥା—

କପିଳ ପାଣ୍ଡ—(ସଙ୍ଗିପାଇ) ବେଙ୍କୁଅ, ତମା ବେଗ୍ ଖଣ୍ଡକ ଆଣିବୁଟି—

ବେଙ୍କୁ—(ବେଗ୍ ଖଣ୍ଡକ ଆଣି ଥୋଇବା)

କପିଳ ପାଣ୍ଡ—(ବେଗ୍ ଭିତରୁ କାଗଜ ପେନ୍‌ସିଲ କାଢ଼ିବା) ବେଙ୍କୁଅ, ଏ ଗଛ ଦେହରୁ କାଗଜ ଗୁଡ଼ାକ ଛଡ଼ ଦେବୁଟି ।

ବେଙ୍କୁଅ—(କାଗଜ ଚିରିବା)

କପିଳ ପାଣ୍ଡ—ରହ, ଅଜ ଗାଁବାଲାଙ୍କ ନାଁରେ, ଥାନାକୁ ରିପୋର୍ଟ କରୁଛୁ । ତୁ ମନେରଖ, ଏଇ ଥାନାଟା, ଏହୁ ସବୁ ଗଛ ମନେ ରଖ, ରପଟିକ ଲାଗିଯିବ ଯେ ।

( ପ୍ରସ୍ଥାନ )

## ଦ୍ୱିତୀୟ ଅଙ୍କ ଦ୍ୱିତୀୟ ଦୃଶ୍ୟ—

(ବିସ୍ତୀର୍ଣ୍ଣ ପ୍ରାନ୍ତର—ସଭା ହେଉଛି—ବହୁ ଲୋକ ଜମା ହୋଇଛନ୍ତି । ତିରଙ୍ଗା ପତାକା ଉଡ଼ୁଛି—ନାଲି ପଗଡ଼ି ପୋଲିସ ଜଣେ ଦୁଇଜଣ ବସିଛନ୍ତି । ଲୋକାରଣ୍ୟ—ସଭାପତି ଧନମାଳୀ ସାମ । କରତାଳି ଧ୍ୱନି ମଧ୍ୟରେ ରଘୁମହାନ୍ତି କହୁଛନ୍ତି)

ରଘୁ—ଭାଇ ଓ ଭଉଣୀମାନେ, ଆଜି ଆପଣମାନଙ୍କୁ ଆମର ଏହି ପ୍ରଜାମଣ୍ଡଳ ପକ୍ଷରୁ ପ୍ରଥମେ ସମ୍ବର୍ଦ୍ଧନା ଜଣାଉଛି । ଆଜି ଆପଣମାନେ ଏତେ ସଂଖ୍ୟାରେ ଯୋଗ ଦେଇ ପ୍ରଜାମଣ୍ଡଳର ଗୌରବ ରଖିଥିବାରୁ, ବାସ୍ତବିକ୍ ମୁଁ ବଡ଼ ଆତ୍ମହରା ହୋଇ ପଡ଼ୁଛି । ଆମର ସଭାପତି ଧନମାଳୀ ସାମ ଏବଂ ଅନ୍ୟାନ୍ୟ କର୍ମୀ ଶ୍ରୀଯୁକ୍ତ ମିଶ୍ରେ—ଦାସେ, ସେନାପତି ପ୍ରଭୃତି ଆଜି ପ୍ରଜାମଣ୍ଡଳର ଦାବୀ ପୂରଣ ନିମିତ୍ତ ବଦ୍ଧପରିକର ।

ଆମର ଏହି ଅଭ୍ୟାଗୃହ ମୂଳକରେ ଆପଣମାନେ ହିଁ ଆଶା ଓ ଆଶ୍ୱାସନାର ଆଲୋକ ଦୀପ ଜାଳି ରଖିବେ । ଯେଉଁ ଭୂମିରେ ମୈନାକପର୍ବତ ତରଣ୍ୟାମାୟମାନ, ସୌନ୍ଦର୍ଯ୍ୟରେ ହସେ ମଲ୍ଲଗୁଣୀ ।

ଚକ୍ରବାଳ ତଳେ ଗୃହୀର ସୁନା ଧାନ କ୍ଷେତ ଭରତ ପକ୍ଷୀ ସ୍ୱନରେ ଉଲ୍ଲସିତ ହୁଏ, ଯେଉଁ ଭୂମିରେ ଗୃହୀ ଖଟି ଖଟି ସୁନାର ସଂସାର ଗଢ଼େ—ସେହି ମାଟିର ପ୍ରଜାମାନଙ୍କର ଏହି ଦୁଃଖ ଦୁର୍ଦ୍ଦଶା କାହିଁକି ?

ଅମ୍ଭମାନଙ୍କର କହିବାର ଅଧିକାର ନାହିଁ । ଅମ୍ଭମାନଙ୍କ ଉପରେ ଦେଓ୍ୱାନ ଦାରୋଗାଙ୍କର ଅତ୍ୟାଚାର ଲାଗିରହିଛି । ଅମ୍ଭମାନଙ୍କର ଦାବୀ ନାହିଁ—ଅଥଚ ଷ୍ଟେଟର ସମସ୍ତ ରାଜସ୍ୱ ଭାର ଆମଉପରେ । ଅମ୍ଭମାନଙ୍କର କଣ୍ଠ ରୋଧକରି ଦିଆଯାଇଛି । ଅମ୍ଭେମାନେ ସୁପ୍ତ—ପତିତ—ନିର୍ଯ୍ୟାତିତ—!

"ଯଦା ଯଦାହି ଗ୍ଲାନି ଭବତି

ଭାରତରେ ପୁତ ପବିତ୍ର କଂଗ୍ରେସ ଆନ୍ଦୋଳନ ମହାତ୍ମା ଗାନ୍ଧୀଙ୍କର ନେତୃତ୍ୱରେ ସ୍ଥାପିତ ହେଲା । ସୁରାଟ ଲାହୋର କଂଗ୍ରେସ ଅଧିବେଶନ ଭାରତକୁ ପୂର୍ଣ୍ଣ ସ୍ୱାଧୀନମୁଖୀ କରିବାକୁ ସଂକଳ୍ପ ଗ୍ରହଣ କଲା । ଆଜି ଅମ୍ଭମାନଙ୍କ ଆଗରେ ଦୁଇଟି କଥା, ଏକଦିଗରେ ସ୍ୱର୍ଗ, ଅନ୍ୟ ଦିଗରେ ନର୍କ, ଏକ ଦିଗରେ ସ୍ୱାଧୀନତାର ଅମୃତ ଅସ୍ୱାଦନ ଅନ୍ୟ ଦିଗରେ ପରାଧୀନତା ମୃତ୍ୟୁ, ଧ୍ୱଂସ ପତନ···ଏକ ଦିଗରେ ଘନ ଅନ୍ଧକାର, ଅନ୍ୟ ଦିଗରେ, ଚିର ରକ୍ତ ଝଲକଧାରୀ ନୂତନ ବାର୍ତ୍ତା ବକ୍ଷେର ଉଷାର ଶୁଭ୍ରାଲୋକ ।

ସେହି ନିରଙ୍ଗ ଝଣ୍ଡାର ନିର୍ଦ୍ଦେଶରେ ଅମ୍ଭେମାନେ ଆଜି ଏକତ୍ରିତ ହୋଇଛୁ । ମହାତ୍ମାଗାନ୍ଧି ଅମ୍ଭମାନର ପ୍ରେରଣା । କଂଗ୍ରେସ ଆମର ବଳ—ଜହରଲାଲ ଆମର ଅଗ୍ରଦୂତ । ସେହି ଜନନାୟକଙ୍କ ନିର୍ଦ୍ଦେଶରେ ବହୁଦିନ ଧରି ନିଷ୍ପେଷିତ, ନିପୀଡ଼ିତ ଅତ୍ୟାଚାରିତ ଗଡ଼ଜାତ ଭୂମିର ମୁକ୍ତି ନିମିତ୍ତ ପୂଣ୍ୟ ପ୍ରଜାମଣ୍ଡଳ ଗଢ଼ା ଯାଇଛି ।

ମଣିଷର ନିଜ ହାତରେ ନିଜର ମୁକ୍ତି ଥାଏ । ଇଂରେଜ ଶାସକମାନଙ୍କ ଅଧୀନରେ ଆମର ପୂର୍ବକାଳର ରାଜା ମହାରାଜା-ପୂର୍ଣ୍ଣରୂପରେ ଇଂରେଜ ପାଲଟି ଗଲେଣି । ଆମର ପଇସାରେ ଆମରି ରକ୍ତରେ ଆଜି ରାଜାମାନେ ହୋରି ଖେଳୁଛନ୍ତି ।

ଆଜି ଗଡ଼ଜାତମାନଙ୍କରେ ଅନ୍ଧାରି ଶାସନ ଚାଲିଛି । ଦେଓ୍ୱାନ ଦାରୋଗାର ଶାସନ······

ତେଣୁ ଭାଇମାନେ—ସତ୍ୟଙ୍କର, ପ୍ରତିଜ୍ଞାକର, ଶପଥକର, ଦାବୀକର ତୁମମାନଙ୍କର ଅନ୍ତର ନିନାଦରେ ଶତ ମୈନାକ, ମଲ୍ଲଗିରି ମୁଖରିତ ହେଉ । ଅନ୍ଧାରି ଶାସନ ଏ ଦେଶରୁ ଲୋପ ପାଉ ।

ଉଠ, ଜାଗ, ଶପଥ ନିଅ, ତୁମମାନଙ୍କ ହୃଦୟର ରକ୍ତରେ ଜାତୀୟ ପ୍ରଜାମଣ୍ଡଳର ଇତିହାସ ପୁଷ୍ଟ ହେଉ । ମୃତ୍ୟୁ କାରାଗାର, ନିର୍ଯ୍ୟାତନା ଆମ୍ଭମାନଙ୍କର ପୁରସ୍କାର ହେଉ । ଆମକୁ ଆଗେଇ ଚାଲିବାକୁ ହେବ ।

ଆମ୍ଭମାନଙ୍କର ନିଦ ଭାଙ୍ଗୁ, ଆମ୍ଭମାନଙ୍କ ଜାତୀୟ ସଂଗ୍ରାମ ସାଧନାରେ ପରିଣତ ହେଉ ।

ବୋଲ ଭାଇମାନେ ବନ୍ଦେ······

ଜନତା—ମାତରଂ ।

ରଘୁ—ବନ୍ଦେ

ଜନତା—ମାତରଂ ।

ରଘୁ—କୁହ ଭାଇମାନେ, ସଂଗ୍ରାମ କାହାର

ଜନତା—ଆମ୍ଭମାନଙ୍କର

ରଘୁ—ଏ ବିପ୍ଳବ

ଜନତା—ପ୍ରଜାମଣ୍ଡଳର

ରଘୁ—ବୋଲ ଭାଇମାନେ ମହାତ୍ମା ଗାନ୍ଧୀଙ୍କ

ଜନତା—ଜୟ···ଜୟ

ରଘୁ—ଦାଲାଲ ଶାସନ

ଜନତା—ଧ୍ୱଂସ ହେଉ
ରଘୁ—ମିଥ୍ୟା ରାଜୁତ୍ୱ
ଜନତା—ଧ୍ୱଂସ ହେଉ
ରଘୁ—ସତ୍ୟ ଅହିଂସାର
ଜନତା—ଜୟ
ରଘୁ—ଭାରତ ମାତାର
ଜନତା—ଜୟ
ରଘୁ—ଗଡ଼ଜାତ ପ୍ରଜାମଣ୍ଡଳର
ଜନତା—ଜୟ ।

( ରଘୁ ମହାନ୍ତି ଘନ ଘନ କରତାଳି ମଧ୍ୟରେ ବସିବା )

ସିନ୍ଧୁମିଶ୍ର—ରଘୁବାବୁ ଆପଣମାନଙ୍କୁ ସବୁ ବୁଝାଇ କହିଛନ୍ତି । ଆପଣମାନଙ୍କୁ କହୁଛି—ଆମ୍ଭମାନଙ୍କର ସଂକଳ୍ପ ହେଉଛି ପୂର୍ଣ୍ଣ ଅହିଂସା । ମହାପୁରୁଷ ମହାତ୍ମା ଗାନ୍ଧୀଙ୍କର ଅସହଯୋଗ ସତ୍ୟ ଆଦର୍ଶ ଏକମାତ୍ର ସମ୍ବଳ । ଆଜି ସାରା ଭାରତରେ ମହାତ୍ମାଙ୍କ ନେତୃତ୍ୱରେ ଏହି ତିରଙ୍ଗା ପତାକା ତଳେ ଆମେମାନେ ଗୋଟି । ସ୍ୱାଧୀନତା ପାଇଁ ଆମକୁ ତ୍ୟାଗ ସ୍ୱୀକାର କରିବାକୁ ପଡ଼ିବ ।

ଅନନ୍ତ ବରାଳ—ଭାଇମାନେ, ମୁଁ ଆପଣମାନଙ୍କୁ ପ୍ରାର୍ଥନା କରୁଛି ଯେ, ଆପଣମାନେ କଂଗ୍ରେସର ଶପଥ ଗ୍ରହଣ କରନ୍ତୁ । ପ୍ରତ୍ୟେକ କଂଗ୍ରେସର ସଭ୍ୟ ହୁଅନ୍ତୁ । ପ୍ରଜାମାନଙ୍କର ଦାବୀ ହାସଲ କରିବାକୁ ହେଲେ ଆମ୍ଭମାନଙ୍କୁ ନ୍ୟାଯ୍ୟମାର୍ଗରେ ସାଧନା କରିବାକୁ ପଡ଼ିବ । ଆମ୍ଭମାନଙ୍କୁ ବହୁତ କଷ୍ଟ ସହ୍ୟକରିବାକୁ ପଡ଼ିବ ।

ଯେ କୌଣସି ଦେଶ ଓ ଜାତିକୁ ଧ୍ୱଂସ ମୁହଁରୁ ରକ୍ଷା କରିବାକୁ ହେଲେ ତାର ସ୍ୱାଧୀନତା ଲୋଡ଼ା । ମହାତ୍ମା ଗାନ୍ଧୀ ଯେଉଁ ଆନ୍ଦୋଳନ ଆରମ୍ଭ କରିଛନ୍ତି, ତାହା ଏହି ପ୍ରାଚୀନ ଭୂଇଁ ଆଦ୍ୟ ଭାରତର ସ୍ୱାଧୀନତା ଓ ସ୍ୱରାଜ ନିମନ୍ତେ । ମହାତ୍ମା ଗାନ୍ଧୀଙ୍କର ଏହି ସ୍ୱରାଜ ସଂଗ୍ରାମରେ ଅସ୍ତ୍ରଶସ୍ତ୍ର କିଛି ନାହିଁ ।

ଅହିଂସା ହେଉଛି ତାଙ୍କର ଅସ୍ତ୍ରଶସ୍ତ୍ର । ଭ୍ରାତୃପ୍ରେମ ତାଙ୍କର ପ୍ରଧାନ ବାଣୀ । ଅସହଯୋଗ ବଳରେ ମହାତ୍ମା ଗାନ୍ଧୀ ଭାରତର ସ୍ୱରାଜ ଫେରାଇ ଆଣିବାକୁ ସଙ୍କଳ୍ପ କରିଛନ୍ତି । ଆପଣମାନେ ମହାତ୍ମା ଗାନ୍ଧୀଙ୍କୁ ଅନୁସରଣ କରି ଆଜି ଆମର ପ୍ରଜାମଣ୍ଡଳ ପୀଠରେ ଏକତ୍ର ଏକତା ଦ୍ୱାରା ଆରେ ନିଜର ସ୍ୱାଧୀନତା ଆଣିପାରିବା ।

ମଦନ ଦାସ—ଭାଇମାନେ ଯେଉଁମାନେ ଆମ୍ଭମାନଙ୍କୁ ଭୟ ଧମକ ଦେଖାଉଛନ୍ତି, ସେହିମାନେ ଅନ୍ତର ମଧ୍ୟରେ ଭଲକରି ବୁଝନ୍ତୁ ଆମ୍ଭେମାନେ କାହା ପାଇଁ ସ୍ୱରାଜ ସଂଗ୍ରାମ ଚଳାଇଛୁ । ମହାତ୍ମା ଗାନ୍ଧୀ କାହିଁକି ଜୀବନ ଉତ୍ସର୍ଗ କରି କଂଗ୍ରେସର ଆଦର୍ଶ ପ୍ରଚାର କରୁଛନ୍ତି । ପ୍ରଜାମଣ୍ଡଳର ଉଦ୍ଦେଶ୍ୟ ଗଡ଼ଜାତ ଅଧିବାସୀ ମୂଳକରୁ ଅନ୍ୟାୟ ଶୋଷଣ ଦୂର କରି ସ୍ୱାୟତ୍ତ ଶାସନ ସ୍ଥାପନ କରିବା ଏବଂ ଇଂରେଜ ଶାସନକୁ ଭାରତରୁ ଲୋପ କରିବା । ତେଣୁ ଏହି ଅନୁଷ୍ଠାନକୁ ଆମେ ସମସ୍ତେ ଏକ ପ୍ରାଣରେ ସାହାଯ୍ୟ କରିବା । (ବସିବା)

(ଏହା ପରେ ସମସ୍ତେ ସଭାପତି ମହାଶୟ ଉଠିଲେ)

ସଭାପତି—ଭାଇମାନେ ସମସ୍ତେ ହୁଏତ କରୁଛନ୍ତି, "ଏହି ସ୍ୱାଧୀନତାଟା କଣ, ଏହା ଗଛ କି ମାଛ—ଏଇଟା କି ପ୍ରକାର ପଦାର୍ଥ—" ସାମାନ୍ୟ କଥାଟିଏ ମୁଁ କହିବି—ଗୋଟିଏ ପକ୍ଷୀ ପଂଜୁରି ଭିତରେ ସୁନା ଜଂଜିର ପିନ୍ଧିଅଛି । ତାକୁ ସଦାବେଳେ ଫଳମୂଳ ଦିଆ-ଯାଉଛି । ଆଉ ଗୋଟିଏ ପକ୍ଷୀ ବଣରେ ପାହାଡ଼ରେ ବୁଲୁଛି—ନିଜ ପାଇଁ ଆହାର ଖୋଜି ଆଣୁଛି—ପାଣି ପବନରେ ଟିକୁଛି । ଏ ଦୁଇଟି ପକ୍ଷୀ ମଧ୍ୟରୁ ପ୍ରକୃତରେ ସୁଖୀ କେଉଁ ପକ୍ଷୀଟି । ପ୍ରଥମ ପକ୍ଷୀଟି କଦାପି ସୁଖୀ ନୁହେଁ, କାରଣ ତା ପାଦରେ ସୁନା ଶିକୁଳି । ଦ୍ୱିତୀୟ ପକ୍ଷୀଟି ନିଶ୍ଚୟ ସୁଖୀ । କାରଣ ତାର ସ୍ୱାଧୀନତା ଟିକକ ଅଛି ।

ଜାତିର ବା ମଣିଷର ଏହି ସ୍ୱାଧୀନତା ଟିକକ ନ ଥିଲେ କି ଦୁଃଖ ଦୁର୍ଦ୍ଦଶା ଘୋଟିଆସେ, ତାହା ଆମର ଏହି ଅଧିବାସୀ

ମୁଲକରେ ସମସ୍ତେ ଅନୁଭବ କରୁଛନ୍ତି । ସ୍ୱାଧୀନତାର ଇତିହାସ ତେଣୁ ଅସୀମ ତ୍ୟାଗରେ ମହିମାନ୍ୱିତ । ସ୍ୱାଧୀନତାର ସାଧନା ମଧ୍ୟ ବିଷମ ପରୀକ୍ଷା । ତେଣୁ ମୁଁ ଆପଣମାନଙ୍କୁ କହିରଖୁଛି ଯେ—

"ଦୁର୍ଗମ ପଥ ଏ ଭଜନ ଭୟେ ଭାଜିଲେ ଯୋଗୀ ଜନ ।"

ଆପଣମାନଙ୍କର କର୍ତ୍ତବ୍ୟ କଣ ? ଆମର ଏହି ପ୍ରଜାମଣ୍ଡଳ ଉପରେ ଅମଲାମାନେ ସମସ୍ତେ ବିରକ୍ତ । ମାତ୍ର ଏହି ପ୍ରଜାମଣ୍ଡଳ କାହାରି ବିରୁଦ୍ଧରେ ନୁହେଁ । ଏହା ଅତ୍ୟାଚାର ଶାସନ ବିରୁଦ୍ଧରେ ।

ଆମ ଦେଶରେ ଦିନେ ରାମରାଜ୍ୟ ଥିଲା । ସାମାନ୍ୟ ଧୋବଣୀର ରଟନା ଶୁଣି ପ୍ରଜାବତ୍ସଲ ମହାପ୍ରଭୁ ଶ୍ରୀ ରାମଚନ୍ଦ୍ର କଣ ତ୍ୟାଗ କରି ନ ଥିଲେ ? ସେଇ ବନ୍ଧରେ ଗୁଣ୍ଡିଚ ମୂଷା ବାଲି ଛାଣିଲା ପରି ପ୍ରତି ଗାଁର ପ୍ରତ୍ୟେକ ଲୋକ ପ୍ରଜାମଣ୍ଡଳର ସଭ୍ୟ ହୁଅନ୍ତୁ ।

ଜଣେ ବ୍ୟକ୍ତି—ସଭାପତି ବାବୁ, ଆମ ଦେଶରୁ ବେଠ ଉଚ୍ଛେଦ ହେବକି ।

ସଭାପତି—ହଁ । ଆମର ଦାବୀ ପତ୍ର ଲେଖାଯାଉଛି, ସେଥିରେ ଆମେ ସ୍ପଷ୍ଟ ସବୁ ଦାବୀ ଅଗତ କରୁଛୁ ।

୨ୟ ବ୍ୟକ୍ତି—ଆଜ୍ଞା ଆମକୁ ଦାରୋଗା ଧମକ ଦେଖାଉଛନ୍ତି…

ସଭାପତି—ତଥାପି ଆପଣମାନେ ଧୀର ସ୍ଥିର ହେବେ—

୨ୟ ବ୍ୟକ୍ତି—ମାଡ ଦେଉଛନ୍ତି, ଭୟ ଦେଖାଉଛନ୍ତି ।

ସଭାପତି—ସବୁ ସହି ଯାଆନ୍ତୁ—

ପ୍ରଥମ ମଫସଲ—ସହିବାପାଇଁ କଣ ଆମେ ଜନ୍ମ ହୋଇଛେ…

ସଭାପତି—ସହିଲେ ମଣିଷ ବଡ ହୁଏ ।

୨ୟ ବ୍ୟକ୍ତି—ଆମେ ସବୁ ସହିବା (ଲୋକଙ୍କୁ ଉଦ୍ଦେଶ୍ୟ କରି) ଏ ରାଜା ରାଇଜରେ କଣ ହେଉଛି ହେଉ ।

( ପ୍ରଜାମଣ୍ଡଳର ଜୟଧ୍ୱନୀ ମଧ୍ୟରେ ସଭା ଭଙ୍ଗ ହେଲା )

## ୨ୟ ଅଙ୍କ

## ତୃତୀୟ ଦୃଶ୍ୟ

( ରାଜାଙ୍କ ପ୍ରାସାଦ—ଗୋଟିଏ କକ୍ଷ—ସାଜ ସଜ୍ଜା ଉନ୍ନତ ଧରଣର ରାଜାଙ୍କର ଶିରୋଦେଶରେ ପଙ୍ଖା—ଚମତ୍କାର ଯୋଜନା—ବିଳାସ ସବୁ ଏକାଠି ହୋଇଛି । ସିନ ଉଠିଲା ବେଳକୁ ବୃଦ୍ଧରାଜା ସମାସୀନ ଏବଂ ତାଙ୍କୁ ମଦ୍ୟ ପାତ୍ର ଧରି ପିଆଉଛନ୍ତି ଏକ ତରୁଣୀ ରୂପସୀ । ନାମ ତାଙ୍କର୍ କରବୀ ।

ସିନ ଉଠିଲା—

କରବୀ—ହଜୁର ଆଉ ଟିକିଏ ପିଇଦଅନ୍ତୁ—(ନାଲି ନୀଳ ମଦପାତ୍ର)

ବୃଦ୍ଧ—ନାହିଁ ନାହିଁ, ଏହି ଲଗେ ପର୍ବ ଦରବାର ବସିବ । ଦେଓ୍ୱାନ ଦାରୋଗା ସମସ୍ତେ ଆସିବେ ।

କରବୀ—ଆପଣଙ୍କର ଦେହ···?

ବୃଦ୍ଧ—କାହିଁ କଣ ମୋ ଦେହ (ଦେହକୁ ଚାହିଁ) ମୁଁ ପୂର୍ବପରି ବେଶ ଆରାମରେ ଅଛି । (ଟିକିଏ କାସିବା)

କରବୀ—କାସତ ପୁଣି ହେଉଛି । ହେଉ ନିଅନ୍ତୁ ଆଉ ଟିକିଏ ପିଇ ଦଅନ୍ତୁ ।

ବୃଦ୍ଧ—ଆ, ପାଖରେ ଟିକିଏ ବସ (ଟାଣିପାଖରେ ବସାଇବା) କେତେ ଦିନ ହେଲା ତୋ ସାଙ୍ଗରେ କଥାବାର୍ତ୍ତା ହୋଇନି—

କରବୀ—(ବୃଦ୍ଧ ରାଜାଙ୍କ ପାଖରେ ବସି) ଆପଣ କାହିଁକି ଆଗପରି ଏବେ କାଛ ରାଜ କାର୍ଯ୍ୟ ବୁଝୁନାହାନ୍ତି ?

ବୃଦ୍ଧ—(ହୁକା ଟାଣୁ ଟାଣୁ) ଦେଓ୍ୱାନ ତ ଅଛନ୍ତି......ଅମଲା କର୍ମଚାରୀ ଅଛନ୍ତି ।

କରବୀ—ତଥାପି ନିଜ ଦୃଷ୍ଟି ନ ଥିଲେ······

ବୁଢ଼ି—ସେଥିରେ ଯାଏ ଆସେ ନାହିଁ (ହୁକା ଟାଣୁ ଟାଣୁ) ଟିକିଏ ମନେ ହେଉଛି ହେଉଛି—) ହଉଲେ କରବୀ ଉଆସ ତୋଳା କେତେଡ଼ୁର ଗଲା—

କରବୀ—ଆପଣତ କିଛି ହୁକୁମ ଦେଲେନି, ଆଉ କଣ ହୋଇଥାଆନ୍ତା ।

ବୁଢ଼ି—ସେଇଠା ତୋ ନାଁରେ କରାଯିବ । ତୋଳା ସରୁଯାଉ, ମୁଁ ତୋର ଥିଲେ······

କରବୀ—କଥା କେବଳ କଥାରେ ରହିବ ସିନା···

ବୁଢ଼ି—ନାଇଁଲେ ପାଗଲୀ, ତୁ ମୋ କଥା ବୁଝୁ···(ବାହାରେ ଏହି ସମୟରେ ପଦ ଧ୍ୱନି ଶୁଣାଗଲା)

କରବୀ—ମୁଁ ଦେଖିଆସେ··(କରବୀ ବାହାରକୁ ଯିବା, ବୁଢ଼ି ହୁକା ଟାଣିବା )

(ସଙ୍ଗେ ସଙ୍ଗେ କରବୀର ପ୍ରତ୍ୟାବର୍ତ୍ତନ)

ବୁଢ଼ି—କିଏ ସେ ?

କରବୀ—ପୋଇଲି ସୀତା ଆସିଛି । ଆପଣଙ୍କ ଶ୍ରୀଚରଣ ଦର୍ଶନ ନିମନ୍ତେ ।

ବୁଢ଼ି ରାଜା—(ରାଗହୋଇ) ତାକୁ ଶୀଘ୍ର ତଡ଼, ଶୀଘ୍ର ତଡ଼ ତାକୁ···କିଏ କହିଲା, ଏଠିକି ଆସିବାକୁ ?

କରବୀ—ସେ ପରା ଶ୍ରୀଚରଣ ଦର୍ଶନ କରିବାକୁ......

ବୁଢ଼ି—(ଖେତେଇହେବା) ଦ···ର୍ଶ···ନ ? ହଉ ଡାକ, ଡାକ, କହିଦେ ଆସିବାକୁ । [କରବୀ ସଙ୍ଗେ ସୀତାର ପ୍ରବେଶ. ସୀତା ହାତରେ ଧୂପ, ଚନ୍ଦନ, ଫୁଲମାଳ, ସୀତା ବୁଢ଼ିରାଜାଙ୍କ ପଦ ପଖାଳି, ପାଦ ସେବା କରୁଛି । କରବୀ ନ ଜାଣିଲା ପରି ଟେବୁଲଉପରେ ଫୁଲଦାନି ସଜାଉଥାଏ ]

ବୁଢ଼ି—ହଉ, ଚାଲିଲ ଯା (ସୀତାପ୍ରତି)

ସୀତା—(ମୁଣ୍ଡିଆମାରି ଧୀରେ ଧୀରେ ଫେରିଯିବା)

କରବୀ—ଆଜି ଦରବାର ବସିବ ?

ବୁଢ଼ି—ହଁ ଲୋ ପାଗଲୀ—

କରବୀ—କପୋତିଆ ସବୁ ଆସିଲେଣି ?
ବୃଦ୍ଧ—ତୋ ପାଠପଢା କେତେଦୂର ଗଲା
କରବୀ—ଭଲ ଭାବେ ଶିଖିଗଲିଣି ।
ବୃଦ୍ଧ—ସାହେବ ସାଥିରେ ତାଳଦେଇ ପାରୁଛୁ ?
କରବୀ—ସାହେବ ଅଷ୍ଟ; ଯେ ଅଷ୍ଟ, କରବୀ କଣ ପାଠରେ ହାରିଯିବ ?
ବୃଦ୍ଧ—(ହୁକା ଟାଣିବା) ଆଲୋ ସେହି ଟେବୁଲ୍‌ରେଥିବା ଫଟୋଟି ଲଟ ?
କରବୀ—(ଟେବୁଲୁଣ୍ଡ ଫଟୋଇବା)
ବୃଦ୍ଧ—ସେହି ବଡ ହାରଟା ଆଣ ?
କରବୀ—(ସୁନା ପଦକ ଖଞ୍ଜା ବଡ ହାର ଆଣିବା)
ବୃଦ୍ଧ—ଦେ, ମୋତେ···(ହାର ମାଳ ଧରିବା)
କରବୀ—ଏ ସବୁ କାହିଁକି ବାହାରିଲା ?
ବୃଦ୍ଧ—ତୋର ଆଜି ଜନ୍ମଦିନ, ପାଖକୁ ଆ ।
କରବୀ—(ପାଖକୁ ଲାଗି ଠିଆ ହେବା)
ବୃଦ୍ଧ—(ଗଳାରେ ମାଳଟି ଲମ୍ବାଇ ଦେଇ) ଏଇ ତୋର ଆଜି ଦିନର ପୁରସ୍କାର ।
କରବୀ—ନାହିଁ (ଚୁପ୍‌କରି ଠିଆ ହେବା)
ବୃଦ୍ଧ—ମନେରଖ କରୁ—ମୁଁ ପୁଣି ଗନ୍ତାଘରୁ ଅଣାଇ ଦେବ ।···

(ବାହାରେ ପଦ ଶବ୍ଦ) ଦେଖିଲୁ, ବଳବନ୍ତରାୟ ଆସିଲେ କି ?

[ବଳବନ୍ତରାଏ ପ୍ରବେଶ, ହାତରେ ସୁନା ଖଡ଼୍ଗ, ସିଲକ୍ ଧୋତି ଚଦର ପିନ୍ଧା ବେକରେ ମାଳ—ବାବୁରି ବାଳ । ସଦ୍ୟ ଗୋଲାପ ଫୁଲ ତୋଡାଟିଏ ଆଣି ରାଜାଙ୍କୁ ଭେଟି ଦେବା, ସାଷ୍ଟାଙ୍ଗ ପ୍ରଣିପାତ ହେବା ]

ବୃଦ୍ଧ—( ଗୋଲାପ ଫୁଲ ତୋଡ଼ାଟି ସାଥେ ସାଥେ କରବୀକୁ ଦେଇ ) ବଳବନ୍ତରା···
ବଳବନ୍ତରା—ଶ୍ରୀଛାମୁ···ମାହାରାଜ ।
ବୃଦ୍ଧ—ଆଜି ମୋର କରବୀର ଜନ୍ମଦିନ, କଣ ଯୋଗାଡ଼ କରିଛ

ବଳଭଦ୍ରର—ସବୁ ଯୋଗାଡ଼ କରାଯାଇଛି । ଯାହା ରାଜ୍ୟରେ ବାଧ୍ୟ···
ବୁଢ଼ି—ତମେ ବସ । କିଛି ତାମସା, ସଙ୍ଗୀତ ବ୍ୟବସ୍ଥା କରିଛ ?
ବଳଭଦ୍ରର—ଶାଳୁ, ସବୁ ହୋଇଛି ।
ବୁଢ଼ି—କରବୀ
କରବୀ—ଇଓର ମାଜେଷ୍ଟି
ବୁଢ଼ି—ବାହା, ବାହା, କରବୀତ ବହୁତ ଅଡ୍‌ଭାନ୍‌ସ କରି ଯାଇଛି ।
ବଳଭଦ୍ରର—ଶାଳୁ
ବୁଢ଼ି—କରବୀ, ଏହୁ ଗୋଲାପ ଫୁଲତକ ଲଗା···
କରବୀ—(ହସିବା) ଅଗ ଠାକୁର ଘରକୁ ଫୁଲ ଦିଆଯାଉ ।
ବୁଢ଼ି—କାହିଁ, ଫୁଲ ଦଅଁ ଦେବତାଙ୍କ ପାଖକୁ ଯାଇନ—
ବଳଭଦ୍ରର—ମୁଁ ଆଜ୍ଞା, ସବୁ ପଠାଇ ଦେଉଛି ।
ବୁଢ଼ି—ଶଳା ଟ୍ରେପଦାର ! ଡାକୁଅ ସବୁ କୁଆଡେ଼ ଗଲେ ।
ନାମକହ୍ରାରାମ;
ବଳଭଦ୍ରର—ଶାଳୁ, ସେମାନେ କଣ ଆଉ ମାନୁଛନ୍ତି ।
ବୁଢ଼ି—ଶଳାଙ୍କୁ ବାନ୍ଧଆଣ ?
ବଳଭଦ୍ରର—ଶାଗୁ, କଂଗରେସ, କଂଗରେସ ବୋଲିତ ରାଇଜ ଯାକ ହୁରି ପଡ଼ିଛି ।
ବୁଢ଼ି—ତମେ ଆଉ କଂଗ୍ରେସ ନାଁ, ମୋ ଆଗରେ ଧରିବ ନାହିଁ । ଦଆନ, ଦାରୋଗା ଅଛନ୍ତି । ଅମଲା ଅଫିସର ଅଛନ୍ତି । ତମେ ଅଛ । ରାଜ୍ୟରେ ସୁଶାସନ ହେବ । ଯଦି ଆମେ କର୍ତ୍ତବ୍ୟ କରିବା ଲୋକେ କାହିଁକି କଂଗ୍ରେସରେ ମାତିବେ ? କଣ ବଳଭଦ୍ରର କହୁନା ?
ବଳଭଦ୍ରର—ଶା ଛାମୁ ।
ବୁଢ଼ି—ମୁଁ ଯାହା କହୁଛି, ସେଠା ଠିକ୍ କଥା କି ନା ତମେ ଭାବ । ଆମ ଦେଓ୍ୟାନ ଦାରୋଗା, ଅମ ଅଫିସର କଣ ହେଲେ ଶାସନ ଠିକ ହେବ ।

ବଲବନ୍ତରାୟ—ଶ୍ରୀ ଛାମୁ, ସେ କଥା କହନ୍ତୁ ନାହିଁ । ଦଅନ ଦାରୋଗାତ ହାଲୁକା ହେଲେ···

ବୃଦ୍ଧ—କଣ କହୁଛ ବଲ-ବନ୍ତରାୟ ? ଦଅନ ଫଗୁ ମହାନ୍ତି । ସେ ଠିକ୍ ବାଟରେ ଥାଏ···

ବଲବନ୍ତରାୟ—ହଁ ଅଜ୍ଞା ଠିକ୍ ବାଟରେ ଥାଏ ।

ବୃଦ୍ଧ—ତମେ କଣ ଅନ୍ୟ କଥା କହି ଆସୁଥିଲ ?

ବଲବନ୍ତରାୟ—ଶ୍ରୀ ଛାମୁ, କିଛି ନୁହେଁ ମହାରାଜା ।

ବୃଦ୍ଧ—ବଲବନ୍ତରାୟ, ଆଜି ଏଇଲଟେଗ ଦରବାର ବସିବ । ଦେଓ୍ୱାନ ଆସିବେ...

ବଲବନ୍ତରାୟ—ଶ୍ରୀ ଛାମୁ ।

ବୃଦ୍ଧ—ତମେ ରହ ସବୁ କାଗଜ ପତ୍ର ଦେଖ

(ଏହି ସମୟରେ ବାହାର ଘଣ୍ଟାରେ ବାଜିଲା ଛଅଟା)

କରବୀ—ହଜୁର ମୁଁ ଯାଏ···

ବୃଦ୍ଧ—ବଲବନ୍ତରାୟ—ଝଙ୍କାକାମ ସବୁ ସରିଲାଣି ?

ବଲବନ୍ତରାୟ—ଶ୍ରୀଛାମୁ, ଛାମୁକରଣ ଥିଲେ, ମୁଁ ଦେଖି ଆସିଥିଲି ।

ବୃଦ୍ଧ—ଡକେଇବଟି ଛାମୁକରଣଙ୍କୁ । (ବଲବନ୍ତରାୟ ଯାଇ, ଛାମୁଁକରଣଙ୍କୁ ଡାକି ଆଣିବା, ଛାମୁକରଣ ତଳେ ଲମ୍ବ ହୋଇ ଦଣ୍ଡବତ କରିବା)

ବୃଦ୍ଧ—( ବାଘ ପରି ମୁହଁ କରି ) କଓ ଛାମୁକରଣ, ଦଅଁ ଦେବତା ଦେଉଳ କାମରେ କାହିଁକି ତ୍ରୁଟି ?

ଛାମୁକରଣ—ହଜୁର, ମହାରାଜ ।

ବୃଦ୍ଧ—ହଜୁର, ହଜୁର, ନକଲ ଯା ଏଠୁ ଅଜାପରା, କରବୀର ଜନ୍ମଦନ ।

ଛାମୁକରଣ—ହଜୁର, ଊଆସ ସମେତ, ସବୁଆଡ଼େ ସବୁ ଜିନଷ, ପାରୁଶ, ଝଙ୍କା ପଠାଯାଇଛି ।

ବୃଦ୍ଧ—ଦେଖ ବଲବନ୍ତରାୟ, ଏ ଛାମୁ କରଣର ମୁହଁ ବଢ଼ିଗଲାଣି ।

ବଲବନ୍ତରାୟ—ଶ୍ରୀଛାମୁ ।

ବୃଦ୍ଧ—ତମେ ଯାଅ ଛାମୁ କରଣ···

ଝୁମୁକରଣ—(ଅଡ଼ ହୋଇ ଠିଆହେବା)
ବୃଦ୍ଧ—ତମେ ଯାଅ—
ଝୁମୁକରଣ—(ଧୀରେ ଧୀରେ ଅପସାରଣ)
(ନିଯୋଗ ଅସି ଖବର ଦେଲା ବଳବନ୍ତରାଙ୍କୁ ଭୁକ କରି, ଦେୱାନ ସାହେବଙ୍କର ଆଗମନ ସମ୍ବାଦ)
ବଳବନ୍ତରା—ମହାରାଜ, ଦେୱାନ ଅସି ଗଲେଣି ।
ବୃଦ୍ଧ—ଡକାଅ ।
(ଦେୱାନଫଗୁ ମହାନ୍ତି ଅସିବା)
ଫଗୁ ମହାନ୍ତି—(ସାଷ୍ଟାଙ୍ଗ ପ୍ରଣିପାତ ପୂର୍ବକ)
ବୃଦ୍ଧ—(ହୁକା ଟାଣିବା) ବଳବନ୍ତରା ?
ବଳବନ୍ତରା—ଶ୍ରୀ ଝୁମୁ ।
ବୃଦ୍ଧ—ମହଲରେ ଯାଇ ଶୀଘ୍ର ପିଲାପିଲିଙ୍କୁ ଦେଖିଆସ ।
ବଳବନ୍ତରା—ହଜୁର (ବଳବନ୍ତରାର ପ୍ରସ୍ଥାନ)
ବୃଦ୍ଧ—କାଗଜ ପତ୍ର ସବୁ ଠିକ୍ ଅଛି । (ଦେୱାନ ପ୍ରତି)
ଦେୱାନ—ହଜୁର ।
ବୃଦ୍ଧ—ଆଉ ଖବର ।
ଦେୱାନ—ସବୁ ସୁରୁଖୁରୁରେ ଚାଲିଛି ।
ବୃଦ୍ଧ—ମୟୂର ଝାଲିଆ ବାଣିକାଲ ଧରି ଗୋଟାଏ ସଭା ହେଉଥିଲା । କଣ ସେ କଥା ।
ଦେୱାନ—ହଜୁର, ସେ ସବୁକୁ ମୁଁ ଭାଙ୍ଗି ଦେଇଛି ।
ବୃଦ୍ଧ—ଖାଲି ତାହା ନୁହେଁ, ଯଦି କର୍ତ୍ତବ୍ୟ ପଥରେ ଗୁଡ଼ାଏ ଟୋକାର ପାର୍ଜ-କଂଗ୍ରେସ, କଂଗ୍ରେସ ବୋଲି ରାଜ୍ୟରେ ଅଶାନ୍ତି ଆଣନ୍ତି, ତାହାହେଲେ ଦାରୋଗାକୁ ଅର୍ଡର ଦିଅ, ରାଜ୍ୟ ଜାଳି ପୋଡ଼ି ଦେବାକୁ ।
ଦେୱାନ—ଝୁମୁ ସବୁ ଠିକ୍ ଅଛି ।
ବୃଦ୍ଧ ରାଜା—ପ୍ରଜାମଣ୍ଡଳରେ କିଏ କିଏ ଏଇଲେ ବାହାରିଛନ୍ତି ।
ଦେୱାନ—(ହସି ହସି) ସବୁ ଢର ବୁଢ଼ା, ଛତରା ହାଡ଼ି ପାଣପାଙ୍କ—

ବୃଦ୍ଧ—ଦେଖ, ସାବଧାନ ଦେଓ୍ୱାନ, ନିଜ କର୍ତ୍ତବ୍ୟ କରିବା ପରେ ପ୍ରଜାମାନେ ତଥାପି ବଦଲେଙ୍କର କଥାରେ ମାତି ରାଜ୍ୟରେ ଗୋଳ ଆରମ୍ଭ କରନ୍ତି, ତାହାହେଲେ ଦମନ ପ୍ରତିକାର ଲୋଡ଼ା ।

ଦେଓ୍ୱାନ—ପ୍ରଜାମାନେ ଅଯଥାରେ ମାତିବେ କିନା—

ବୃଦ୍ଧ—ନାହିଁ ନାହିଁ ମୋର ହୁକୁମ, ଏ ଶଳା ଗୋଳଅଗୁଡ଼ାଙ୍କୁ ଜବତକର । ଯେଉଁଠି ଦେଖୁଛ, ହାତରେ ଗୋଡ଼ରେ ଲୁହାକଣ୍ଟା ପିନ୍ଧିଦଅ ।

ଦେଓ୍ୱାନ—ହଜୁର···ଅନ୍ତର କିଛି ଅଧିକା—

ବୃଦ୍ଧ—ଦାରୋଗା କାହିଁ ?

ଦେଓ୍ୱାନ—ସମସ୍ତେ ବାହାରେ ଅପେକ୍ଷା କରିଛନ୍ତି ।

ବୃଦ୍ଧ—ଆଦେଶ ଦିଅ, ଜଣ ଜଣକୁ ଆସିବାକୁ ।

ଦେଓ୍ୱାନ—(ନିୟୋଗକୁ ଆଖି ମାରିବା)

(ଦାରୋଗାଙ୍କ ପ୍ରବେଶ ପୋଲିସି କାଇଦାରେ ଅଭିବାଦନ ଜଣାଇ ।)

ବୃଦ୍ଧ—(ଚଡ଼ା କଣ୍ଠରେ) ଦାରୋଗା,

ଦାରୋଗା—ଜୀ, ମହାରାଜ ।

ବୃଦ୍ଧ—ନାଜର କାହିଁ, ପେସ୍କାର କାହିଁ, କାହାନ୍ତି ସବୁ କୁଆଡ଼େ ଗଲେ ? ରେଞ୍ଜର କାହିଁ ? ଦେଓ୍ୱାନ—ସମସ୍ତେ ଆସିଛନ୍ତି । ଘୋଡ଼ାର ପାହାଁରଠି—

ବୃଦ୍ଧ—ଘୋଡ଼ାର ପାହାଁରଠି କାହିଁକି ଅଛନ୍ତି ?

(ଜଣ ଜଣ କରି ନାଜର, ପେସ୍କାର, ରେଂଜର ଆସିବା)

ବୃଦ୍ଧ—କେଣି ସବୁ ରାଜ୍ୟ ଚୂଲିବ ନା, ଏ ସବୁ ଚିଲ୍ଲା ହୋଇଯିବ ?

ଦେଓ୍ୱାନ—ହଜୁର;

ବୃଦ୍ଧ—ସରକାରଙ୍କୁଁ ସବୁ ତାଗିଦ କରୁଛନ୍ତି ।

ଦେଓ୍ୱାନ—ହଜୁର, କପିଲ ଥାନ···ସମେତ···

ବୃଦ୍ଧରାଜା—କାହିଁ କପିଳା···ସେଠାକୁ···

ଦେଓ୍ୱାନ—ହଜୁର ସେ ଅଜି କଚେରୀକୁ ଆସିଥିଲା ।

ବୃଦ୍ଧ—ଏ ସବୁ ତାମସା ବୁଝେଁ, ରାଜ୍ୟ ବୁଝାମଣା ବଡ଼ ବିଷମ କଥା । ଲୋକଙ୍କୁ ଦମନ କରିବା ପାଇଁ ରାଜ୍ୟ ଶାସନ ଗାଡ଼ ଜାଣିବା ଦରକାର ।

ଦେଓ୍ୱାନ—ହଜୁର ।

ବୃଦ୍ଧ—ଦେଓ୍ୱାନ ତୁମେ ମୋତେ କହିବଟି ଏ ଭିତରେ କଣ କଣ ଘଟିଛି ।

ଦେଓ୍ୱାନ—ହଜୁର, ଖାଲି ମୋଗଲବନ୍ଦିଅଙ୍କ ଯୋଗୁଁ ଏ ପାଲା ଲାଗିଛି । ଠାଙ୍ଗୀ ଗୃନ୍ଦପୁର ଯୋଗୁଁ ମେଳିଅମାନେ ବେଶୀ ମେଳି ବାନ୍ଧୁଛନ୍ତି ।

ବୃଦ୍ଧ—ଗୃନ୍ଦପୁରିଆ ସବୁଠୁଁ ମେଳିଆ ।

ଦେଓ୍ୱାନ—ଅଜ୍ଞା, ମୁଁ ସେମାନଙ୍କ ପାଇଁ ସବୁ ବ୍ୟବସ୍ଥା କରି ଦେଉଛି । ସେହି ଗାଁରେ କଡ଼ା ପୁଲିସ ପହରା ଦେଉଛି । ଦରକାର ପଡ଼ିଲେ ସେଠି ଗୋଟାଏ ସାମୟିକ ଜେଲଖାନା...

ବୃଦ୍ଧ—ଖୋଲି ଦିଅ । ଜଙ୍ଗଲ ଖୋଲ । ମାଳଅଞ୍ଚଳରେ ଯେମିତି କଂଗ୍ରେସିଆ ପଶି ନ ପାରନ୍ତି । କଡ଼ା ବ୍ୟବସ୍ଥା କର । ଅଚ୍ଛା ଦେଓ୍ୱାନ, ମୋତେ କହିବଟି କେଉଁମାନେ ଏଥିରେ ମୁଖିଆ ହେଉଛନ୍ତି ।

ଦେଓ୍ୱାନ—ଧନମାଳୀ ରାମ, ସିଂଧୁ ମିଶ୍ରେ, ମଦନ ଦାସ, ଅନନ୍ତ ବରାଡ଼ ଏହିମାନେ ସବୁ ଗଣ୍ଡଗୋଳର ମୂଳ କାରଣ ।

ବୃଦ୍ଧ—ଖାଲି ଜାଣିଲେ ହେବନାହିଁ । ଜ୍ଞାନଠାରୁ କ୍ଷେତ୍ରରେ ପ୍ରୟୋଗ କରିବାକୁ ହେବ ।

ଦେଓ୍ୱାନ—କିଛି ନାହିଁ ହଜୁର, ଚୁଟି କାଟି, ଜଙ୍ଘିଆ ପିନ୍ଧାଇ, ମାମୁଁଘରେ କିଛି ଦିନ ଘଣା ପେଲାଇ ଦେଲେ ପୁଣି ଠିକ୍ ହୋଇଯିବେ ।

ବୃଦ୍ଧରାଜା—ନମକହାରାମଗୁଡ଼ାଙ୍କୁ ଜଙ୍ଘିଆଁ ପିନ୍ଧାଅ । ମୁହଁ ବାନ୍ଧିଦିଅ ।

ଦେଓ୍ୱାନ—ହଜୁର, ଭେଦିଅମାନଙ୍କୁ ଧରିଅଣି ନଜରବନ୍ଦୀରେ ରଖିଦେଲେ......

ବୃଦ୍ଧ—'ନଜର ବନ୍ଦୀ' ନଜର ବନ୍ଦୀ । ଯେଉଁଠି ଯିଏ ଅଛନ୍ତି । ସମସ୍ତଙ୍କୁ ସେହି ପଥର ପାଚେରୀ ଭିତରେ ପୂରାଅ ।

ଦେଓ୍ୱାନ—ଶ୍ରୀଛାମୁ, ସବୁ ଠିକ୍ ହୋଇଯିବେ ।

ବୃଦ୍ଧ—ଖଜଣା ସବୁ ଏସାଲେ ଅଦାୟ ହୋଇଛି ତ ?

ଦେଓ୍ୱାନ—ହଜୁର୍......

ବୃଦ୍ଧ—ବଳବନ୍ତରାୟ ଘରକୁ କେତେ ହଜାର ଗଲା ?

ଦେଓ୍ୱାନ—ହଜୁର୍, ପନ୍ଦର ହଜାର ।

ବୃଦ୍ଧ—ବଳବନ୍ତରାୟ (ବଡ଼ପାଟିରେ)

ବଳବନ୍ତରାୟ—(ରମ୍ଭା ଫୁଲ ମାଳ ସହ) ଶ୍ରୀ ଛାମୁ ।

ବୃଦ୍ଧ—ଗନ୍ତାଘର ଖୋଲି ଦେଖ ବାକି ଯାହା ଟଙ୍କା ଅଛି । ସବୁ ଭୂଆସକୁ ପଠାଇ ଦଅ ।

ବଳବନ୍ତରାୟ—ହଜୁର୍,

ବୃଦ୍ଧ—ଦେଖ, କରବୀର ଅତି ଜନ୍ମଦନ ।

ବଳବନ୍ତରାୟ—ଯେ ହଜୁର୍......

( ଏହି ସମୟରେ ନିକଟସ୍ଥ ଜଗନ୍ନାଥଙ୍କ ମନ୍ଦିରରେ ପୂଜା ଘଣ୍ଟା ବାଜିଲା)

ବଳବନ୍ତରାୟ—ହଜୁର୍ ଫୁଲ ଆସିଛି ।

ବୃଦ୍ଧ—କିଏ ଆଣିଛି ।

ବଳବନ୍ତରାୟ—ପୁରୋହିତେ ନିଜେ ଆଣିଛନ୍ତି ।

ବୃଦ୍ଧ ରାଜା—ଅପେକ୍ଷା କରନ୍ତୁ ।

ଦେଓ୍ୱାନ—ହଜୁର୍, ଆପଣ ହୁକୁମ ଜାରି କରନ୍ତୁ । ସବୁ ଅଶାନ୍ତି ଲୁଅଡ଼େ ଦୂର ହୋଇଯିବ ।

ବୃଦ୍ଧ—କିଓ ରେଞ୍ଜର କଣ କହୁଛ ? ଦେଓ୍ୱାନ ସାହେବଙ୍କ ହୁକୁମ ଅନୁଯାୟୀ ସବୁ କାଗଜପତ୍ର ଠିକ୍ କର୍...

ରେଞ୍ଜର—ହଜୁର୍, ଶ୍ରୀଛାମୁ ମୋର ଗୋଟିଏ କଥା ଅଛି ।

ବୃଦ୍ଧ—କଣ ?

ରେଞ୍ଜର—ଶ୍ରୀଛାମୁ, ଦ' ଗୁରୁଠାଙ୍କୁ ଜିଲ୍ଲା ପାର୍ ହେଉ ।

ବୃଦ୍ଧ—ମୁଁ ତ କହୁଥିଲି ସେ ଧନମାଳୀ ରାମ, ନିଧି ସେନାପତି, ପଦନ ଦାସ କେତେଠାଙ୍କୁ ଜିଲ୍ଲା ପାର୍ କରାଅ ।

ଦେଓ୍ୱାନ—ଜିଲ୍ଲା ପାର୍ ହୋଇ ଠାଙ୍ଗିରେ ରହୁଛନ୍ତି । ଗୁନ୍ଦପୁରରୁ ଠାଙ୍ଗି କେତେ ବାଟ—

ବୃଦ୍ଧ—ଏହୁ ଗଡ଼ ମୁକାମରେ ତେବେ ନଜର ବନ୍ଦୀରେ ରଖ—

ଦେଓ୍ୱାନ—ହାତରେ ଗୋଡ଼ରେ ଲୁହା ଜଞ୍ଜିର...

ରାଜା—ହଁ, ସେ ସିନ୍ଧୁ ମିଶ୍ରକୁ ଅଗ ଦାଗୀ ଶ୍ରେଣୀରେ ରଖ—

ଦାରୋଗା—ହଜୁର୍ ଗୁରୁଦନ ତଳେ ଧରା ପଡ଼ିଥିଲା, ବନ୍ଧୁକ କୁନ୍ଦାରେ ଦାନ୍ତ ଭାଙ୍ଗି ଯାଇଛି ।

ରାଜା—କିଏ ଅଛରେ, ବଳବନ୍ତରା···

ବଳବନ୍ତରା—ମାହାରାଜ୍···

ରାଜା—କରବୀକୁ ଡାକ—

(ଟିକିଏ ପରେ କରବୀର ପ୍ରବେଶ)

କରବୀ—ଆଜ୍ଞା···କାହିଁକି ଡାକିଲେ ?

ବୃଦ୍ଧ—କଣ କାଗଜପତ୍ର ଅଛି···ଦେଓ୍ୱାନଙ୍କୁ ଦିଅ । ସବୁ ଫାଇଲ ଦେଖି ଯାଆନ୍ତୁ । (ବଳବନ୍ତରା ଫାଇଲ ଆଣିବା, କରବୀ ଗୋଟି ଗୋଟି ଫାଇଲ ଦେଓ୍ୱାନଙ୍କୁ ଦେଖାଇ ଦସ୍ତଖତ ପରେ ରଖାଇବା)

ରାଜା—ତମମାନଙ୍କୁ ସମସ୍ତଙ୍କୁ ରାଜାଙ୍କର ଆଦେଶ, ରଣପୁରରେ ଯେପରି ଟିକିଏ ସ୍ୱର ଶବ୍ଦ ଶୁଣା ନ ଯାଏ ।

ଦେଓ୍ୱାନ—ହଜୁର୍,

ଦାରୋଗା—ହଜୁରଙ୍କ ଶାସନରେ କଣ ସମ୍ଭବ ।

ରାଜା—କରବୀ ।

କରବୀ—ଇଓର ମାଜେଷ୍ଟି (ଉପସ୍ଥିତ ହେବା)

ରାଜା—ତମର ଅଜି ଅଜି କଣ ପ୍ରୋଗ୍ରାମ

କରବୀ—ଅଜି ପାରଧିଙ୍କ ବଜେ ହେବାର ଥିଲା ।

ରାଜା—(ଘଣ୍ଟାକୁ ଚାହିଁ) ନାହିଁ,

ବଲବନ୍ତସିଂ—ହଜୁର ଗୋଟାଏ ଗୁହାରି କରିବାର ଅଛି···

ରାଜା—ପୁଣି ଅଉ କଣ ?

ବଲବନ୍ତସିଂ—ହଜୁର-କପିଲ ପାତ୍ର ଅଖଡ଼ା ଦଳ ଆସିଛନ୍ତି ।

ରାଜା—ତେବେ ଆମ ଦରବାର ଜନ୍ମ ଦିନରେ ଅଳ୍ପ ସଙ୍ଗୀତ ଟିକିଏ ହେଉ । କଣ କହୁଛନ୍ତି ଦେଓ୍ୱାନ ?

ଦେଓ୍ୱାନ—ମୋର ହଜୁର ସେତିକି ଗୁହାରି କରିବାର କଥା ।

( ବଲବନ୍ତସିଂ ତରତରରେ ଯାଇ ଅଖଡ଼ାଦଳଙ୍କୁ ଭିତରକୁ ଆଣିବା, ଦୁଇଟି ସଙ୍ଗୀତ ପିଲା, ଗୋଟିଏ ହାରମୋନିୟମ୍‌ଧାରୀ, ଜଣେ ମର୍ଦ୍ଦଳଧାରୀ, ସଙ୍ଗୀତ ପିଲା ଦୁଇଟି ସିଧା ରାଜାଙ୍କୁ ମୁଣ୍ଡିଆ ମାରି ସାରି ତତ୍‌ପରେ ଦେଓ୍ୱାନଙ୍କୁ ମୁଣ୍ଡିଆ ମାରି ତତ୍‌ପରେ ଠିଆ ହେବା, ଅଖଡ଼ା ଆରମ୍ଭ ହେଲା)

[କିରଣୀ ରାଜାଙ୍କୁ ଗ୍ଲାସରେ··· ମଝିରେ ମଝିରେ ପିଇବାକୁ ଦେବା ।

ରାଜା—ଏ ବଲବନ୍ତସିଂ—

ବଲବନ୍ତସିଂ—ମହାର୍ଜ୍ଜା—

ରାଜା—ଏମାନଙ୍କୁ ଗୃହ ହଲ ଯଥା ଦଶଟଙ୍କା—ରାଜାକରଣଙ୍କୁ ଅର୍ଡ଼ର ଦିଅ....

(ବଲବନ୍ତସିଂ ଧାଇଁ ବା)

[ସଙ୍ଗୀତ ପୁଣି ଆରମ୍ଭ ହେଲା । ତାହାରି ମଧ୍ୟରେ ସିନ୍ ପଡ଼ିଲା]

## ୩ୟ ଅଙ୍କ

### —ପ୍ରଥମ ଦୃଶ୍ୟ—

(ଗାଁ ଦାଣ୍ଡ । କପିଳ ପାଢ଼ ବେକରେ ଫୁଲମାଳ, କୋଠ ଉପରେ ଗଞ୍ଜି ପିନ୍ଧି, ବଙ୍କୁଲି ବାଡ଼ି ଧରି ଚଷମା ପିନ୍ଧି ଘରୁ ବାହାରି ପଡ଼ୁଛି···ପଛରୁ ସ୍ତ୍ରୀ ଲବଙ୍ଗଲତା କହୁଛନ୍ତି···)

ଲବଙ୍ଗଲତା—ହଇକଏ, ତମକୁ ଯେତେ କହୁଛି, ଶୁଣିଲ ନାହିଁ । ଇମିତି କାହିଁକି ହେଉଛ ? ରାଜାକଣ ତମ ମୁଣ୍ଡରେ ସୁନାପାଗ ବାନ୍ଧି ଦେବେ ?

କପିଳ ପାଢ଼—ରାଜା ଘରକୁ ବେଠି ଯିବପରା ?

ଲବଙ୍ଗଲତା—ତମେ ଆଉ ସେ ସୁଆଙ୍ଗ କଥା କୁହ ନାହିଁ ।

କପିଳ ପାଢ଼—ଅଲୋ, କଥାରେ କହନ୍ତି ପରା, ଛାଡ଼ି ପିତୃକାର୍ଯ୍ୟ, କର ରାଜକାର୍ଯ୍ୟ ।

ଲବଙ୍ଗଲତା—ଓହୋ, ଯୁବରାଜା ତ, ରାଇଜ ବୁଝାମଣେ ତ ଗଳି ପଡ଼ୁଛି । ତମେ କାହିଁକି ଗାଁରୁ ବାହାରି ହୋଇ ଏପରି ଆଚରଣ କରୁଛ ?

କପିଳ ପାଢ଼—ହଇଲୋ ସୁନାବୋଉ—ତୁ କଣ କହୁଛୁ, ରାଜା ଆମର ସବୁ ଧର୍ମ କର୍ମ—

ଲବଙ୍ଗଲତା—ତମ ରାଜା, ଆହା, ମୁଁ ଜାଣିଛି

କପିଳ ପାଢ଼—ଅଲୋ ତୁ ସେମିତି ଆଉ କହନା, ଏଟା ଦାଣ୍ଡ ମଝି, କିଏ ଯଦି ଶୁଣିବ···

ଲବଙ୍ଗଲତା—କାହିଁକି ଆମର ଗରଜ ପଡ଼ିଛି । ଚଉଦକୋଣ ମୂଲକ, ଯେଆଡ଼େ ଗଲେ, ସେ ଆଡ଼େ ମଧ୍ୟ···

କପିଳ ପାଢ଼—ଆରେ ହବାରେ ନାହିଁ, ଆଉ ହବାରେ ନାହିଁ,

ଲବଙ୍ଗଲତା—ତମେ ଘରକୁ ଅସ, ରାଜା ଘରକୁ ତମେ ଯିବା ଦର୍କାର ନାହିଁ ।

କପିଳ ପାଢ଼—କଣ କହୁଲୁ, ଗୁଣମଣିଲୋ !

ଲବଙ୍ଗଲତା—କାଲି ଦେଖିବ ଗାଁ ଲୋକେ ବାଟେଇବେ

କପିଳ—କଣ କହିଲୁ, କପିଲପାତ୍ର ଥାଉ ଥାଉ···ଦେଖ, ଏହି ଗାଁରେ ଏମିତ ପୁଅ ନାହିଁ, ନରେନ୍ଦ୍ର ମହାପାତ୍ରଙ୍କପୁତ କପିଲପାତ୍ର ଉତ୍ତର···

ଲବଙ୍ଗ—ଗାଁ ଲୋକେ କହୁଲେ ତମେ ଯୋହବାସୀ ବସିଲଙ୍କ ନାମ ସରକାରକୁ ଲେଖି ଏତେ କଥା କଲ ।

କପିଳ—ଅଲୋ ଖାଲି ବସିଲ କଥା କଣ କହୁଛୁ, ତୁ ଯେବେ ସେମିତ ଧାରିରେ ପଡ଼ିବୁନ, ତେବେ ତୋ କଥାରେ ରସଟିକ ନଗେଇ ଦେବ ।

ଲବଙ୍ଗ—ବୁଢ଼ାଦିନେ ଏ ରୋଗ କାହିଁକମ ?

କପିଳ—ହଇଲୋ, କଣ କରି ପାଇଲୁ କଲୋ, କପିଲ ପାତ୍ର ପରି ନରେନ୍ଦ୍ର ମହାପାତ୍ରଙ୍କ ୨୫ ବାଟି ଜମି ଭୋଗ କରୁଛି । ଏ ରକ୍ତରେ ରଣପୁର ରାଜଅନୁଗ୍ରହ ଲେଖା ହୋଇଛି ।

ଲବଙ୍ଗ—ଅଉ ବେଶୀ କହନି···ମୁଁ କହି ରଖିଲି, ତମେ ସେ ଭେଟି, ବେଠିରେ କଛି କାହାକୁ କହନି—କଥାରେ ଅଛି ପ୍ରଜାମେଳକୁ ରାଜାମେଳ ପାରେନ—

କପିଳ—କପିଲ ପାତ୍ର ସବୁ ମେଳ ଭାଙ୍ଗି ଦେବ ।

ଲବଙ୍ଗ—କାହିଁକି ତମର ଏ ଗୋଠଖଣ୍ଡିଆ ନୀତ, ଗାଁରୁ ଅମେ କଣ ବାହାର । ବସିଲ ଧର ବୁଢ଼ା ଜେଲ ଗଲା, ପୁଅ ଝିଅ କଂଗରେସରେ ମିଶିଲେ...

କପିଲ ପାତ୍ର—ଅଲୋ ଏ ସୁନାବୋଉ, ତୁ କଣ ସେମିତ ହେବୁକଲୋ, ···ମୁଁ ଅଛଟି

ଲବଙ୍ଗ—ଉଠୁ, ଉଠୁ, ଗାଁ ଲୋକଙ୍କ ବେକରେ ଫାଶ ଦେଇ ତମେ ଏମିତ ଦଆନ ଦାରୁଗାଙ୍କ ପ୍ରିୟପାତ୍ର ହେଉଛ ନା...

କପିଳ—କହିଲୁ ସୁନାବୋଉ, ତୁ କଣ କ୍ରୁଦ୍ଧ ? ହଇଲୋ ଦଆନଙ୍କ ପାଖରେ ବସେ କିଏ ? ବସେ କପିଲ ପାତ୍ର...

ଲବଙ୍ଗଲତା—ବସିଲ ବୁଢ଼ାକୁ ଜେଲ ଦେଲ, କଣ କରି ଘଟେଇଲ ; ତା ପୁଅ ଝିଅତ···

କପିଳ ପାତ୍ର—ଆଜ୍ଞେ ମୁଁ ଜାଣେ, କମଳା ଆଜି କଂଗ୍ରେସରସରେ ମାତିଛି...

ଲବଙ୍ଗ—ହିଁଅଠାଏ ହୋଇ ତାର ଏତେକ ସାହସ ହେଲା, ତମରତ କିଛି...

କପିଳ—ମୁଁ ଯାଉଛି, ସୁନାବୋଉ,...ଘର ଭିତରୁ ବଠୁଆଠା ଆଣିଲୁ—ତୁ ଆଉ ରାଜାଙ୍କ କଥା କହନା, କେଡେ ବଡ଼ ରାଜାସେ, ସ୍ୱୟଂ ଚଳନ୍ତି ବସ୍ତୁ...

ଲବଙ୍ଗ—(ଘର ଭିତରୁ ବଠୁଆଠା ଆଣି ଦେବା) ଘରବୁ ପୁଅ ଝିଅ ମଧ୍ୟ ତମର ହଠ ଚମଠ କଥା ଜାଣିଲେଣି, ଗାଁଲୁ ତ ଯାହା ବନ୍ଦେଇବ । ଆଜେ ଶେଷକୁ ମେଲିଅଙ୍କ ହାତରେ ବନ୍ଧା ହୋଇ ପ୍ରାଣ ଯିବ ।

କପିଳ—କଣ କହିଲୁ...ମେଲିଅଙ୍କ ହାତରେ । ହଇଲେ ସ୍ୱରାଜ ନେବେ...ହଇଲେ, କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କୁ ତୁ କଣ ବୋଲି ଜାଣିଲୁକି ? ସେ ଗର୍ଜିଁଲେ ପୃଥ୍ୱୀ ଟଳି ପଡ଼ିବ । (ଝଟେଇ ହୋଇ) ସ୍ୱରାଜ ପାଇବେ, ହଇଲେ ଝୋଟରା ବରାଳ ଝିଅ, ଅଣ୍ଡିରାଚଣ୍ଡୀ କମଳା ସ୍ୱରାଜ କରିବ...କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କଠାରୁ ବଳି କିଏ ସୁରାଜ ଅଛି...

ଲବଙ୍ଗ—ଆହେ, ଗାଁ ଗଣ୍ଡା ମୁଲକ ସ୍ୱାଧୀନ ହେବ, ସମସ୍ତେ ସ୍ୱାଧୀନ ହେବେ ।

କପିଳ—(ଝଟେଇ ହୋଇ) ଦେଖି ଦେଖି କେମିତି କମଳା ଦେବୀ, ଧନମାଳୀ ରାମ, ରଘୁ ମହାନ୍ତି ମୂଲକ ସ୍ୱାଧୀନ କରିବେ । ଫଗୁ ମହାନ୍ତି ପରି ଦଅନ ଥାଉ ଥାଉ କାହା ଜିଭରେ ଭଲ ହାଡ଼ ଅଛି...

ଲବଙ୍ଗ—ତମେ କାହା ନାଁରେ ଝରମିଛ କୁହନି,

କପିଳ—କଣ କହିଲୁ—ଝରମିଛ, କଟଲ, ମୋ, ଏ 'ନୋଠ ବହି'ରେ ପରା ସବୁ ଟିକ୍ ଠାକ୍—

ଲବଙ୍ଗ—ତମେ ଯାଅନି—

କପିଳ—କହେ, କାହାକୁ ଡର କର

ଲବଙ୍ଗ—ସେହି ରଘୁ ମହାନ୍ତି, ଧନମାଲୀ ରାମ, ଅନନ୍ତ ବରାଡ଼ ସବୁ ଲୋକଙ୍କୁ ହାତ କରିଛନ୍ତି ।

କପିଳ—ସେଥିକତ ସେହି ଦୁଇ ଚୁରଠା ଖଣ୍ଡିଆ, ହଉ...କାହାର ଘରେ ଦାନା ନାହିଁ,କାହାର କନା ନାହିଁ, କାହାର କୂଳ ନାହିଁକି ଜାତି ନାହିଁ···

ଲବଙ୍ଗ—ନାହିଁରେ ସୁନାବାପା, ତମେ କେଉଁଥିରେ କିଛି ବୁଝ ନାହିଁ··· ସିନ୍ଧୁ ମିଶ୍ରେ ଗାଁକୁ ଆସିଲେ, ତାଙ୍କ ଆଗରେ ଲୋକେ ତୁମକୁ ଧକ୍କା କରି ଦେବେ ।

କପିଳ—କପିଳ ପାତ୍ର ଜରେନ—

ଲବଙ୍ଗ—ମେଳ ହୋଇ ତମକୁ ବାହେଇବେ—

କପିଳ—ତୁ ଜାଣି ରଖିଥା, କପିଳ ପାତ୍ରକୁ ଦଅନ ଦାରୋଗା ଚାହିଁଛନ୍ତି,

ଲବଙ୍ଗ—ତମେ ଯାଅନ, କି ଲୋକଙ୍କୁ କିଛି କୁହନ—

କପିଳ—ତୁ ସୁନା ବୋଉ, ଘରକୁ ଗଲୁ । ମୁଁ ପରା···ହୁକୁମ ଡ଼ାକେରା ଆସିଛୁ, କମିତି ମିଳିବନ । ସେ ଆଉ କେହି ନୁହେଁ, କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ର...

ଲବଙ୍ଗ—ଥୋବରା ହେଲେ···ଲୋକେ (ଘର ଭିତରକୁ ଯିବା)

କପିଳ ପାତ୍ର—ସୁନାବୋଉ ମନେ ରଖିଥା, ସେ କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ର...

(ଲବଙ୍ଗଲତା ଦୁଆର ବନ୍ଦ କରି ଘର ଭିତରେ ପ୍ରବେଶ କଲେ)

(କପିଳ ପାତ୍ର ବିପରୀତ ଦଗକୁ ଚାହିଁ ହଇରେ ବାମା, ଦାମା, ବୋଲି ବଡ ପାଟିରେ ଡାକ ଛାଡ଼ିଲେ,) ମନେ ରଖ ଅଛି ରସଟିକ ନଟେଇ ଦେଉଛି । ସେ କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଟି··· (ଟିକିଏ ପୁଣି ଘର ଭିତରକୁ ପଶିବା)

( ଘରର ବିପରୀତ ଦଗରୁ ଛୋଟା ବାମ, ସହଦେବ, ମାଳୁ ପ୍ରବେଶ କଲେ । ପ୍ରାୟ ଚାରି ଛ' ଜଣ, କାହା କାହା ହାତରେ କଖାରୁଠାଏ, କାହା ହାତରେ କଦଳୀ କାନ୍ଦିଏ, କାହା ହାତରେ ନଡ଼ିଆଠାଏ, ଦୁଧ

ଦନ୍ତୁ ଭାଇରେ, ସମସ୍ତଙ୍କ ହାତରେ କିଛି ନା କିଛି ଅଛି, ଛୋଟା ବାମ ଛୋଟେଇ ଛୋଟେଇ ଚାଲିଛି, ଆଜି ଭେଟି ନେଇ ଚାଲିଛନ୍ତି ରାଜା ଦୁଆରକୁ )।

ମାଲ—ଅରେ ବାମା ଭାଇ ଗୀତଟେ ବୋଲ···

ଛୋଟା ବାମ—ଭେଟି ଗୀତ...

ମାଲ—ହଁ, ହଁ,

ସହଦେବ—ଗୀତଟା ବୋଲ···

ଛୋଟା ବାମ—ଓହୋ, ଏତେ ବାଟ, କେତେବେଳେ ଯିବା,

ମାଲ—ଅରେ ସତରେ କଣ ରାଜା ଘରକୁ ଭେଟି ନେଇ ଯିବା।

ଛୋଟା ବାମ—ମୁଁ ତ କହୁଛି, ତୁ ଆସନା, ଆମର ରାଜଭକ୍ତ ଅଛି, ଆମେ ଯିବୁ।

ମାଲ—ବାମ ଭାଇ, ବଡ଼ ରାଜଭକ୍ତ—

ସହଦେବ—ହେଉ ବାମ, ଗୋଟେ ଗୀତ ହେଉ···

ମାଲ—ଅରେ ମୁଁ ବୋଲୁଛି ଶୁଣ, ଛୋଟା କଣ ବୋଲିବ···

କପୁର ଗନ୍ଧଣି କନା ପଡ଼ିଅଛି,
ପିଠି ଫାଟି ଭେଟି ହେଲାଣି ସାର,
ରାଜା ରାଜୁତିରେ କହିଲେ ନ ସରେ
ଆମ ଦୁଃଖ ମନ୍ତ୍ରୀମାନଙ୍କର—
ପୁରୁବ ଅମଳ ସୁନିଆଁ ସରାଗ
ଆଜି ଆଉ ନାହିଁ ଦେଶେ ଆମର,
ଭଲ କଥା କାଏ ଶୁଣୁଛି ଭାଇରେ
ଦଆନ ଦାରୋଗା ଗୋରା ଅମଲ···
ବୋଇତ ବାହୁଡ଼ା ବେପାର ଉଜୁଡ଼ା
ସୁନା ଧାନ ସୁନା ଶୀର ଦେଶର
ଗରବ ପ୍ରକାଏ ଭେଟି ଆଣିଛନ୍ତି
ପିଠି ଫଟା ହେବ ବେଠିଆଙ୍କର...

( ଗୀତ ବୋଲିବା ବେଳେ ଅନ୍ୟ ତିନି ଗୃହଜଣ ପାଳି ଧରୁଥିଲେ । ଠିକ୍ ଗୀତ ଶେଷରେ କପିଳପାତ୍ର ଘରୁ ବାହାରିଲେ )

କପିଳପାତ୍ର—କିରେ ତମେ ସବୁ କଣ ଆରାମରେ ଅଛୁ । ଜଣେ ଫଗୁ-ମହାନ୍ତି, ଅନ୍ୟ ଜଣେ କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କି । ଆସ ଚାଖିଲ ଆସ । ରାଜା ଘରଦୁଆର ହାନିଲାଭ ବୁଝିବ । ହଇରେ ମାଳୁ, ତୁ କୁଆଡ଼େ ବାହାରିଛୁ ।

ମାଳି—ସରବରାକାରେ ତମେ ଯୁଆଡ଼େ, ଏ ଗାଁର ମାଳୁ ସେଆଡ଼େ...

କପିଳ—ଚୁପ୍, ତୋରତ ନା ଡାଲିକାରେ ଉଠିଛି ।

ମାଳି—ସରବରାକାରେ କି ଡାଲିକା—

କପିଳ—କିରେ ଠୋକା ଥଟ୍ଟା କରୁଛୁ କିରେ ।

ମାଳି—ରସିକିଆ ନାଗି ଯିବଟି । କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ କଥା—ସେତ ଆମପରି ଜଣେ ନୁହନ୍ତି ଆମର ରାଜା...

କପିଳ—(ବାଙ୍କୁଲି ବାଡ଼ ଉଠେଇ) କଣ କହିଲୁ । ହଇରେ ମର୍ତ୍ତ୍ୟରେ ଚଳନ୍ତି ବସ୍ତୁ କିଏ ? ନିମକ ହାରାମ, ତାଙ୍କର ଅନ୍ନ ପାଣିରେ ବଢ଼ି—

ମାଳି—ଅହେ ସରବାରକାରେ, ଆମେ ଏହି ମଣିନାଗ ଦେବୀଙ୍କ ରଣପୁର ମାଟିରେ ତାରି ଅନ୍ନ ପାଣିରେ ବଢ଼ିଛୁ । ତମେ ସରବରାକାରେ କହୁଛ, କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ଅନ୍ନପାଣି···

କପିଳ—ହଁ, ଅଲବତ କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ଅନ୍ନପାଣି ।

ମାଳି—ହେଉ ସରବରାକାରେ, ଏବେ ଗଡକୁ ଯିବାଟି

କପିଳ—ହଁ ଗଡ଼କୁ ଯିବା, ତୋ ଭେଟି କାହିଁ ।

ମାଳି—[ଗୋଟିଏ ବଡ଼ ଭେଟି ଦେଖାଇବା, (କଖାରୁ)] ଆମର କଣ ଅଛି ଆମେ ତ ଭେଟି ଦେବୁ ।

କପିଳ—ଅରେ ମାଳୁ, ମୁଁ ବାପା କହୁଛି, ଆମ ରାଜା ହାକିମ ହୁକୁମା, ତାଙ୍କୁ ମାନି ଚଳିଲେ ସିନା ସବୁ ସୁଖ, ତୁ ବାପା ଗୃଲ, ତୋ ପୂର୍ବପୁରୁଷ ବାପା ଅଜା ଭେଟି ଦେଉଥିଲେ, ରାଜାଘର ସିଙ୍ଘି ତୁ ଜାଣିନୁ । ଏବେ ଗୃଲ, ଆଜି ତୋତେ ମୁଁ ଦଅନ ଫଗୁ

ମହାନ୍ତିଙ୍କୁ କହି ଅସଲ କାମଟାଏ କରାଇ ନେବ...ତୁ ମାନ୍ଦ କିଛି କହିବୁ ନାହିଁ । ଛମୁ ବଡ଼ଙ୍କ ହେଲ ବେଲେ ଲମ୍ବ ହୋଇ ପଡ଼ିଯିବୁ । ମନେ ରଖିଥା ଲମ୍ବ ହୋଇ ପଡ଼ିଯିବୁ ।

ମାନ୍ଦ —ଛମୁଙ୍କର ଯଦି ବଡ଼ଙ୍କ ନ ହୁଅନ୍ତି ?

କପିଲ —ଆରେ ତୁ ଖୁଡ଼୍ ହୁଆରେ ଲମ୍ବହୋଇ ପଡ଼ିଯିବୁ ।

ମାନ୍ଦ—ଲମ୍ବ ହୋଇ ପଡ଼ିଯିବି ।

କପିଲ —ହଁ, ଲମ୍ବ ହୋଇ ପଡ଼ିଯିବୁ ।

(ବିପରୀତ ଦିଗରୁ ରଘୁ, ସିନ୍ଧୁ ମିଶ୍ରଙ୍କର ପ୍ରବେଶ, କପିଲପାତ୍ର ହଠାତ ସ୍ତମ୍ଭିଆ ହୋଇ ଯିବା । ସମସ୍ତେ ସେମାନଙ୍କୁ ଦଣ୍ଡବତ କରିବା । ମାନ୍ଦ ଏକବାରେ ରଘୁ ଓ ସିନ୍ଧୁଙ୍କ ପାଦ ଧରି ପକାଇବା···)

ରଘୁ—କଣ "ଗୋଡ଼ ତଳେ ଲମ୍ବ ହୋଇ ପଡ଼ିଯିବା ।"

(କପିଲ ପାତ୍ର କେବଳ ଆଖି ତରାଟି ଗୃହିଁବା)

ମାଳ—ନାହିଁ ଆଜ୍ଞା···(ନୀରବ)

କପିଲ—ହଁ ଗୋଡ଼ତଳେ ଲମ୍ବ ହୋଇ ପଡ଼ିଯିବା ।

ସିନ୍ଧୁ—ଅହେ ପାତ୍ରେ, କିଏ କାହା ଗୋଡ଼ତଳେ ଲମ୍ବ ହୋଇ ପଡ଼ିଯିବ ଯେ···

ରଘୁ—ପାତ୍ର ପଡ଼ିଯିବେ ଲମ୍ବ ହୋଇ ପ୍ରଜାମଣ୍ଡଳର ଗୋଡ଼ ତଳେ—

କପିଲ—(ରାଗି ଯାଇ) କରେ ମହାନ୍ତି ଟୋକା ତୋର ବଡ଼ ବହପ...

ସିନ୍ଧୁ—ସମ୍ଭାଳ କର, ସମ୍ଭାଳକର ପାତ୍ରେ ।

କପିଲ—ଅହେ, ଦେଖହେ, ମୋ ପୁଅର ମାମୁ, ଶଳାକୁ

ସିନ୍ଧୁ—ଥଯ୍ୟ ଧର, ଥଯ୍ୟ ଧର,

କପିଲ—ଏ ଟୋକାର ବହପ ଦେଖ ହେ,

ସିନ୍ଧୁ—ନାହିଁ ପାତ୍ରେ, ସେଠା ପିଲାଟାଏ,

କପିଲ—ପିଲାଟାଏ, ଗଞ୍ଜେଇ ଖାଇଛି କରେ···

ମାନ୍ଦ —ସରବରାକାରେ, ଆଜ୍ଞ ଧୋକା ହୁଅନ୍ତି, ସେତ କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ପ୍ରଜା ।

କପିଲ—ହାତେ, ଚୁପ କର···

ଖାଲୁ—ଚାଲ ଯିବା ସରବରାକାରେ ।

ସିନ୍ଧୁ—ହଉ, ପାତ୍ରେ କୁଆଡେ ଯାଉଛ ।

ରଘୁ—ପାତ୍ରେ ରାଗି ଗଲେଣି ।

କପିଳପାତ୍ର—ତମେ ସବୁ ଗାଁଠାରେ ପାଲ୍ଟ ଲଗେଇଛ । କପିଳ ପାତ୍ରକୁ ଚିହ୍ନି ନ । କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କୁ ଚିହ୍ନ ନ ? ଗାଁଠାକୁ ଉଚ୍ଛନ୍ନ କରିବ ?

ରଘୁ—ନାହିଁ ଅଜ୍ଞା, ଗାଁଠାକୁ ଭାଙ୍ଗି ଦେବୁ ।

ସିନ୍ଧୁ—ଗ୍ରାମେ ଗ୍ରାମେ ପଞ୍ଚାୟତ କରି, ଅରଠ ପ୍ରଚାର କରି ଆମେ ଗାଁଠାକୁ ଭାଙ୍ଗି ଦେବୁ । ଆଉ ତମେ ରସଟିକ୍ସ ନଗେଇ ଦେବ ।

କପିଳ—ଗାଁଠାକୁ କିଏ ଭାଙ୍ଗି ଦେବାକୁ ଯାଉଛୁ, ତମପରି ପାଜି ନା ମୁଁ ।

ସିନ୍ଧୁ—ଭେଟି ଦେଇ ଦେଇ ଆମେ ଗାଁଠାକୁ ଭାଙ୍ଗୁଛୁ ?

କପିଳ—ଅରେ କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ର, ଫଗୁମହାନ୍ତି ଆଉ ଜଣେ ଶ୍ୟାମ ବନ୍ଧୁ ଦାରୋଗା, ଜାଣନ୍ତି ।

ସିନ୍ଧୁ—ପାତ୍ରେ ସତ କହିବଟି, ଗାଁଠାକୁ ତମେ ଭାଙ୍ଗି ଦେଉନ ?

କପିଳ—ଆଉ ଗାଁକୁ ରାଜାଙ୍କ ଅନୁଗ୍ରହ କିଏ ଆଣୁଛି । ମହା କରୁଣାବନ୍ତ ଅଶେଷ ଗୁଣାକର କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ର ଏକା କପିଳ ପାତ୍ରେ ଥିବାରୁ (ଗୃହିଁ ରହିବା)

ରଘୁ—ଆଖଡ଼ା ପିଲା ସଜା, ଲୁହଁ, ମିଛ ଏସବୁ କଣ ।

କପିଳ—ଏ,ଏ, ଚୁପ୍‌କର । ଗାଁଠାକୁ ମଡେଇ···

ରଘୁ—ହଁ ଆମେ ଗାଁଠାକୁ ମଡେଇ ସୁନାର ସ୍ୱର୍ଗ କରିବୁ । ଆମେ ଗଢ଼ିବୁ ରଣପୁର ଯେଉଁଠି ତମପରି କେତେଠା ଚରଣଚୁଟିଆଙ୍କୁ ଧରି ତମର ରାଜା କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ର ନ ଥିବେ । ଆଉ କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କୁ ଧରି ନ ଥିବେ ଏ ମାଟିର ଗୋରା ଫଉଜ । ଆମେ ଗଢ଼ିବୁ ସ୍ୱରାଜ ।

କପିଳ—ଏ, ସେମିତ ବକ୍ତୃତା କରନା, ରସଟିକ ନାଗି ଯିବ ଯେ । କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ···

ସିନ୍ଧୁ—ତୁଅଟନ୍ତି ବାହାରିଲେ ପାଟେ—

ରଘୁ—ପାଟେ ବାହାରିଥିଲେ, ଆଜ୍ଞା, କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ଭେଟି ନେଇ ।

ସିନ୍ଧୁ—ହଇରେ ତମେମାନେ ସମସ୍ତେ ଭେଟି ନେଇ ଯାଉଛ (ଲୋକଙ୍କ ପ୍ରତି)

ବାମା—ଆଜ୍ଞା, ପାଟେ ଆମକୁ ଡାକୁଛନ୍ତି ।

ମାଲ—ସରକାରକାର ଆମକୁ ଭେଟି ଧରି ନେଉଛନ୍ତି ।

ସିନ୍ଧୁ—ହଉ ଯାଆନ୍ତୁ ଆଜ୍ଞା, କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ ଦେଓ୍ୱାନ ଦାରୋଗାଙ୍କ ଶାସନରେ ଅପଣ ଏହି ନିରୀହ ପ୍ରଜାମାନଙ୍କୁ ଧରି ଯାଆନ୍ତୁ ଭେଟି ଦେଇ ଅସିବେ ମଉକାଉ ପଡ଼ୁଛି ।

କପିଳ—ବେଶୀ କଥାବାର୍ତ୍ତା କରନା ।

ରଘୁ—ବୁଝିଲେ ପାଟେ, ତମର ଦଲଲଗିରିରେ ନିଷ୍ପେଷିତ ପ୍ରଜାମାନଙ୍କର ଲହୁ ଲୁହରେ ରଣପୁର ନିଶ୍ଚୟ ଅଗକୁ ଯିବ, ପଛକୁ ଯିବ ନାହିଁ । ଅମେ ସଂକଳ୍ପ କରିଛୁ ରାଜାଙ୍କଠାରୁ ସ୍ୱାୟତ୍ତଶାସନ ହାସଲ କରିବୁ । ଦ୍ୱିତୀୟରେ ଗୋରା ଶାସନ ଭାରତରୁ ଲୋପ କରିବୁ ।

କପିଳ—(ହା,ହା,ହା) ଛତରା ରଘୁ ମହାନ୍ତି, ଅଉ ନିମକହାରାମ ସିନ୍ଧୁ ମିଶ୍ରେ···ହା,ହା, ସ୍ୱରାଜ ଅଣିବେ ।...ଅରେ ଅଣୁ ଅଣୁ ରସଟିକ ନାଗି ଯିବ ଯେ ।

ରଘୁ—ହଁ, ହଁ, ଅମ୍ଭେମାନେ ସ୍ୱରାଜ ଅଣିବୁ । ଅଉ ତମେମନେ କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ର, ଫଗୁ ମହାନ୍ତି, ଶ୍ୟାମବନ୍ଧୁ ଦାରୋଗାଙ୍କୁ ଠେକଧରି ଅମ୍ଭମାନଙ୍କ ଛୋଟି ଚିପି, ଦାବୀକୁ ପାଦରେ ଦଲି ଚକଟି ଗୋଠାଏ ମଶାଣି ତିଆରି କରିବ—

କପିଳ—ହଇରେ ରଘୁ ମହାନ୍ତି, ସିନ୍ଧୁ ମିଶ୍ରେ ଅଉ ସେହିଠା ଗୋଠାଏ ଧନମାଳୀ ରାମ, ଅନନ୍ତ ବରାଡ ଦେଶକୁ ସ୍ୱାଧୀନ ଅଣିବେ,

ରଘୁ—ହଁ ହଁ ସେହିମାନେ ଅଣିବେ । ଇଂରେଜ ଶାସନର ଲୁହା ଜଞ୍ଜିରରୁ ଜନ୍ମଭୂମିକୁ ମୁକ୍ତ କରିବେ । ଅଉ ତମପରି

କେତେଥର ଦଲାଲ ଫୁଲମାଳ ପିନ୍ଧି ଦେଶଠାକୁ ମଶାଣି କରିଦେବେ ।

କପିଳ—ତମେ ସ୍ୱରାଜ ଆଣିବ—

ସିନ୍ଧୁ—ହଁ ଆଣିବୁ ।

ରଘୁ—ଅଦ୍ୟାପି ବେଳ ଅଛି, ସୂର୍ଯ୍ୟାଲୋକସ୍ନାନ ପୂର୍ବରୁ ଯଦି ପାହାନ୍ତିଆରେ ତୁମେମାନେ ନିଜର ଭ୍ରମ- ବୁଝିପାରି ପ୍ରଭାତୀ ତାରାରେ ମିଶିଯାଅ, ତାହାହେଲେ···ଇତିହାସ ତୁମକୁ ସ୍ୱାଗତ କରିବ ।

ସିନ୍ଧୁ—ତଥାପି ବେଳ ଅଛି ।

ରଘୁ—ପାତ୍ର ! ତଥାପି ବେଳ ଅଛି ।

ସିନ୍ଧୁ—ତମପାଇଁ ତଥାପି ଦ୍ୱାର ଉନ୍ମୁକ୍ତ ଅଛି ।

କପିଳ—ହୁଁ, ହୁଁ, କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ଅମଳରେ· କପିଳ ପାତ୍ର, ଅସମ୍ଭବ, ଅସମ୍ଭବ !!

ସିନ୍ଧୁ—ହଁ, ହଁ, କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ଅମଳରେ ତମକୁ ସ୍ୱରାଜ ଦେଖିବାକୁ ପଡ଼ିବ । ଗୋରା ଶାସନ, କାନକୁହା ଖର କୁହା ଶାସନ ଶେଷହେବ ।

କପିଳ—ଏ, କିଏ ରେ ସବୁ ! ଦାମା, ସହଦେବ, ନୀଳୁ, ଚାଲ ସବୁ ।

ନୀଳ—ସରକାରଙ୍କରେ ତମେ ଚାଲ···

କପିଳ—ତମେ ସବୁ ଆଗେ ଆଗେ ଚାଲ, ଚାଲ ଚାଲ···

ନୀଳୁ—ତମେ ଚାଲ···

କପିଳ—(ରଘୁ ଓ ସିନ୍ଧୁକୁ ଚାହିଁ) ଏ ବୁଢ଼ି ଛଉ ନିମକହାରାମ ଦଳ—ଏ ବୁଢ଼ି ଛଉ । କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ ଅସମ୍ଭବ, ଅସମ୍ଭବ···

ରଘୁ—ଆହେ ପାତ୍ରେ, ତମପରି ନିମକହରାମ ଦଳକୁ କୃଷ୍ଣଚନ୍ଦ୍ର ମହାପାତ୍ରେ···

କପିଳ—ଏ, ଏ, ସେମିତି କହନା, ତମକୁ ସାବାଡ଼ କରିଦେବି ।

ସିନ୍ଧୁ—ଚୁପ୍ ଲାଗେ—

କପିଳ—(ଭେଟିବାଲାଙ୍କ ପ୍ରତି) କରେ ଆସରେ···

ରଘୁ—ନାହିଁ କେହି ମିବେନାହିଁ ।

କପିଳ—କରେ ଆସରେ । କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟଟି ।

ରଘୁ—ଠିଆହୁଅ—ତମେମାନେ ସବୁ ।

ସିନ୍ଧୁ—ଶୁଣ ନୀଳମଣି······

କପିଳପାତ୍ର—କରେ ବାମା, ସହଦେବ, ଛୋଟା, କରେ ନୀଳ—କରେ ଆସରେ—

ସିନ୍ଧୁ—ଅହ୍ନେ, କେହି ମିବେ ନାହିଁ । ତମେ ତମ ନରେନ୍ଦ୍ର ମହାପାତ୍ରଙ୍କ ବାଟ ଧର, ନଇଲେ···

କପିଳ—ନଇଲେ—(ଗର୍ଜ୍ଜନ କରି)

ରଘୁ—ନଇଲେ ଅର୍ଦ୍ଧଚନ୍ଦ୍ର···

କପିଳ—କରେ ବାମା, ଛୋଟା, କରେ ନୀଳୁ । ତମେ ସବୁ ପରା ଭେଟି ଆଣିଛ । ପଦ ପାଇବ । ରାଜଦ୍ୱାରୁ ସମ୍ମାନ ମିଳିବ । ଅସ ମୋ ବୋଲ କର । ଘରଭଙ୍ଗାଙ୍କ ସାଥିରେ ମିଶନା ରସଟିକା ନାଗି-ମିବ । ଅ, ଚାଲଆସ ।

ସିନ୍ଧୁ—ଜଗିରଖି କଥାବାର୍ତ୍ତା କର ।

କପିଳ—ଚୁପ୍ କର ।

ସିନ୍ଧୁ—ଦେଖ, ପୁଣି ନାଲି ଦେଖାଉଛ

କପିଳ—କୃଷ୍ଣଚନ୍ଦ୍ର ନରେନ୍ଦ୍ର ଦେବଙ୍କ ରାଜ୍ୟରେ ନିମକହାରାମ···

ରଘୁ—ଅମେ ସିନା ଗୋଟିଏ କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ ନିମକହାରାମ, ତମେ ପରା କୋଟି କୋଟି ଲକ୍ଷ ଲକ୍ଷ ପ୍ରଜାଙ୍କ ହୃଦୟ ରାଜ୍ୟରେ ଦଲାଲ ନିମକହାରାମ······

ସିନ୍ଧୁ—ତମେ ଯାଅ, ଏଠୁ ଶୀଘ୍ର ଯାଅ ।

କପିଳ—କରେ ବାମା, ମାନ୍ତୁ ଅସ ?

ରଘୁ—କରେ ମାଲ, ବାମା, କେହି ଯାଅନ ।

କପିଳ—କରେ ଅସ, କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କର ପ୍ରଜା ତ ତମେମାନେ ।

ରଘୁ—କେହି ଯାଅନାହିଁ ।

ସିନ୍ଧୁ—କେହି କୃଷ୍ଣ ଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ପ୍ରଜା ନୁହଁ, ଯାଅ, ଦଲାଲ କପିଳ ପାତ୍ର......

କପିଳ—ଉସଟିକ ନାଗିବରେ ପୁଅ...ଅସ ସବୁ, ନଇଲେ ମୋ ତାଲିକାରେ ତମ ନାଁ...

ରଘୁ—ଯାଅ, ପୋଡ଼ିଦଅ ତମ ତାଲିକା—

କପିଳ—କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ତାଲିକା...

ରଘୁ—ଯାଅ, ଶୀଘ୍ର ଯାଅ...

କପିଳ—ଅଛ,...ଅଛ, ମୁଁ ଦେଉଛିରେ ପୁଅ, ବଛାମନ୍ଦ ନଜାଣି ସାପ ଗାତରେ...ହାତ...

ରଘୁ—ଯାଅ, କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ପ୍ରଜା...ଦଲାଲ ପ୍ରଜା...

(କପିଳପାତ୍ର ଫେରିଯିବା—ପୁଣି ଫେରି)

କପିଳ—କରେ ଅସ, ନଇଲେ ଭେଟିତକ ମୋ ହାତରେ ଦେଇଦଅ । ମୁଁ ଛମୁରେ ଜଣା କରିଦେବି ।

ରଘୁ—ଯାଅ, ତମ ଛମୁଙ୍କର ପହଡ଼ ପକେଇବ ଯାଅ । (କପିଳର ପ୍ରସ୍ଥାନ )

ସିନ୍ଧୁ—ଅରେ ମାକୁ—ତମେ ସବୁ ପ୍ରଜା ମଣ୍ଡଳ ଅଫିସିକୁ ଚାଲ ।

ଖେଟରାମ—ବାବୁ ମୋତେ କପିଳ ପାତ୍ର ମାରିବ ।

ସିନ୍ଧୁ—ଅରେ ଭୟନାହିଁ, ତମେ ସବୁ ଚାଲ...

ଖେଟ—କହୁଛ, ଉସଟିକ୍ ଅଜି ନଗେଇ ଦେବ...

ରଘୁ—ଅରେ ସବୁ ବେପରୁଆ ହୋଇଚାଲ—ଅମେ ଦେଶକୁ ସ୍ୱାଧୀନ କରିବା କି ଦଲାଲ କପିଳପାତ୍ର...

ସିନ୍ଧୁ—ତମେ ସବୁ ପ୍ରଜାମଣ୍ଡଳ ଅଫିସିକୁ ଚାଲ । ଅମେ ଯାଉଛୁ ଏହି ଅର ଗାଁକୁ...

( ସିନ୍ଧୁ ରଘୁଙ୍କ ପ୍ରସ୍ଥାନ)

ଜ୍ୟେଠା ବାମ—ମୁଣ୍ଡରେ ହାତ ଦେଇ, ଅରେ ଭାଇ ମୁଁ ଯାଉଥାଅନ୍ତି—
ସ୍ୱାମୀଙ୍କ ପାଖକୁ ଭେଟି ନେଇ

ମାଲ—ଅରେ ଚୁପ୍ କର...କପିଲ ପାଏ ପର ସ୍ୱାମୀରୁ ସ୍ୱାମୀରୁ ହୁଅନା—
ଚାଲ, ଚାଲ ଯିବା, ସମସ୍ତଙ୍କୁ କହିବା କେହି କପିଲ ପାଏ ସଙ୍ଗରେ
ଭେଟିନେଇ ସ୍ୱାମୀଙ୍କ ପାଖକୁ ଯିବେନାହିଁ। ଚାଲ ଚାଲ...

ଜ୍ୟେଠ ବାମ—ଅରେ ଭାଇ, ତା ରସଟିକକୁ ଭୟ'...

ମାକୁ—ଅରେ ରଘୁ, ମହାନ୍ତି, ସିନ୍ଧୁ ମିଶ୍ର, ଧନମାଳୀ ରାମ, ଯାହା
କହିବେ କରିବା, ଆଉ ଡର କାହାକୁରେ......

(ପ୍ରସ୍ଥାନ)

ପ୍ରକ୍ଷପତନ

—୩ୟ ଅଙ୍କ ଦ୍ୱିତୀୟ ଦୃଶ୍ୟ—

(ପ୍ରଜାମଣ୍ଡଳର ଅଫିସ—ଭଙ୍ଗାରୁଜା ଘର ଝେଣ୍ଡିଏ, ମାଟି କାନ୍ଥ ଦହରେ ଝୁଲୁଛି ମହାତ୍ମାଗାନ୍ଧିଙ୍କର ଫଟୋ, ଜହ୍ଲମଣି, ଜବାହରଲାଲ ନେହୁରଙ୍କ, ଫଟୋଗୁଡ଼ିକରେ ଫୁଲମାଳ ଖଣ୍ଡେ ଖଣ୍ଡେ ଦେଇ ପୂଜା ଭାବମଗ୍ନ ହୋଇଛନ୍ତି କମଳା, ଘର ଭିତରେ ସାମାନ୍ୟ କାଗଜପତ୍ର, ଟେବୁଲ ଚଉକି ବେଞ୍ଚ—ଅରଟ ଦୁଇଝେଣ୍ଡି, କାନ୍ଥରେ ଝୁଲୁଛି ତ୍ରିରଙ୍ଗ ପତାକା—(କମଳା ପ୍ରତ୍ୟେକ ଫଟୋଉପରେ ଫୁଲମାଳ ଦେଇ ସାରି ସୂତା କାଟିବା ସମୟରେ ପ୍ରବେଶକଲେ ରଘୁ ହାତରେ ଖଦଡ଼ ବ୍ୟାଗ ଓ ମୁଣ୍ଡରେ ଗାନ୍ଧୀ ଟୋପି )

କମଳା—(ସୂତା କଟା ଛାଡ଼ି ଠିଆ ହୋଇ ପଡ଼ିବା)

ରଘୁ—ନମସ୍ତେ, କମଳା—

କମଳା—ନମସ୍କାର ରଘୁଭାଇ ।

ରଘୁ—ତମୋର କଣ ବିଳମ୍ବ ହେଲା କି ? କାହିଁ ଏପର୍ଯ୍ୟନ୍ତ କେହି ଆସି
ନାହାନ୍ତି, ନା କେହି ଆସିଥିଲେ...

କମଳା—ନା, କେହି ଅସିନାହାନ୍ତି ।

ରଘୁ—ବୋଧହୁଏ ସବୁ ଆସୁଥିବେ...

କମଳା—ଆମର ସବୁ କାଗଜପତ୍ର ତେବେ ଠିକ୍‌ଠାକ୍ କରିଦେବା, ପ୍ରଜା-ମଣ୍ଡଳର ଶପଥ ପତ୍ର ଗୁଡ଼ାକ, କେଉଁଠି ଅଛି ?

ରଘୁ—ଅଲ୍ପ କେତେ ଗୁଡ଼ିଏ ତ ଥିଲା । କାଲି ଦବାକର କଟକରୁ ଗୁଡ଼ାଏ ମଗାଇ ଆଣିଛି । ଏହିଲାଗେ ଆଣିବ ।...କମଳା... ତମେଥିଲେ,...ସବୁ, ବେଶ୍...

କମଳା—ଏହି ଅବସ୍ଥାରେ ଯେ ରହିଥାଆନ୍ତା, ସେ ସବୁ ଭୁଲିଇ ଥାଆନ୍ତା......

ରଘୁ—ତଥାପି କମଳା, ନାରୀ ଜାତିର ହାତ ଯେଉଁଠି ବାଜେ... ତାହା କି ସେବା କି ଆଦର୍ଶରେ ପୂର୍ଣ୍ଣ ହୋଇଉଠେ...

କମଳା—ରଘୁଭାଇ, ତମେ ଢେଙ୍କାନାଳ ପ୍ରଜାମଣ୍ଡଳର ଦାବିପତ୍ର ପଢ଼ିଲଣି ?

ରଘୁ—ସମାଜ କାହିଁ ?

କମଳା—ଡାକରେ ଆମ ପ୍ରଜାମଣ୍ଡଳକୁ ଶଠି ଅସିଥିଲା ।

ରଘୁ—ତା ବ୍ୟତୀତ, ଦବାକର ବାବୁ କହୁଥିଲେ, ସମାଜରେ ପ୍ରକାଶ ପାଇଛି ।

କମଳା—(କେତେ ଗୁଡ଼ିଏ କାଗଜ ଆଣି ଦେବା) ହେଇ ଦେଖନ୍ତୁ ।

ରଘୁ—ଜାଣିଲ କମଳା, ରାଜାଗୁଡ଼ାକ ସବୁଠି ଏକା ରକମ ନୀତି ଧରିଛନ୍ତି ।

କମଳା—ଖାଲି ରାଜା ନୁହେଁ, ରାଜାଙ୍କର ଦେଓ୍ୱାନ ଦାରୋଗା ମଧ୍ୟ...

ରଘୁ—( କାଗଜ ପଢୁ ପଢୁ ) ଢେଙ୍କାନାଳରେ ଯେପ୍ସାର, ରଣପୁରରେ ଦଅନ, ରଣପୁରରେ ଦେଓ୍ୱାନତ, ଢେଙ୍କାନାଳରେ ପୋଲିସ ।

କମଳା—ମନୁଷ୍ୟର ପ୍ରକୃତି ସବୁଠି ଏକା ରୂପରେ ଦେଖାଦଏ ।

ରଘୁ—ଏକ ରୂପରେ ନୁହେଁ କମଳା, କୁତ୍ସିତ ଛିନ୍ନ ରୂପରେ—

କମଳା—ରଘୁଭାଇ, ରାଜାଗୁଡ଼ାକ କଣ ସବୁ କାଳରେ ଏଇଆ...

ରଘୁ—ସବୁ କାଳରେ ନ ହେଲେ ମଧ୍ୟ ବର୍ତ୍ତମାନତ ଅତ୍ୟାଚୃଷ୍ଟ—

କମଳା—ଜାଣିବ ରଘୁଭାଇ, ଯେଉଁ କାନବାଟେ କଥା ଚୃଲେ ସେଠି ଆଉ ଶାସନର ମୂଲ୍ୟ ନାହିଁ ।

ରଘୁ—ଦେଖୁଛନ୍ତ ତମେ, ତମ ବାପା, ତା ପରେ ତମ ଭାଇଙ୍କୁ ଜାଣ୍ଡ ପାର ଆଉ ଦୋଷ ମଧରେ ଦେଓ୍ୱାନ ଦାରୋଗାଙ୍କୁ ସମାଲୋଚନା କରିବା—

କମଳା—ଛି ଛି ରଘୁଭାଇ ତମେ ମୋତେ କହନା, ପରକଥାରେ ରାଜା ଚୃଳିତ ହୁଏ । ମୁଁ ବିଶ୍ୱାସ କରିପାରୁନ—

ରଘୁ—କମଳା, ତମେ ରାଜାମାନଙ୍କର ଇତିହାସ ଦେଖ, ଖାମ ଖିଆଲ ଅହଙ୍କାର, ଘୃଣା, ଅସଦଆଚରଣ ଅଯଥା କୋପ ପାଗଲାମି...
ଏସବୁ ତଥାକଥିତ ରାଜାମାନଙ୍କର ଇତିଶ୍ରୀ···

କମଳା—କାହୁଁ ଭାଇ, ତମେ ଯିନା ଏକଥା କହୁଛ, ସେହି ଇତିହାସରେ ମଧ୍ୟ ଅନେକ ରାଜାଥିଲେ; ବିକ୍ରମାଦିତ୍ୟ ଥିଲେ, ଆମ ଓଡ଼ିଶାରେ ଗଜପତି ଥିଲେ ।

ରଘୁ—(ଖୁବ୍ ହସି) କମଳା, ତମେ କାହା ସଙ୍ଗରେ କାହାକୁ ତୁଳନା କରୁଛ । କାହିଁ ସର୍ବଗୁଣାଲଙ୍କାର ଗଜପତି ଗଉଡ଼େଶ୍ୱର ନବ-କୋଟି କର୍ଣ୍ଣାଟ ଉତ୍କଳବର୍ଗେଶ୍ୱର ମାନଙ୍କଯୁ ଗୁଣରେ ସେମାନେ ଦୀପ୍ତିମନ୍ତ ଚିର ଉଜ୍ଜ୍ୱଳ ... ସେମାନଙ୍କର ଗୌରବରେ ପ୍ରଜାମାନେ ପ୍ରତିପାଳିତ ହେଉଥିଲେ, ସତ୍ୟ ଧର୍ମ ନୀତି ପ୍ରତିପାଳନ ଆଶ୍ରିତ ପ୍ରଜାମନୋରଞ୍ଜନ ସାଧୁ ସନ୍ଥ ଗୁଣୀ ପଣ୍ଡିତମାନଙ୍କର ଗୁଣ ଗ୍ରାହକ, ଅମଳ କମଳ ନନ୍ଦିତ କବି ବନ୍ଦିତ ପ୍ରଜାପ୍ରିୟ ରାଜା ପବିତ୍ର ତପୋବନ ସ୍ନିଗ୍ଧ ରୁଚିର ରାଜର୍ଷି ଜୀବନର ପ୍ରତୀକ । ଆଜି ସବୁ ସ୍ୱପ୍ନ କମଳା ଖାଲି ସ୍ୱପ୍ନ । ଆଜି ଖାଲି ଅତ୍ୟାଚାର ବେଠି ଯାତନା, ଅପମାନ ପରକଥା ଖଟକୁହା କାନକୁହାଙ୍କ ପ୍ରକୋପ ।

କମଳା—ସତେ ରଘୁଭାଇ, ବେଳେ ବେଳେ ଇତିହାସର ପୃଷ୍ଠା ଉଦ୍‌ଘାଟନ କଲେ ଓ ଆଜିର ପ୍ରଜାମାନଙ୍କର କାର୍ଯ୍ୟକଳାପ ଦେଖିଲେ କେମିତି ଗୋଟାଏ ଖାପଛଡ଼ା ଲାଗେ ।

ରଘୁ—ଠିକ୍ ଅନୁମାନ କରିଛୁ କମଳା । ସବୁ ଖାପ ଛଡ଼ା, ଶାସନ ଖାପ ଛଡ଼ା କିନ୍ତୁ ଜାଣି ରଖ, ମନୁଷ୍ୟତାରେ ଯେତେବେଳେ ଖାପ ଛଡ଼ା ଦେଖାଦିଏ, ସେତେବେଳେ ଶତ ସହସ୍ର ଶହୀଦ ନାଗ ଚଞ୍ଚଳ ହୋଇ ଉଠନ୍ତି ।

କମଳା, ଏହି ମୈନାକ, ଏହି ଚାରି ଶ୍ୟାମାୟିମାନ ପର୍ବତ ତଳରେ ରଣପୁର ପୁରୁଣାଗଡ଼ । କେତେ ଭୂପତିଙ୍କର ଆଶୀର୍ବାଦରେ ଏହି ଗଡ଼ର ପ୍ରାକୃତ ସଂକଟରେ ଭାଗ୍ୟବାନ ହୋଇଥିବେ । ଦୟା ଦାକ୍ଷିଣ୍ୟ କାରୁଣ୍ୟର ସ୍ରୋତ ଭୂପତି ପ୍ରାଣରୁ ପ୍ରବାହିତ ହୋଇ ମହାମାନବକତାର ସମୁଦ୍ର ଲକ୍ଷ ପ୍ରାଣରେ ସଂଗୃହ କରିଥିବ । ଏହି ଗଡ, ଗଡଖାଇ, ଦୁର୍ଗ । ଏହା ମଧ୍ୟରେ ମନ୍ଦାକିନୀ ପ୍ରବାହିତ । ଉଚ୍ଛୃଙ୍ଖଳ ଜଳସ୍ରୋତ ଦୁର୍ଗର ବଳବଣକୁ ପ୍ଲାବନ କରି ଦେବାପୂର୍ବ..........ସ୍ୱର୍ଣ୍ଣ ଶସ୍ୟର ଲାଳଲହରୀ ଖେଳାଇ ଦେଇଥିବ ଆଶାର ଇନ୍ଦ୍ରଧନୁରେ, ସହସ୍ର ପ୍ରଜାର ପ୍ରାଣାକାଶ ଉଳୁଟି ଉଠିଥିବ । ଆଜି ସବୁ ଯୋଜା ପାଉଁଶର ସ୍ତୂପ ।

କମଳା—ରଘୁ ଭାଇ, ଆଜି ଦେଶ କଣ ହେଲା ?

ରଘୁ—ଏହି ଦେଶ କେତେଜଣ ଶିଖି ମନାଇଙ୍କ ଯୋଗୁଁ ଏପରି ହେଲା । ଯଦି ଜୟଚନ୍ଦ୍ର......(ରଘୁ କାନ୍ଦ ପକାଇବା)

କମଳା—ଆଖିରେ 'ଲୁହ କାହିଁକି ? ଦେଶ ସେବା କରିବାକୁ ଯାଇ, ଭାବପ୍ରବଣତା......

ରଘୁ—ହଁ କମଳା, ଭାବପ୍ରବଣତାହିଁ ଅନେକ ସମୟରେ ମଣିଷକୁ ଆଗାମୀ ଯୁଗର' ସତ୍ୟ ଖୋଜିବାରେ ପ୍ରେରଣା ଦିଏ । ମୁଁ କହୁଥିଲି କମଳା; ଇଂରେଜ.....ଫିରିଙ୍ଗି ଏହି ଦେଶରେ କିପରି ପଶିଲା । ସେ ଅନେକ ଦିନ ତଳର ବିସ୍ମୃତ ଲଜ୍ଜିତ ଇତିହାସ । ଯେଉଁଦିନ ଦେଶଦ୍ରୋହୀ ଜୟଚନ୍ଦ୍ର...ପୃଥ୍ୱୀରାଜ ବକ୍ଷରେ ଛୁରିଘାତ କରି ବିଧର୍ମୀ ମହମ୍ମଦ ଘୋରୀକୁ ଦେଶକୁ ଡେକି ଆଣିଥିଲା, ସେହି ଦିନଠାରୁ ଭାରତରେ ସ୍ୱାଧୀନତାର

ସୂର୍ଯ୍ୟ ହିମାଳୟର ଅସରନ୍ତି କୁହୁକ ଅଟଭେଦ୍ୟ ଗୁହା ଅନ୍ଧକାରରେ ଅସ୍ତ ହେଲେ । ସେହି ଦିନଠାରୁ ଏ ଦେଶରେ ବିଦେଶୀୟମାନଙ୍କର ଅତ୍ୟାଚାର ଚାଲିଛି ।

କାହିଁ ପୁରୁଷୋତ୍ତମ ଦେବ, କାହିଁ ମୁକୁନ୍ଦ ଦେବ, ସର୍ବଶେଷରେ ୧୮୦୩ । ଓଡ଼ିଶାକୁ ଫିରିଙ୍ଗି ଅଧିକାର କଲେ । ବର୍ତ୍ତମାନ ଇଂରେଜମାନଙ୍କର ନିର୍ମମ ଶାସନ ଚାଲିଛି । ଆଉ ଦଳେ ରାଜା ମଧ୍ୟ ଦେଶରେ ତାଙ୍କର ଦଲାଲ ହୋଇଛନ୍ତି । ଆଉ ରାଜା ରାଜୁଡ଼ାଙ୍କର ପୁଣି ଆମ ଦେଶର କେତେ ଅମଲା ଅଫିସର ହାତ ବାରିସି ହୋଇଛନ୍ତି ।

କମଳା—ହଁ, ରଘୁଭାଇ, ଇଂରେଜ ଶାସନକୁ ଦୂର ନ କଲେ, ରାଜାମାନେ ଲୋକମାନଙ୍କୁ ଶାସନ କ୍ଷମତା ନ ଦେଲେ ବିପ୍ଳବ ହେବ ।

ରଘୁ—ହେବ କାହିଁକି ? ଚୂଡ଼ଅଙ୍ଗେ ମହୁରଗଡ଼ରେ ଏକ ଶୀତଳ ବିପ୍ଳବ ହେଉ ନାହିଁକି ? କିନ୍ତୁ କମଳା, ଏ ବିପ୍ଳବ ଅହିଂସା ବିପ୍ଳବ । ଅଟମ ରାଜା ରାଜୁଡ଼ାଙ୍କ ବିରୁଦ୍ଧରେ ଇଂରେଜ ଶାସନ ବିରୁଦ୍ଧରେ ହିଂସା ଗୁଳିଗୁଳା ନେଇ ଠିଆ ହୋଇ ପାରିବା ନାହିଁ ।......

କମଳା—ଠିକ୍ କଥା, ଏ ରାଜାଙ୍କୁ ଦେଖିଲେ ମନରେ ଦୟା ଆସେ ।

ରଘୁ—କଣ ଥିଲା ଏ ରାଜ୍ୟ, କଣ ହେଲା । ଏହି ରାଜାମାନେ ଫିରିଙ୍ଗିଙ୍କୁ ସାହାଯ୍ୟ କରି ଚିରଦିନ ପାଇଁ ବୈଦିକ ଭାରତରେ କଳଙ୍କ ରଖିଗଲେ ।

କମଳା—ମହାତ୍ମାଗାନ୍ଧୀ ଏ ଆନ୍ଦୋଳନ ଆରମ୍ଭ କରି ନ ଥିଲେ—

ରଘୁ—ଆନ୍ଦୋଳନ ଆରମ୍ଭ ହୋଇଛି ମାତ୍ର କମଳା, ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାକୁ ବହୁତ ସମୟ ଅଛି । ପୂର୍ବାକାଶରେ ସୂର୍ଯ୍ୟ ବିଳମ୍ବରେ ଉଠେ କମଳା । ଯେତେବେଳେ ତିମିର ଥାଏ, ସୂର୍ଯ୍ୟ ସେତେବେଳେ କେତେ ଦୂରରେ...... କଳ୍ପନା ମଧ୍ୟ ସେତେବେଳେ ପାଏ ନାହିଁ ।

କମଳା—ବହୁତ ବେଳ ହେଲା......କେହୁତ ଆସିଲେ ନାହିଁ ।

ରଘୁ—ବର୍ତ୍ତିମାନ ଆସିଯିବେ । ହଁ, ଆଉ ଗୋଟିଏ କଥା କମଳା... ସମସ୍ତଙ୍କୁ ପ୍ରଜାମଣ୍ଡଳ ଭିତରେ ଏକ ମନପ୍ରାଣରେ କାମ କରିବାକୁ ପଡିବ । ଲକ୍ଷ୍ୟ ଏକ ହେଲେହେଁ...କେତେବେଳେ କାହା ମନକୁ କେତେ ଭାବ ଛୁଇଁଛି...

କମଳା—ସେଥିପାଇଁ ଧନମାଳୀ ବାବୁ କହୁଛନ୍ତି ସମସ୍ତଙ୍କୁ ମିଶେଇ ନେଇ କାମ କରିଯିବା ଉପଯୁକ୍ତ ନେତାର କାମ...

ରଘୁ—ତା ତ ଠିକ୍...ସମସ୍ତଙ୍କ ମନ ଧରି କରିବା ।

(ଏତିକିବେଳେ ପ୍ରବେଶ କଲେ ଅର୍ଜ୍ଜୁନ ରାଉତ, ପଦନ ଦାସ, ସିନ୍ଧୁ ମିଶ୍ରେ, ନିଧି ସେନାପତି, ଦିବାକର ପରିଡା, ବଂଶୀ ପଣ୍ଡା, ଅନନ୍ତ ବରାଡ଼, ଅନ୍ତର କଳସ) ସମସ୍ତେ ପ୍ରଜାମଣ୍ଡଳର କର୍ମୀ । )

ରଘୁ—ନମସ୍କାର···ନମସ୍କାର···ନମସ୍କାର···

କମଳା—ନମସ୍କାର···

ଅର୍ଜ୍ଜୁନ ରାଉତ—ଦଣ୍ଡବତ ଭାଇ (ସମସ୍ତେ ଦଣ୍ଡବତ ଯଥାବିଧି ଜଣାଇଲେ) ।

ରଘୁ—ଏତେ ବିଳମ୍ବ କାହିଁକି ହେଲା ?

ପଦନ—ସମସ୍ତେ ଆସୁଛୁ ଡକାଡ଼ିକି ହୋଇ···

ନିଧି ସେନାପତି—ରଘୁ ଭାଇ, ସଭାପତି କାହାନ୍ତି ।

ରଘୁ—ବର୍ତ୍ତିମାନ ଆସିବେ ।

ନିଧି—ସମସ୍ତେ ଶୁଣ, ବଡ଼ ସାବଧାନ ହୋଇ କଥାବାର୍ତ୍ତା କର । ଯେମିତି ଟିକିଏ ହେଲେ ସୁରାକ କେହି ନ ପାଏ...

ବରାଡ଼—ସେମିତି ହେଲେ କାନ୍ଥର କାନ ଅଛି ।

ସିନ୍ଧୁ—ଯାହାହେଉ, କମଳା ଆଜି ବେଶ୍ ଫଟୋ ଗୁଡିକୁ ସଜାଇଛି ।

ନିଧି—କମଳା ସବୁଦିନେ କାମଟି ଠିକ୍ ଠିକ୍ କରେ...

ବରାଡ଼—ହଇ ହେ, ବର୍ତ୍ତିମାନ ଗୋଟାଏ ଆଲୋଚନା ପଡୁ ।

ନିଧି—ସଭାପତି ଆସନ୍ତୁ...

ବରାଡ଼—ତୁ ତ କଣ ଏମିତି ହେଉଛୁ—

ନିଧି—ସେମିତି ବାଜେ କଥା ପକା ନା—

ରଘୁ—ବରାଡ଼ ଭାଇ ଗୋଟିଏ କଛି କାର୍ଯ୍ୟପନ୍ଥା ଗ୍ରହଣ କରନ୍ତୁ । ଗୃହୁଁ ଗୃହୁ ଅସି ନଭେମ୍ବର ୧୯୩୮ ହେଲା ।

ପଦନ—ରଘୁ ଭାଇ, ମୁଁ ଗୋଟିଏ କଥା କହିବ...

ରଘୁ—କଣ କୁହନ୍ତୁ—ପ୍ରଜାମଣ୍ଡଳ ଭିତରେ ଅନ୍ତଃତ, ସେତିକି ଅଛି ।

ପଦନ—ଆମକୁ ସ୍ପଷ୍ଟ ବିଦ୍ରୋହ ଘୋଷଣା କରିବାକୁ ହେବ—

ସିନ୍ଧୁ—ଏକା କଥା, ମେଳ ଯାହା, ବିଦ୍ରୋହ ।

ରଘୁ—ହେଲା, ଆମେ ବିଦ୍ରୋହ କରିବୁ, କିନ୍ତୁ···ଆମର ତ ଅହିଂସା ହେଲା ବ୍ରତ । ସତ୍ୟାଗ୍ରହ ହେଲା ଅସ୍ତ୍ର···

ପଦନ ଦାସ—ସେ ବାଟରେ ଗଲେ, ଆମେ ସହଜରେ ପହଞ୍ଚିବା ନାହିଁ ।

ଅର୍ଜ୍ଜୁନ ରାଉତ—ମୋତେ ସେ ବାଟ ଭଲ ଦିଶୁନି...ଫଗୁ ମହାନ୍ତି ଉପରେ, ଏ ଅମଲାଙ୍କ ଉପରେ, ଗୋଠା କେତେ ନ ହେଲେ ଆମେ ପାରିବାନି···

ସିନ୍ଧୁ—ଢେଙ୍କାନାଳରେ ଏବେ କଣ କଲେ ? ଆମ ହାତରେ ମସଲ୍ଲ କାହିଁ ?

ନିଧି ସେନାପତି—ମସଲ୍ଲ ଥିଲେ ମଧ୍ୟ, ରକ୍ତପାତ କରି ଆମେ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରିବା ନାହିଁ ।

ରଘୁ—ମୋର ସେହି ମତ । ବରଂ ଶୁଳ ଅସହଯୋଗ ଆରମ୍ଭ କରି-ଦେବା । ଜେଲ ଯିବା—ଅଣ୍ଡର ଗ୍ରାଉଣ୍ଡରେ ରହିବା...

ଅର୍ଜ୍ଜୁନ ରାଉତ—ହିଂସା, ରକ୍ତପାତ ନ ହେଲେ, ଅଜ୍ଞା, ଏ ରଣପୁର ଅଯୁ ପଡ଼ିବ ନାହିଁ ।

ରଘୁ—ରାଉତ ଭାଇ ତା ହୋଇ ପାରେ ନା—

ଦିବାକର—ନାନା, ହିଂସା ରକ୍ତପାତ କରି ଆମେ ଇଂରେଜ ସରକାରର ଗୁଳିଗୋଳା ଉପରେ ଉଠି ପାରିବା ନାହିଁ ।

ନିଧି—ତମେ ରାଉତ ବୁଝି ପାରୁନ । ପୁଲିସର ଗୋଟେ ବନ୍ଧୁକ ଆଗରେ ଆମ ପ୍ରଜାମଣ୍ଡଳ ସବୁ ଧ୍ୱଂସ ହୋଇଯିବ ।

ସିଂଧୁ—ଯାହାହେଉ, ଅମେ ଗୋଟାଏ କର୍ମପନ୍ଥା ଧରିବା, ଲୋକଙ୍କୁ ଆଗ ଖଦଡ଼ ପିନ୍ଧାଇଲେ...

ଦିବାକର—ଖାଲି ଲୁଗା କାହିଁକି, ସୂତାକାଠା ମଧ୍ୟ ।

ରଘୁ—ଅମେ ତ ଭାବୁଛୁ, ୧୪କୋଶ ପାଇଁ ଗୋଟିଏ 'ପଲ୍ଲୀମଙ୍ଗଳ' କେନ୍ଦ୍ର ଗଢ଼ି ସେଥିରେ କେତେକ ରଚନାତ୍ମକ କାମ ଆରମ୍ଭ କରି ଦେବା...

ସିନ୍ଧୁ—କିଛି ନ ହେଲେ; ଲୋକେ ହାତରେ ସୂତାକାଟି ଲୁଗା ପିନ୍ଧନ୍ତୁ । ଆଗ ଗୋଟିଏ କିଛି ହେଉ—ତା'ପରେ ପୁଣି ଅନ୍ୟ କଥା ଦେଖିବା—

କଥି—ହଁଏ, ଯେଉଁବାସୀ ବସ୍ତିଲଙ୍କର କଣ ସେହି ନିର୍ବାସନ ଦଣ୍ଡ କାଏମ ରହିଲା ।

ରଘୁ—ତୁମେ କଣ ଭାବୁଛ । ରାଜା ଶାସନରେ, 'ଦେଓ୍ୱାନ ଦାରୋଗା ଯୁଗରେ ବଗୁର ଥାଏ ?

ବାବାଜୀ—ହଁ ଏ, ଆଜି ତ ଜୁଆଡ଼େ ବଡ଼ ସକାଳୁ ଦାରୋଗା ପୁଲିସ କେତେ ଜଣଙ୍କୁ ନେଇ ବାଉଁଶଗଡ଼ ଆଡ଼େ ଯାଉଥିଲା ।

ସିଂଧୁ—ସେ ଯାଉଛନ୍ତି, ଲୋକଙ୍କୁ ଧମକେଇ ମିଛସାକ୍ଷୀ କରି କେତେ ଜଣଙ୍କୁ ଧରିବେ । (ଏତିକିବେଳେ ଧନମାଳୀ ରାମଙ୍କ ପ୍ରବେଶ)

ସିଂଧୁ—ହେଇଟି ତ ଅସିଲେଣି (ସମସ୍ତଙ୍କର ନମସ୍କାର)

ରଘୁ—ଆଜ୍ଞା, ବହୁତ ବିଳମ୍ବ ହେଲା ।

କଧି—ତମେ କୁଆଡ଼େ ଗଲ କହେ, ମୁଁ ତ ଗୋପାଳପୁରଠାରୁ ଅସିଲି ।

ଧନମାଳୀ ରାମ—ରହିଗଲି । ପାମ୍‌କାଠି ପରା, କେତେଗୁଡ଼ାଏ ଲୋକଙ୍କୁ ପୁଲିସ ଜବତ କରିଥିଲା ।

ସିଂଧୁ—'ମିଛ ସାକ୍ଷୀ କେଶ' ହୋଇଥିବ ।

ରଘୁ—ଅଜି ସଭା କାର୍ଯ୍ୟ ଅରମ୍ଭ କରିବା...

ଧନମାଳୀ—ହଁ,

କମଳା—ମୁଁ ତେବେ ଟିକିଏ ଅସେ ।

ଧନମାଳୀ—ନାହିଁ ମା ତୁ ଟିକିଏ ବସ । ତୁ ନ ଥିଲେ ପ୍ରଜାମଣ୍ଡଳ କେବଠୁଁ...

ନିଧି—ପ୍ରକୃତରେ ସେ ବହୁତ କାମ କରିଛି ।
ରଘୁ—ବାପାଙ୍କୁ ନିର୍ବାସନଦଣ୍ଡ, ଭାଇଙ୍କୁ ମଧ୍ୟ···ଯାହାହେଉ, କମଳା ବାପା ଭାଇଙ୍କର...
ସିଂଧୁ—ପ୍ରକୃତ କନ୍ୟା ଏବଂ ଭଗିନୀ । ବର୍ତ୍ତମାନ ତାକୁ ସମୁଦାୟ ପଲ୍ଲୀ-ମଙ୍ଗଳ ଦାୟିତ୍ୱରେ ରଖ— (କମଳା ବସି ସୂତା କାଟିବା)
ବସନ୍ତ—ଆଜିର ସଭାରେ ଆସନ୍ତା ଗୃହ ମାସ ପାଇଁ Programme କର ।
ସିଂଧୁ—ଯାହାହେଉ, ସମସ୍ତଙ୍କର ଗୋଟାଏ ପ୍ରସ୍ତାବ ହେଉ···
ବନମାଳୀ—ମୁଁ କହୁଛି, ସିଂଧୁ ମିଶ୍ରଙ୍କୁ ସଭାପତି କର । ପଦଦାସ ଆଉ ରଘୁ ବାବୁଙ୍କୁ ସଂପାଦକ ଭାର ଦିଅ, ଦବାକର ଆଉ ବସନ୍ତଙ୍କୁ ଅଫିସ ସେକ୍ରେଟେରୀ କର । ନିଧି ବାବୁ ମାଲ ଅଂଚଳରେ ରହନ୍ତୁ । ତାଙ୍କୁ ସେ ଅଞ୍ଚଳ ଛାଡ଼ି ଦିଅ । ଅର୍ଜ୍ଜୁନ ରାଉତ, ବଂଶୀ ପଣ୍ଡା, ମୁରଲୀ ଦାସ, ଏମାନେ ଭିତରେ ରହନ୍ତୁ । ଯେତେ-ବେଳେ ଯାହା ଘଟିବ ସେମାନେ ସେହି ଅନୁସାରେ କାଗଜପତ୍ର ଗଢ଼ିବେ । ହରିଜନ କାମ ପାଇଁ ଅଲଗା କେତେଜଣ କର୍ମୀଙ୍କୁ ରଖିବା···
ରଘୁ—ମୁଁ ଆଜ୍ଞା, ଟିକିଏ କଥା କହୁଛି—ମାନେ ସମୁଦାୟ ରଣପୁରକୁ ଗୃହଭାଗରେ ବାଣ୍ଟି ଦିଅନ୍ତୁ । ଆପଣ ଠାଙ୍ଗି ସେପଟ ଧରି କାମ କରନ୍ତୁ । ବସନ୍ତ ବାବୁ ପଶ୍ଚିମ ମାଲ ଦାୟିତ୍ୱରେ ରହନ୍ତୁ । ଆଉ ଦୁଇଜଣ ସୁନାଖଳା ଏବଂ ମାଳକୁ କେନ୍ଦ୍ର କରି ରହନ୍ତୁ । ଆମର ଅନେକ ସମୟରେ କାମ ଛିନ୍ନ ବିଚ୍ଛିନ୍ନ ହୋଇଯାଉଛି ।
ସିନ୍ଧୁ—ଆଉ ଗୋଟିଏ କଥା, ଆମ ମଧ୍ୟରୁ ଜଣେ ପର୍ବପରି ସରକାରୀ ସି. ଆଇ. ଡ଼ି. ଭାବରେ ଛଦ୍ମବେଶରେ ରହୁ । ଆମରି ଭିତରେ ରହୁଥିବ, ଆମରି ବିରୁଦ୍ଧରେ କହୁଥିବ । ଯେପରି ଆମ ପତ୍ତା ପାଇବେ ନାହିଁ ।
ପଦ ଦାସେ—ମୁଁ କହୁଛି, ସେଥିପାଇଁ ମାଗି ନାହାକକୁ ରଖି ଦିଅ ।
ରଘୁ—ହଉ ହେଲା ।

ଧନମାଳୀ—ସମସ୍ତେ ସାବଧାନ । ଯେପରି ତାଙ୍କ ହାତରେ ଧରା ପଡ଼ିବ ନାହିଁ । ତାହାହେଲେ ସର୍ବନାଶ ।

ରଘୁ—ଆଜି ବିଦ୍ରୋହ ମେଳ କରିବା ପ୍ରଶ୍ନ । ମୁଁ କହୁଛି ଆମେ କାମ କରି ଗୁଲିଲେ, ବଳେ ବଳେ ବିଦ୍ରୋହ ହୋଇଯିବ ।

ଧନମାଳୀ—ଆମର ତ ଅହିଂସା ହେଲା ବ୍ରତ । ଆମେ ହିଂସାତ୍ମକ ଆନ୍ଦୋଳନ କରି ସମଗ୍ର ବ୍ରିଟିଶ ସାମ୍ରାଜ୍ୟବାଦ ବିରୁଦ୍ଧରେ ଠିଆ ହୋଇପାରିବା ନାହିଁ ।

ରଘୁ—ତେଣୁ ତ ମହାତ୍ମା ଅହିଂସା ଅସହଯୋଗକୁ ମନ୍ତ୍ର କରି ଧରିଛନ୍ତି ।

ସିଂଧୁ—ବିଦ୍ରୋହ ଦରକାର, ତେବେ ଆଗ ସଂଗଠନ କାମ ଗୁଲୁ ।

ଧନମାଳୀ—କିନ୍ତୁ ମୁଁ ସାବଧାନ କରି ଦେଉଛି—ପୋଲିସ ହାବୁଜରୁ ସମସ୍ତେ ଦୂରରେ ରହିବ । ତାହା ନ ହେଲେ ମୂର୍ଖ ଲୋକେ ନେତୃତ୍ୱ ଅଭାବରେ କେତେବେଳେ କଣ କରିପାରନ୍ତି ।

ରଘୁ—ନା ନା, ତାତ ପ୍ରକୃତ କର୍ମୀର ଚିହ୍ନ ।

ଧନମାଳୀ—ଆଜି ଯେଉଁମାନେ ପ୍ରଜାମଣ୍ଡଳରେ ଶପଥ ନେବାକୁ ଆସିଛନ୍ତି ସେମାନଙ୍କୁ ଶପଥ ଦିଅ ।

ରଘୁ—କମଳା ସେ ଭାର ଗ୍ରହଣ କରିଛି ।

ଧନମାଳୀ—କାଗଜପତ୍ର ସବୁ ସାବଧାନରେ ରଖିବ ।

ରଘୁ—ହେଉ, ଆଜି ଏତିକିରେ ସଭା ଥାଉ । ବର୍ତ୍ତମାନ କେତେଜଣ ଆସୁଛନ୍ତି । ତାଙ୍କୁ ସବୁ ଶପଥ ଦିଅ ।

ଧନମାଳୀ—ନିଷ୍ଠାପର କର୍ମୀ, ପ୍ରଜାମଣ୍ଡଳ ପାଇଁ କାମ କରିବେ । ଏହିପରି ଲୋକଙ୍କୁ ଦେଖାଇବ ।

ରଘୁ—କମଳା ଆଜି କେତେ ଜଣ ଶପଥ ନେଉଛନ୍ତି ?

(ପ୍ରାୟ ଦୁଇ ଗୁରିଜଣ ଲୋକ ଭିତରକୁ ଜଣ ଜଣ କରି ରଘୁବାବୁଙ୍କ ନିର୍ଦ୍ଦେଶରେ ଆସିବା)

କମଳା—ଏହି ଦେଖୁଛନ୍ତି (ମହାତ୍ମାଙ୍କ ଫଟୋ ପ୍ରତି ତ୍ରିରଙ୍ଗା ପତାକା ପ୍ରତି) ଶୁଦ୍ଧପୂତ ପ୍ରାଣରେ ଶପଥ ନିଅନ୍ତୁ । ପଢ଼ନ୍ତୁ—କାୟମନୋବାକ୍ୟରେ ମୁଁ ପ୍ରଜାମଣ୍ଡଳର କର୍ତ୍ତବ୍ୟ କରିବି ।

(ଏହିପରି ଦୁଇ ଗୁରିଜଣ ଶପଥ ନେଲେ)

ଧନମାଳୀ—ରଘୁ, ବର୍ତ୍ତମାନ କପିଳପାତ୍ରର ଅବସ୍ଥା କଣ ?

ରଘୁ—ଅଜ୍ଞା, ତା କଥା କହନ୍ତୁ ନାହିଁ । ସେତ ସବୁ କଥାରେ ରପୋର୍ଟ ଡାଲିକା, ରସଟିକ୍, କୃଷ୍ଣଚନ୍ଦ୍ର, ନରେନ୍ଦ୍ର, ମହାପାତ୍ରଙ୍କ କଥା କହୁଛି ।

ଧନମାଳୀ—ସେଇମିତ ଦାଲାଲତ ଅମ ଅନ୍ଦୋଳନରେ ପିଠିରେ ଛୁରୀ ମାରୁଛନ୍ତି···

ରଘୁ—ସ୍ୱାଧୀନତା ଅନ୍ଦୋଳନର ପଥ କଣ୍ଟକାକୀର୍ଣ୍ଣ । ତାହା ନ ହେଲେ ସ୍ୱାଧୀନତା ଏତେ ଦୁର୍ଲ୍ଲଭ ହୋଇ ନ ଥାନ୍ତା ।

ଧନମାଳୀ—ହଉ, ତୁମେମାନେ ସବୁ ଜାଣ । ଅମ ଉପରେ ରାଜ୍ୟରେ ସମସ୍ତଙ୍କର ଦୃଷ୍ଟି; କୋପଦୃଷ୍ଟି ।

ରଘୁ—ନାହିଁ ଅଜ୍ଞା, ସେବା ଦେଶ କାମର ଶେଷ ସାର୍ଥକତା ଅଛି । ସବୁ କୋପଦୃଷ୍ଟି ଅପେ, ଅପେ···

ଧନମାଳୀ—ସେହୁ କପିଳପାତ୍ର, ଫଗୁ ମହାନ୍ତି ଅସି ଡକ୍ୱା ଛଡ଼ିବେ ।

ରଘୁ—ହଉ, ଅଜ୍ଞା, ବର୍ତ୍ତମାନ ପ୍ରାର୍ଥନା କରାଯାଉ...
କମଳା ଦେବୀ···ପ୍ରାର୍ଥନା···

( ସମସ୍ତଙ୍କର ଗୌରବରେ ପ୍ରାର୍ଥନା )

( ଏତକବେଳେ ପଟ୍ଟପତନ )

---

# ତୃତୀୟ ଅଙ୍କ

## —ତୃତୀୟ ଦୃଶ୍ୟ—

(ରଣପୁର ଦୁର୍ଗର ରାଜାଙ୍କ ଉଆସ—ବରାଠ କାରଖାନା—ହାରମୋନିୟମ ତାବଲାଠାରୁ ଅରମ୍ଭ କରି, ସଖୀପିଲା ଦୁଇଟି ଠିଆ, ଟେବୁଲ ଫୁଲରେ ସଜା—ଦେଓ୍ୱାନ, ମିସ୍ କରଣୀ, ବଳବନ୍ତରା, ମରହଟି ବେଶରେ କପିଳ ପାତ୍ର । ସିନ୍ ଉଠିଲା, ସିନ୍ ଉଠିବା ସଙ୍ଗେ ସଙ୍ଗେ ଭିତରକୁ ପଶି ଅସୁଛନ୍ତି ଅଗେ

ଅଗେ ମେଜର ବେଜଲ ଗେଠ୍, ତାଙ୍କ ପଛେ ପଛେ ବୃଦ୍ଧ ରାଜା । ବେଜଲ୍ ଗେଠ୍‌ଙ୍କ ଡ୍ରେସ—ଇଂଲିଶ କାଇଦାରେ—ସମସ୍ତେ ଠିଆ ହେଲେ, ଯଥୋଚିତ ସମ୍ମାନ ପ୍ରଦର୍ଶନ କଲେ—ରାଜା ପ୍ରଥମେ ଜଣ ଜଣ କରି ପରିଚୟ କରାଇ ଦେଲେ )

ବୃଦ୍ଧରାଜା—She is your honour miss କରବୀ

ବେଜଲଗେଠ୍—Oh, I see, I see (ହାତ ବଢ଼ାଇ ଦେବା)

କରବୀ—Your honour—(ନମସ୍କାର କରିବା)

ବୃଦ୍ଧରାଜା—ଏ ହେଉଛନ୍ତି ବଳବନ୍ତରାୟ my personal Secretary.

ବେଜଲଗେଠ୍—ବଳବନ୍ତରାୟ—(Shake hand କରିବା)

ବଳବନ୍ତରାୟ—Your honour, ଶ୍ରୀଗୁରୁ, ହଜୁର—
(ସେକ୍ରେଟରି ଦେଓ୍ୱାନଙ୍କ ସହିତ, shake hand) ରାଜା ଅଉ କାହାକୁ ସ୍ୱତନ୍ତ୍ର ଭାବରେ ପରିଚୟ କରାଇ ଦେଲେ ନାହିଁ)

ରାଜା—Your honour, chair please. (ସ୍ୱର୍ଣ୍ଣ ଛତ୍ରିଣୀ ଚେୟାର ଦେଖାଇଦେବ) ବେଜଲଗେଠ୍ ବସିବା, ରାଜା ବସିଲେ—ମିସ୍ କରବୀ ଚର୍ଚ୍ଚାରେ ଲାଗିଗଲେ ।

ମିସ୍ କରବୀ—ଅଗ ସୁନାହାର ଗୃହେଶ୍ୱରି ଅଣି ସାହେବଙ୍କୁ ଦେଇ your honour !

ବେଜଲଗେଠ୍—Oh I see…I am very glad to meet you କରବୀ—very glad.

କରବୀ—Your honour.

ବେଜଲଗେଠ୍—(ଜୋଡ ହସ୍ତରେ ଠିଆ ହୋଇଥିବା କପିଳ ପାତ୍ର ପ୍ରତି) who is that

କରବୀ—Your honour, your loyal subjectl

ବେଜଲଗେଠ୍—Oh I see…

ମିସ୍ କରବୀ—(ମଦପାତ୍ର ସାହେବଙ୍କୁ ଦେବା, ସାହେବ ମଦ ପିଇବାରୁ …ବୃଦ୍ଧ ରାଜା ଅଣ୍ଟି ଠାରିଦେଲେ; ସଙ୍ଗେ ସଙ୍ଗେ ସଙ୍ଗୀତ ଆରମ୍ଭ ହେଲା—)

ହେଭଲକଗେଟ୍—Raja Saheb no trouble in the state ?
ରାଜା—Your honour, no trouble.
ହେଭଲକଗେଟ୍—Who is the police officer.
( ସଙ୍ଗୀତ ବନ୍ଦ ହେବା)
ହେଭଲକଗେଟ୍—ଦେଓ୍ୱାନ ସାହେବ—who is your police officer.
ଦେଓ୍ୱାନ—Your honour. Here is the police officer.
ହେଭଲକଗେଟ୍—ସବୁ ଶାନ୍ତି ହେ, କାହୁଛି ଗୋଲମାଲ ହେ ?
ଦାରୋଗା—Your honour no trouble.
ହେଭଲକଗେଟ୍—ଢେଙ୍କାନାଳରେ ଗୋଲମାଲ ହୁଅ, ସବୁ ଦମନ କରଦଅ, ଯେ ଲୋକ ନେତାହେ, ଉସକୁ arrest କରେ ।
ଦାରୋଗା—Your mercy.
ହେଭଲକଗେଟ୍—ପ୍ରଜାମଣ୍ଡଳ ନେତା ସବ୍‌କୋ ଖତମ କର । Discipline and loyality ଜାରି କରନେ ହୋଗା (ମଦପାନ ପରେ ରାଜା ସାହେବଙ୍କ ସଙ୍ଗେ ପଦେ କଥାବାର୍ତ୍ତା କରି) ମିସ୍ କରବୀ—I am so glad to meet you…
କରବୀ—Your honour (ଏତିକିବେଳେ କେତେଗୁଡ଼ିଏ କାଗଜପତ୍ର ବଢ଼ାଇ ଦେବା )
ହେଭଲକଗେଟ୍—(ସଙ୍ଗେ ସଙ୍ଗେ ଦସ୍ତଖତ କରି) I am so glad to meet you ଉଠିବା
ମିସ୍ କରବୀ—Your honour—
ହେଭଲକଗେଟ୍—I am so glad to meet you...I am so glad to meet you…(ରାଜାଙ୍କ ପ୍ରତି) ରାଜା ସାହେବ, why do not send Karabi to Dak Bunglow…
ରାଜା—Your honour…
ହେଭଲକଗେଟ୍—I am so glad to meet you Karbi...

କରୁଣା—Your honour···

ବେଜଲଗେଟ୍—Good night ଠାଣିରେ, ମିସ୍ କରୁଣାକୁ ଗୃହିଁ ଗୃହିଁ ଫେରୁଥିବା, ପଛେ ପଛେ ରାଜା ଦେଓ୍ୱାନ ଗଲେ ।

—ଯବନିକା ପତନ—

## ତୃତୀୟ ଅଙ୍କ

### —ଚତୁର୍ଥ ଦୃଶ୍ୟ—

(ଗାଁ ଅଖଡ଼ା ଘର ଖାଲ ବସି ମର୍ଦ୍ଦଳ ବଜାଉଛି—ବାମା, ସହଦେବ, ଆଉ ଦୁଇଜଣ ପାଲି ଧରି ଗୀତ ବୋଲୁଛନ୍ତି)

ଖେଳ ମିଛ ଭବ ରାଜା ରାଇଜ ଲୋ
ଖେଳ ଅଙ୍କ ଖେଳ ଘର
ବେଠି ଦେଇ ଦେଇ ମାଡ଼ ଖାଇ ଖାଇ
ଜେଲ ହୋଇଲଣି ମାମୁଁଘର···ଲୋ
ଖେଳ ମିଛ ସଂସାର ।
କାହିଁ ଗଲା କେତେ ମିଛ ମୂର୍ତ୍ତିଙ୍କର
କାଛ କାଚ କାଠକୁଟ
ରାଜା ରାଜୁଡ଼ାର କଳା ଇତିହାସ
କଏ, କାହିଁ ବସି ଘାଣ୍ଟୁ···ଲୋ
ସବୁ ଦେଖିଲଣି ସାର

(ଏହି ସମୟରେ କପିଳ ପାଣ୍ଡ ଆସି ପହଞ୍ଚିବା—ଚନ୍ଦନ, ଫୁଲ ବେଶ ହୋଇଛି—ତାଙ୍କୁ ଦେଖି ଅଖଡ଼ା ବନ୍ଦ ହୋଇଗଲା—)

କପିଳ ପାଣ୍ଡ—କିରେ, ତମେ ସାହେବଙ୍କୁ ଦେଖିଲନି—ସାହେବ କହୁଛି ରସଟିକ ନାଚିଯିବ ଯେ—ଯେଉଁମାନେ ଭେଟି ଦେଇନ, ବୋପାକୁ ପୁଅ କହି ଯାଇ ଦେଇ ଦିଅ । ନଇଲେ ରସଟିକ୍କୁ ନାଗିଯିବ···

(ସ୍ୱପଗତ ଦଳରୁ ରଘୁନାଥ, ବରାଡ଼ ଏବଂ କମଳା ଦେବୀଙ୍କର ପ୍ରବେଶ, ହାତରେ ଖଣ୍ଡେ ଖଣ୍ଡେ ଖଦଡ଼ ବ୍ୟାଗ)

ସମସ୍ତେ ଉଠି ତାଙ୍କୁ ନମସ୍କାର କଲେ ।

ବରାଳେ—କପିଳ ପାତ୍ରେ ଏଇଠି ତ···

କପିଳ ପାତ୍ର—(ଭ୍ରୂ ଟେକିଯାଇ) ତମ ନାମରେ ଏଣିକି ରସିଦ୍ କାଟିବ ! ତମେ ଗାଁଟାକୁ ଉଚ୍ଛନ୍ନ କରିଦେଲ ।

ବରାଳେ—କଣ କହୁଛ ? କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ···

କପିଳ—ହଁ, କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ, ଫଗୁ ମହାନ୍ତି, ଦେଓ୍ୱାନଙ୍କ ଅମଳରେ...ତମେ ଦଳେ ବସିଛ ଆମକୁ ରସାତଳେ ପକାଇବ । ଆମ ପୂର୍ବପୁରୁଷରମାନ ନେବ । ତମଠି ରସିଦ୍ କାଟିବ ନାହିଁତ ଅଉ କାହାଠି କାଟିବ !

ବରାଡ଼େ—ତମ ପୁଅ କାହାନ୍ତି ହେ ?

କପିଳ—କଣ ବହୁତ କଥା ପଚାରୁଛ । ଆମ ସହିତ ତମର କି ସମ୍ପର୍କ, ଆମର ସ୍ୱତନ୍ତ୍ର ଲାଇନ୍···

ବରାଡ—ହଁ ତମ ଲାଇନଟା ବଡ଼ ସ୍ୱତନ୍ତ୍ର—ରେଲ ଲାଇନ ପରି—ନାନା କଲିକତା ଟ୍ରାମ ଲାଇନ ପରି । ନା ନା ଆମ ଗାଁ ଗୋହିରି ଶଗଡ଼ ଗୁଳାପରି ।

କପିଳ—ଆରେ କାଲିକା ବଡ଼ା—ଆମେ ନରେନ୍ଦ୍ର ମହାପାତ୍ରଙ୍କ ଅନ୍ନ ପାଣିରେ ପ୍ରତିପାଳିତ—ତମେ ସବୁ ନିମକହାରାମ—

ବରାଡ଼—ପାତ୍ରେ ତାଲିକା ବହି ଅଛିଟି ?

କପିଳ—କଣ କହିଲୁ ?

ବରାଡ଼—ତମ ତାଲିକା ଖାତା କାହିଁ ?

କପିଳ—କରେ ତୋର ବଡ଼ ସାହସ ତ ?

ବରାଡ଼—ଏ ଲୋକଗୁଡ଼ାଙ୍କୁ ମୋର ବତାଇ ଶିଖାଇ ତମେ ବଡ଼ ଅରାଜ୍ୟ କରିଛ । ବେଳୁଆଁ କାହିଁ ? ବେଳୁଆଁ······

ରଘୁ—ପାତ୍ରେ ଆଖଡ଼ାଘରେ ବଡ—ଗାଁ ଆଖଡ଼ା ଘର—

ପାଣ୍ଡେ—କଣ ତମ ସାଥିରେ ପାକ ହେବ—ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ...ରାଜ୍ୟ ପାର ହେବ···

ରଘୁ—ସେଇ କଥା ପାଣ୍ଡେ—ଆମ ଆଗରେ ଖାଲି ଦ୍ୱିପାନ୍ତର···ଜଙ୍ଗଲ ପାର, ଜେଲ, କୋରମାନା ତମ ଆଗରେ ଖାଲି ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟ—ଫଗୁ ମହାନ୍ତିଙ୍କ କାର୍ଯ୍ୟ, ଦାରୋଗାଙ୍କ ଙ୍ଗଂଗ—

ପାଣ୍ଡେ—(କାନରେ ହାତ ଦେଇ) ଅରେ ରଘୁଆ, ତୁ ଭାରି ଏବେ ନେତା ବନାଇ ଗଲୁଣି—କଂଗ୍ରେସ ଟୋପି ଖଣ୍ଡେ ପିନ୍ଧି ଦେଇ ତାମସା ଲଗିଛୁ । ଏ ଆଖଡ଼ା ଘରକୁ କାହିଁକି ଆସିଛ ।

ରଘୁ—ତମେ ଯେଉଁମାନେ ଆସିଛ ?

ବରଜେ—ତମକୁ ଗୁନ୍ଦା ମାଗି ଅସିଛୁ ।

କପିଳ—ବରଜ ପୁଅ, କପିଳ ପାତ୍ର ଆଗରେ ସେ ସବୁ ପଇଠିବ ନାହିଁ । ଦେଲୁ ଦେଲୁ କଣ ଅଛି ତୋ ଖଦଡ଼ ମୁଣିରେ ।

ବରଜେ—ରଣପୁରଠାରୁ ଖାଇଛ, ତମକୁ ଆମେ ପୁଣି ଦେବୁ ।

କପିଳ—ଅରେ ଅରେ ତମମାନ ପତାକା ଖଣ୍ଡେ ଧରି ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ ପାଲ୍ଲା କରୁଛ । ଅହିଂସା କହି କହି ହିଂସା କରୁଛ । ତମେ ସବୁ କହିବ ଗୋଟେ କଥା, କରିବ ଆଉ ଗୋଟାଏ କଥା । ତମେ ଗୋଟେ ଚିତାକଠା ଦଳ...

ବରଜେ—ପାଣ୍ଡେ, ଦେଖି ତମ ପକେଟରେ କଣ ଅଛି—

(ପକେଟ ଦରାଣ୍ଡିବା)

କପିଳପାତ୍ର—(ଦୂରକୁ ଘୁଞ୍ଚିଯାଇ) ଏଁ ଏଁ ସାବଧାନ ।

ରଘୁ—ପାଣ୍ଡେ ! ତମେ ଯାହା କହିଲ ଆମର କଥାରେ ତମେ ଭେଦ ଦେଖୁଛ ? ସେଇଠା କାହା ଦୋଷ ଜାଣିଛ ?

ଅନନ୍ତ ବରାଳ—ସେଇଠା ତାଙ୍କ ଚଷମାର ଦୋଷ···

କପିଳ—ପୁଣି କଣ କହିଲ...

ରଘୁ—ଯେଉଁଠାରେ ଏକ ଦଗରେ ସେବା ତ୍ୟାଗର ଅସରନ୍ତ ନିର୍ଝରଣୀ ବହୁଥାଏ, ଅନ୍ୟ ଦଗରେ ଦଲାଲ ମଣିଷମାନଙ୍କର

ବିଶ୍ୱାସଘାତକତା ଭିତରେ ଭିତରେ ସୁନାର ଗଡ଼ା ଘରକୁ ଟିକନଖି କରୁଥାଏ । ସେଠି ତମପରି ଲୋକର ବୁଝିବା ଶକ୍ତି କେତେ ଅବା···

ବସନ୍ତ—ତମେ କାହିଁକି ଏ ଅଖଡ଼ା ଘରକୁ ଆସିଛ ଯେ ।

ଗୋଲ—ନାହିଁ ନାହିଁ, ସରବରାକାରେ ଟିକିଏ ନାଚ ଶିଖିବାକୁ ଆସନ୍ତି···

କପିଳ—କଣ କହୁଲୁ ଗୋଲ···ଗୋଲ···ବୋଝ ଉପରେ ନଳିତା ବିଡ଼ା କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ ଭେଟି ଦେଇନ୍ତୁ । ବାମା ଷ୍ଟେଟଟାକୁ ଭୁ ବଟେଇଛୁ । ପିଠିରେ କର୍ଣ୍ଣର ଖୋଲପା ବାନ୍ଧ ।

ରଘୁ—ପାତ୍ରେ, ତମେ ତମ କାମରେ ଯାଅ ।

କପିଳ—ତମେ ତମର କାମରେ ଯାଅ ।

ରଘୁ—ଆମର କାମ ଏହିମାନଙ୍କ ସଙ୍ଗରେ ।

କପିଳ—ମୋରତ ଠିକ ସେଇଆ କାମ ।

ରଘୁ—ତମେ ତମର କାମ ଚଞ୍ଚଳ ସାରି ଯାଅ···

କପିଳ—ମୋର ଇଚ୍ଛା ମୁଁ ଯିବିନ...

ରଘୁ—ଆଉ କଣ ଗୀତ ଶୁଣିବଟି···

ବସନ୍ତ—ଗୋଲ, ଗୀତ ଖଣ୍ଡେ ବୋଲିବଟି···

(ସଙ୍ଗେ ସଙ୍ଗେ ଗୀତ ସହିତ ମର୍ଦ୍ଦଳ ବାଜିଲା)

ନାଆଁ ଗଲା କେତେ ମିଛ ମୂର୍ତ୍ତିଙ୍କର
ନାଛ ଦନ ନଠ କୁଠ···

କପିଳ—କରେ ମୋ ଗାଁ । ଅଖେଡ଼ା ଘରେ ଏ ଗୀତ କଣ

ବସନ୍ତ—ଏ ଗୀତ ପରା ତମର ବନ୍ଦନା···

କପିଳ—ଚୁପ କର । କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କର ନିମକହାରାମ...

ରଘୁ—ଆପଣ ସେମିତି କାହିଁକି ?

କପିଳ—ଗୋଲ, ବାମା, ସହଦେବ, ତମେ ସବୁ ଏଗୁଡ଼ାକଙ୍କ ସାଥିରେ ମାତିଛ ? ଖଣ୍ଡିଆ ହଡ଼ାଙ୍କ ସାଥିରେ...

ରଘୁ—କରେଇ ଚାଉଳେ ବିନା ଘିଅ ଓ ପାଣି କଣା ପଡ଼େ...

କପିଳ—କଣ କହିଲୁ···ଢିଅ ଓ ପାଣି । ଅରେ ଗୀଲ···ଅରେ ବାମା···
ଅରେ ସହଦେବ···ତମରମାନଙ୍କ ପାଇଁ ସିନା ମୁଁ ଲାଗିଛି । କେଉଁ ଦିନଠୁଁ ମୋର ହାକିମ ରଣପୁରକୁ ସାଧ କରି ସାରଲାଣି ।

ରଘୁ—ଆପଣ ଗଲେ ଏଠୁଁ...

କପିଳ—ଗୀଲ, ବାମା, ଶୁଣ, ଶୁଣରେ । ଏଗୁଡ଼ାକ-କିଆଁ ଗେଲାରେ ।

ବସନ୍ତ—ପାଜେ ! ଯିବ ନା ନାହିଁ । ଆଜି ପୂନିଅଁ ନୁହେଁ ଟି...ସପ୍ତମୀ ତିଥି···ଉତ୍ତମ ବ୍ୟବସ୍ଥା ହୋଇଯିବ ।

କପିଳ—କିରେ ବାମ···

ବାମ—କଣ କହୁଛ ସରବରାକାରେ···

କପିଳ—କିରେ ହିଂସା ମାଛରେ ତୁମେ ପଡ଼ି ଯାଉଛ । ଗାଁଟା ଉଚ୍ଛନ୍ନ ହୋଇ ଯିବରେ । ପିଲ୍ଲ କବାଲ କୁଆଡେ ଯିବେରେ । ଏହି ଗାଁରେ କେତେ ପୁରୁଷଥିଲେ, କେତେ ରଥୀଥିଲେ, ମହାରଥ ଥିଲେ, ଗଦା ସାହୁଥିଲା, ଲିଙ୍ଗା ମାଳି, ଦାମ ପଲଟା ସିଂହ-ଥିଲେ । କେହି ହେଲେ ରାଜାଙ୍କୁ ଭରସି କରି ଗୃହି ନ ଥିଲେ ! ତମେ ରାଜ ଭକ୍ତ ପ୍ରଜା ଗୁଡ଼ାକ କାହିଁକି ଏମିତି ହେଉଛ ?

ରଘୁ—ପାଜେ, ନିଭିଲା ଦୀପରେ ତେଲ ଦେଇ କେବେ କିଛି ଲାଭ ହୋଇଛି । (ହୁଁ) ରାଜ ଭକ୍ତି । ଆଜି ଗୋଟାଏ ଅଦମ ବଣ ପାହାଡ଼ର ବର୍ବର କଥା, କାହାକୁ ଭକ୍ତି କରିବ ? କାହାକୁ ଶ୍ରଦ୍ଧା କରିବ । ରାଜା କାହାନ୍ତି ?

କପିଳ—ଏହି କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କୁ । ତାଙ୍କ ଦେଓ୍ବାନ ଦାରୋଗାକୁ ।

ରଘୁ—ବୁଝିଲ, କମଳାକ୍ଷ ବାଲ । କୋଟି କୋଟି ପ୍ରଜାଙ୍କ ଲହୁଲୁହରେ ତୁନେ ସିମିଟି ବନ୍ଧା ହୋଇଥିବା ଏହି ଉଆସ ଘରର ରାଜା···ଛି ପାଜେ···

ବସନ୍ତ—ପାଜଙ୍କର ଟିକିଏ "ମୋଦକ ଭ୍ରମ" ହୋଇଛି ।

କପିଳ—ଅରେ, ତମ ପ୍ରଜାମଣ୍ଡଳିଆ ଦଳ ବୋଲି ଭାବୁଛକି ?

ରଘୁ—ତାହା ହେଲେତ ଭଲ ହୋଇ ଥାଆନ୍ତା...

କପିଳ—ଏଁ ...କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ଅନ୍ନ ପାଣିରେ... ଦେଓ୍ୟାନ ଦାରୋଗାଙ୍କ ଅନ୍ନ ପାଣିରେ...

ରଘୁ—ତାହା ନୁହେଁ, ନରେନ୍ଦ୍ର ମହାପାତ୍ରଙ୍କ ଘୋଡ଼ା କୋରଡ଼ାରେ ଦେଓ୍ୟାନ ଦାରୋଗାଙ୍କ ଚାବୁକରେ ..ଏଇ ଯେ ରଜା ଘର ହାତୀ ଶାଳ ଠିଆ ହୋଇଛି...

କପିଳ—ଚୁପ୍ କର ! ତମେ ଗୁଡ଼ାକ ଘୁଷୁରି, ପିମ୍ପୁଡ଼ି ।

ରଘୁ—ହଁ ସେହି ପିମ୍ପୁଡ଼ି ଦିନେ ତମର ଗୁଡ଼ଘର, ସରଘର, ଗନ୍ତାଘରେ ପଶି ସବୁ ମାଟି ଫଟେଇ ଦେବେ ।

ବସନ୍ତ—ଧ'ଡେ, ନାଲି ପିମ୍ପୁଡ଼ି ହେଲେ ଆହୁରି ଭୟ...ତମେ ଏଠୁଁ ଗଲ ।

କପିଳ—କାଟେର ଦାମା, ଗାନ୍ତୁ...ଏ ଆଖଡ଼ା ଘର ବନ୍ଦ କର ।

ଶୀଳ—ଚାବି ନେଇ ଯାଇଛି ଧନ ସାହୁ ।

କପିଳ—ସବୁ ପଡ଼ି ଥାଉ, ତମେ ଚାଲିଆସ । କାଟେର ଦାମା, ନାଟେର ଗାନ୍ତୁ କାଟେର ସହଦେବ...

ଗାନ୍ତୁ—ଏଠି ପସ ଗାଁ । କଥା ପଡ଼ିବ ।

ଯାଦେ—ଆଉ କାଲି ପଡ଼ିବ...ଏଗୁଡ଼ାକ ଯାଆନ୍ତୁ ।

ବସନ୍ତ—ଥରେ କହିଲି ଆଜି ସପ୍ତମୀ ତିଥି...

ଯାଦ—ଚୁପ୍ କର...ବେନୁଆ, ଏ ବେନୁଆ (ଡାକିବା) ଏଇଟା ବି ଆଜି କୁଆଡ଼େ ଗଲା । ଆଜି ଦେଉଛି ରିପୋର୍ଟ କରି...

ବସନ୍ତ—ତୁଚ୍ଛ ରିପୋର୍ଟର ଖଣ୍ଡେ ଛିଣ୍ଡା କାଗଜ, ତାଙ୍କ ଜୀବନଟା...

କପିଳ—ମୁଁ ଯାଏ । ଦାରୋଗା ବାବୁଙ୍କୁ ଖବର...ଦେଲେ...

ବସନ୍ତ—ଦାରୋଗା ବାବୁଙ୍କୁ କହିବ କିଛି ଖାଇବାକୁ ଆଣିଥିବେ...

କପିଳ—ରହରହ ତମର ଅଠା ତାମସା ସବୁ

ବସନ୍ତ—କେଣେ ହେବ । ଯେ ସିନା ଡରେ, ସେ ସିନା ମରେ

ରଘୁ—ଆମରତ ଜୀବନ ପାଣିଛଡ଼ା ହୋଇଛି...

କପିଳ—ମୁଁ ଦେଖୁଛି ।... ( ଏବେନୁଆ ବୋଲି ଡାକି ଡାକି ବାହାରକୁ ଯିବା )

ରଘୁ—ଗୀଳ, କଣ ଗୃନ୍ଦା କିଛି ପାଇଲ ?
ଦାମଂଟେଠା—ଆଜ୍ଞା ଆପଣ ନ ଥିଲେ ବଡ଼ ଅଧୈର୍ଯ୍ୟ ଲାଗୁଛି । ଏହି କପିଲ ପାନ୍ଦ ଆମକୁ ଧମକ ଦେଉଛି...
ରଘୁ—ତମର କାହାର କିଛି ହେବନି । ତମେ ସବୁ ବାହାରେ ଧରା ନ ପଡ଼ି ଭିତରେ ରହି କାମକର । ସମସ୍ତେ କଣ ଜେଲ ଯିବେକି ?
ସହଦେବ—ଠିକ କଥା । ଠିକ କଥା, ଅମେ ଅମ ଗାଁଠାକୁ ଠିକ୍ ରଖିବୁ । ସମସ୍ତଙ୍କୁ ଏକଜୁଟ କରି ଦେବୁ ।
ଦାମ—ସରକାରିକାର ମିମିଛ ହେଉଛି...
ଗୀଳ—ତତେ ଖାଇ ପକାଉଛି...
ବରିଡ଼—ସେ କଣ କରିବମ ସେତ ଜଣେ ସେଇ ଦଲାଲ ଶ୍ରେଣୀର । ହଁ କଣ ଆଖଡ଼ାରେ ଗୀତ ଗୃଲିଛି ନା କଣ ।
ଦାମା—ହଁ, ହଁ ଛନ୍ଦକୁ ପଦେ ବୋଲିବ ?
ରଘୁ—ଗୀତ ବୋଲିବ ଯେ···ପ୍ରଜାମଣ୍ଡଳର ସଭ୍ୟ ସଂଗ୍ରହ କାମ ଗୃଲିଛିତ ?
ଗୀଳ—ଅମେ ଏ ଯାଏ ଅଠବସ୍ତା ଗୃଉଳ, ତେର ଟଙ୍କା ଅଠଣା ଆଦାୟ କରି ରଖିଛୁ । ଗାଁରୁ ସମସ୍ତେ ମେମ୍ବର ହେଲେଣି । କହୁଛନ୍ତି ରଘୁବାବୁ ସଭା କରନ୍ତୁ ।
ରଘୁ—ହଉ, ଅମେ ପରେ ଅସିବୁ । ଏଇଲାଗେ, ପରା ଦେଓ୍ୟାନ ଦାରୋଗା ଅମ ପଛରେ ଲାଗି ଛନ୍ତି ।
ଗୀଳ—ବାବୁ ଟିକଏ ବିଶ୍ରାମ ନିଅମ···
ସହଦେବ—ଅରେ ଦେଖିମ, ବାହାରେ ସେ ପାନ୍ଦ କଣ କରୁଥିବ ! ନାଲି ପଗଡ଼ିଅଙ୍କୁ ଡ଼ାକି ଅଣିବଟି···
ଦାମା—(ଛୋଟେଇ ଛୋଟେଇ ଯିବା···ଦେଖି ଅସିବା)
ରଘୁ—ଏହି ନିଅ କାଗଜ ପତ୍ର । ସବୁ ସାବଧାନରେ ରଖ । (ସଭ୍ୟ ସଂଗ୍ରହ ଖାତା)
ସହଦେବ—(ସବୁ କାଗଜପତ୍ର ରଖିବା)
(ରଘୁ ଏବଂ ବରିଡ଼ ପ୍ରଭୃତି ଗୃଲି ଯାଉଥିଲେ କାଲୁ ଗୀଳ ଡାକିଲା)

ମାଳ—ଭାଇ ଟିକିଏ ବସିଯାମ୍...ମିବତ ଧାଇଁ ଧାଇଁ ଆସିଛି···
(ଏହା କହି ମାଳ ଛାନ୍ଦକୁ ପଦେ ବୋଲିଲା ବାଦ୍ୟଯନ୍ତ୍ର ସାହାଯ୍ୟରେ)

ମାକୁ—"କୃଷ୍ଣଙ୍କୁ ବେଶ କର ସୁଦାମା ମାଳୀ
ଶିରେ ଖଞ୍ଜିଲା ନେଇ କେତକୀ କଳା ଯେ"...
ଗୀତ ସରିଲା ।

ରଘୁ—ମାକୁ ଜାଣିଛୁ । ଏ ଛାନ୍ଦ କାହାର ରଚନା ।
ମାକୁ—ଉପେନ୍ଦ୍ର ଭଞ୍ଜ ।
ରଘୁ—ହାତ୍ ଏହିପରି ଆମ ରଣପୁରର ଜଣେ କବି ଲେଖିଛନ୍ତି...
ମାଳ—ଆମ ରଣପୁରର ? କିଏ ଅଜ୍ଞା—ଆମେ ମୂର୍ଖ କଣ ଜାଣିବୁ ।
ରଘୁ—ଅରେ ହଁ ରଣପୁରର କବି ଭକ୍ତଚରଣ ଦାସ—ଅରେ ଏଇ ସୁନାଖଲାରେ ଯେଉଁ ଭକ୍ତଚରଣ ମଠ ନାହିଁ । ସେଇ ପରି ତାଙ୍କର ମଠ । ସେ ପରି ସେଇଠି ଥିଲେ । ତୁ ଏବେ ଯା କାଣିନୁ ।

(ଏହି ସମୟରେ ଜଣେ ଗ୍ରାମବାସୀ ଆସି ରଘୁ ଏବଂ ବରିହକୁ ଦଣ୍ଡବତ ହେଲା ଏବଂ କହିଲା)

ଗ୍ରାମବାସୀ—କିରେ କପିଲା କାହିଁକି ଜଣକୁ ଗଡ଼କୁ ପଠାଇଲା ?
କମଳା—ଏଇ ଗୁଲନ୍ତୁ । କପିଲ ପାଏ ଗଡ଼କୁ ପୋଲିସକୁ ଖବର ଦେବାଲାଗି ବୋଧ ହୁଏ... (ଠିକ ସମସ୍ତେ ବାହାରି ବେଲକୁ ପୁଣି କପିଲ ପାଏ କହୁ କହୁ ଆସୁଛନ୍ତି)
କପିଲ—କିରେ ମାକୁ ! ଏ ଗାଁରେ ବୋମ୍ବା ପଡ଼ିବ କରେ ? ସିପେହି ସୁବା ମହା ମନ୍ଥନ କରି ଦେବେରେ...

(ରଘୁ ଆଉ କମଳା ହସିହସି ବାହାରକୁ ଗୁଲିମିବା ବେଳେ)

ବରିହ—ଏହିତ ପାଏ ଆସିଲେଣି ।
କପିଲ—ପୁଣି ତମେ ବସିଛ ?
ବରିହ—ପାଏ···ତମ ରକ୍ଷମାକୁ ସମସ୍ତେ ଅସୁନ୍ଦର ।

(ଏତିକି ବେଳେ ସମସ୍ତେ ବାହାରକୁ ମିବା—ବରିହ ଭୁଲି କରି ବାହାରକୁ ଯାଇ ପାଏକୁ ଦୁଆର ବନ୍ଦ କରିଦେବା—ପାଏ ଭିତରେ ରହି)

ପାଣ୍ଡେ—ହଇରେ ଶାଳ, ଦାମ, ଏନାଅଁ ଗିଲା ଗୁଡ଼ାଙ୍କୁ ଧରବଟି...
ହଇରେ କରେନ୍ଦ୍ର, ମହାପାତ୍ରଙ୍କ ରାଜ୍ୟରେ—ହରେ ପୁଅ ରସଟିକ ନାଗିବଯେ ।

(ବାହାରୁ ହସ ଶୁଭିଲା)

---

# ୪ର୍ଥ ଅଙ୍କ

## ପ୍ରଥମ ଦୃଶ୍ୟ

(ରଣପୁର ଜେଲଖାନାର ଦୃଶ୍ୟ, ସିନ ଉଠିଲାବେଳକୁ ଧାଡ଼ି ହୋଇ ଜେଲ ଘର ଭିତରେ ବନ୍ଦୀ ହୋଇ ଠିଆ ହୋଇଛନ୍ତି ଧନମାଳୀ ରାମ, ଦବାକର ପରିଡ଼ା, ପଦନ ଦାସ, ବଂଶୀ ପଣ୍ଡା, ବସନ୍ତ ପ୍ରଭୃତି... **By turn** ସିପାହୀ କୁର୍ବାନ ଖାଁ ସେମାନଙ୍କୁ ପିଟୁଛି । ଦାରୋଗା ବାବୁ ଚୌକିରେ ଜେଲ ବାହାରେ ସମାସୀନ । ସିନ ଉଠିଲା । )

ଦାରୋଗା—(ଇଙ୍ଗିତ ଦେଲେ) ଏକ ଏକ ଆମିଦ ଇହା ସେ ଲାଓ...

କୁର୍ବାନ—ବୃଦ୍ଧ ଧନମାଳୀ ରାମକୁ ବାହାରେ ଠିଆ କରାଇବା—

ଦାରୋଗା—(ଠାରଦେଲେ କୁର୍ବାନ୍ ଚାବୁକ ଚଳାଇଲା ! ...)

ଦାରୋଗା—ଆପଣ 'ଦାବ ପତ୍ର' ଉଠାଇ ନିଅନ୍ତୁ । ଆଉ ଏହିପରି ହିଂସାତ୍ମକ ଷଡଯନ୍ତ୍ରରୁ ନିବୃତ୍ତ ହୁଅନ୍ତୁ ।

ଧନମାଳୀରାମ—ଦାବୀପତ୍ର ପ୍ରଜାମାନଙ୍କର । ଅଉ ହିଂସା କଂଗ୍ରେସର ଧାନ୍ଦା ନୁହେଁ । ଅହିଂସା ଆମର ଲକ୍ଷ୍ୟ (ପୁଣି ଚାବୁକ ପରେ ଚାବୁକ)

ଦାରୋଗା—ଆପଣମାନେ ସଭା ସମିତି କରୁଛନ୍ତି । ୧୪୪ ଧାରା ଅମାନ୍ୟ କରୁଛନ୍ତି ।

ଧନମାଳୀରାମ—ଆଇନ ଅମାନ୍ୟ କରୁନାହୁଁ । ଅମର ଦାବ ଆମେ ଘୋଷଣା କରୁଛୁ ।

(ଏହାପରେ କଧ୍ୱ ସେନାପତିଙ୍କୁ ଅଣି ଦାରୋଗା ସେମିତି ପିଟାଇଲେ)

ଦାରୋଗା—କିଏ ସେନାପତି ! ତମେ ମାତୁଆ ଲୋକଙ୍କୁ ଷଡ଼ଯନ୍ତ୍ରପାଇଁ ମଡାଉଛ ?

ସେନାପତି—ଷଡ଼ଯନ୍ତ୍ର ନୁହେଁ, ଆମର ସଂଗଠନ କାମ ଚାଲିଛି । କଂଗ୍ରେସର ନିର୍ଦ୍ଦେଶ..............(ପୁଣି ଗୁରୁକ) ଦିବାକରଙ୍କୁ ଆଣିଲେ—

ଦାରୋଗା—ତୁ ସବୁଠୁଁ ବେଶୀ ରାଜ୍ୟରେ ଅରାଜକତା ପାଇଁ ପ୍ରଚାର ଚଳେଇଛୁ । Dam fool

ଦିବାକର—Shut up Inspector

ଦାରୋଗା—(ଉତ୍ତ୍ୟକ୍ତ ହୋଇ ଉଠି ଆସିଲେ ବୁଟ୍‌ରେ ଦିବାକରଙ୍କୁ ମାଡଦେଲେ । ସେ ତଳେ ପଡିଗଲେ । ପୁଣି ବୁଟ୍‌ରେ ଛାତିରେ ମାଡ...) ଶାଳା—ହାରାମଜାଦା, Dam fool

(ଏହି ସମୟରେ ହଠାତ୍ ପୋଲିସ ସବ୍‌ଇନ୍‌ସ୍‌ପେକ୍‌ଟର ଏକ କନେଷ୍ଟବଲ ସହ ରଘୁନାଥଙ୍କୁ ଜଂଜୀରରେ ବାନ୍ଧି ଭିଡ଼ି ଭିଡ଼ି ଆଣିଲେ ବାହାରୁ—ପଛେ ପଛେ କପିଳ ପାତ୍ର)

କପିଳ ପାତ୍ର—ନନସେନ—ଶଳା, କାଲିକା ବଛା—ଗାଁଠାକୁ ମୋର ଭାଙ୍ଗିଦେଲାଣି—(S.I. ଯଥାବିଧି ସମ୍ମାନଦେଲେ ଦାରୋଗାଙ୍କୁ)

ଦାରୋଗା—ଏ ଅସାମୀ କେଉଁଠି ଧରା ହେଲା ।

S.I.—ଆଜ୍ଞା, ନାଖପଡା ବାଡ଼ିପଟେ ଚାଲି ଯାଉଥିଲା ।

ଦାରୋଗା—(ଠାରିଦେଲେ, ଜୁବାନ କନେଷ୍ଟବଲ ମିଶି ପ୍ରହାର କଲେ)

ଦିବାକର—(ଅଦୂରରୁ) ସୟତାନ ..(ପାଟିକଲା)...

ଦାରୋଗା—(କଡ଼ ମଡ ଆଖିରେ ତା ଆଡକୁ ଚାହିଁଲେ ..ନିଜେ କୋରଡା ଧରି ଆରମ୍ଭ କଲେ ପ୍ରହାର—) ରାଜା ବିରୁଦ୍ଧରେ ଷଡ଼ଯନ୍ତ୍ର ଅପରାଧ—ବୁଝିଲୁ ରଘୁ ଡାକାଏତ...

ରଘୁନାଥ—(ଲହୁ ଝରି ପଡୁଥାଏ—ନୀରବ)

ଦାରୋଗା—ଜୁବାନ ଖାଁ—ଶକ୍ତ ପ୍ରହାର—Break their heads ରାଜ୍ୟର ରାଜାଙ୍କ ବିରୁଦ୍ଧରେ ଷଡଯନ୍ତ୍ର—ସଭା ସମିତିରେ ପ୍ରଚାର ଦାବିପତ୍ର—ନାମରେ ହିଂସାର ଧମକ । ଚୋରି, ଡକାୟତି, ପ୍ରବଞ୍ଚନା—ସବୁକିଛି ଦୋଷରେ ଅଭିଯୁକ୍ତ । ସୟତାନ

ରଘୁ—ମାରବ ।

ଦାରୋଗା—ତୁମମାନଙ୍କୁ ଆଜ କହିବାକୁ ପଡ଼ିବ । ଏ ସବୁ ଆନ୍ଦୋଳନର ମୂଳରେ କିଏ ? କୁର୍ବାନ ଖାଁ, କ୍ଲାନ୍ତହେଲେ, ଅନ୍ୟ ସର୍ଦ୍ଦାରକୁ ଡକାଅ—(କୁର୍ବାନ ଖାଁ, ଦ୍ୱିଗୁଣ ବଳରେ ପ୍ରହାର କରିବା)

ଦାରୋଗା—କିଛି କହିବାର ଅଛି – ବଦମାସ, ଡକାୟତ...

ରଘୁ—ଆନ୍ଦୋଳନକାରୀର କିଛି କହିବାର ନ ଥାଏ ।

ଦାରୋଗା—ପୁଣି ସେହି Temper, ତୋର ଦାନ୍ତ ଭାଙ୍ଗିବାକୁପଡ଼ିବ ।

ରଘୁ—ତଥାପି ବଞ୍ଚ ରହିବ ।

ଦାରୋଗା—ତୁ ଅପରାଧୀ – ୧୫ ଟା ଦଫାରେ ତୁ ଅଭିଯୁକ୍ତ ।

ରଘୁ—ଆହୁରି ଅଧିକା ଦଫା ହୋଇଥିବ ।

ଦାରୋଗା—କୁର୍ବାନ ଖାଁ –

କୁର୍ବାନ—ହଜୁର—

ଦାରୋଗା—S.I.

S.I.—ହଜୁର

ଦାରୋଗା—ବନ୍ଧୁଅତ ପଣ ମଗାଅ—ଜଲଦ –

S.I.—ହଜୁର

(ଏହି ସମୟରେ ବାହାରେ ମଟର ହର୍ଣ୍ଣ ଶୁଣାଗଲା । ଟିକିଏ ସମୟ ପରେ ଦେଓ୍ୱାନ ଆସି ପହଞ୍ଚିଲେ । ଦାରୋଗା ଆସନ ଦେଲେ )

ଦେଓ୍ୱାନ—ଏମାନଙ୍କର ଶକ୍ତ ବଟ୍ରର କେ...(ରଘୁକୁ ଗୁହିଁ) ଏଟା କିଏ ସେ ?

ଦାରୋଗା—ଗ୍ରେର ରଘୁ ମହାନ୍ତି ।

ଦେଓ୍ୱାନ—ଏମାନେ (ଅନ୍ୟମାନଙ୍କ ପ୍ରତି)

ଦାରୋଗା—ଏଇଟା ଗ୍ରେର ଧନମାଳୀ ରାମ, ଏଇଟା ସେନାପତି – ଏଇଟା ଦିବାକର...

ଦେଓ୍ୱାନ—ଏହି ଶଳା ଦିବାକର ।

ଦାରୋଗା—ହଜୁର

ଦେଓ୍ୱାନ—ଶଳେ ଯାଇ ଲଗାଇଛନ୍ତି । କିଏ ଅଛରେ ଲଗାଅ ବନ୍ଧୁଅଛ ।
(କନେଷ୍ଟବଲ ବନ୍ଧୁଅଛ ଆଣିବା)

ଦାରୋଗା—(ଠାରଦେଲେ—ସମସ୍ତଙ୍କୁ ବନ୍ଧୁଅଛ ମାତ୍ର)

କପିଲପାଣ୍ଡେ—ପୁଅ ପାଅ (ରଘୁପ୍ରତି)

ଦେଓ୍ୱାନ—ସେ ଶଳା ସିନ୍ଧୁ ମିଶ୍ର କାହିଁ ?

ଦାରୋଗା—Absconding

S.I.—ନୟାଗଡ଼ କ ଠାଙ୍ଗିରେ ଅଛି ।

ଦେଓ୍ୱାନ—(ଧମକ) ଗୃହବନ ଭିତରେ ତାକୁ ଏହି ଜେଲରେ କଣ୍ଟା ଘଷିବାକୁ ପଡ଼ିବ ।

S. I.—ହଜୁର—

ଦାରୋଗା—ହଜୁର—

ଦେଓ୍ୱାନ—ଏ ଶଳା ରଘୁ ମହାନ୍ତି । ଡକାୟତ ଶଳା । ଏଇଠିକି ଆସ (ଠାରଦେବା) ହଇରେ ଶଳା—ରାଜାଙ୍କ ବିରୁଦ୍ଧରେ ମଧ—କାହିଁକି ଏ ଷଡ଼ଯନ୍ତ୍ର ।

ରଘୁ—ଖାଲି ରାଜା ନୁହନ୍ତି, ଆପଣଙ୍କ ବିରୁଦ୍ଧରେ—କିନ୍ତୁ ଏ ଷଡ଼ଯନ୍ତ୍ର ନୁହେଁ ।

ଦେଓ୍ୱାନ—ଡ଼କାତ ମେହେନ୍ଦ୍ରରକୁ—ଏ ଶଳା ମୁହଁରେ ମୁତୁ—

ଦାରୋଗା—କନେଷ୍ଟବଲ (ଠାରଦେବା, ମେହେନ୍ତର ଡାକିବାପାଇଁ ଜଣେ ଯିବା )

ଦେଓ୍ୱାନ—ବନ୍ଧୁକ ଲଓତ...

ଦାରୋଗା—କୁର୍ବାନ ଖାଁ, ଯୁ ଛାତରେ ବନ୍ଧୁକ point କର ।
(କୁର୍ବାନ ତଦ୍ରୂପ କରିବା) (ଏହି ସମୟରେ ମେହେନ୍ତର ଜଣେ କନେଷ୍ଟବଲ ସହ ଆସିବା)

ଦାରୋଗା—ଏ ସମସ୍ତଙ୍କ ମୁହଁରେ ମୂତ—

ଦାରୋଗା—(ବନ୍ଧୁକ point କରି) କହ ଅଜଠାରୁ ଏ ସବୁ ଗଣ୍ଡଗୋଳ ଆଉ ହେବନାହିଁ । କହ Rascal.

ଦେଓ୍ୱାନ—Scoundral

କପିଳ ପାତ୍ର—ଏ, ପୁଅ ରସଡିକି ନାଚିଲା । କୃଷ୍ଣଚନ୍ଦ୍ର, ନରେନ୍ଦ୍ର, ମହାପାତ୍ରଙ୍କ ରାଜ୍ୟରେ, ଫଗୁ ମହାନ୍ତିଙ୍କ ଅମଳରେ···

ଦାରୋଗା—ବନ୍ଧୁକ ଧର—One, two. କନ୍ଧ, କନ୍ଧ,···କନ୍ଧ

ରଘୁ—ମାରବ—

ଦେଓ୍ୱାନ—Shoot him down.

ରଘୁ—ମାରବ ।

ଦାରୋଗା—କନ୍ଧ, କନ୍ଧ,—one, two, three ( ଏ ସମୟରେ ବ୍ଲାଙ୍କ ଫାୟାର ହେବା)

ଦେଓ୍ୱାନ—ଏ ସମସ୍ତଙ୍କ ବଗୁର ଏମିତ ହେବନି । କାଲି ପୁଣି ମଣିନାଗ ତଳେ ଏମାନଙ୍କର ବଗୁର ହେବ । ଏ ରଘୁ ମହାନ୍ତି (ରଘୁକୁ ଲକ୍ଷ କରି) କଣ କହୁଛୁ କହ ?

ରଘୁ—ମୁଁ କହୁଛି ପ୍ରଜାମଣ୍ଡଳର ଦାବୀ ସ୍ୱାୟତ୍ତ ଶାସନ, ଫିରିଙ୍ଗି ଶାସନ ଲୋପ । ଆପଣଙ୍କ ପରି ଅତ୍ୟାଚାରୀମାନଙ୍କର...

ଦାରୋଗା—(ଉତ୍ତ୍ୟକ୍ତ ହୋଇ) ଜୋତାରେ ଗାଲକୁ ମାରିବା ।

ଦେଓ୍ୱାନ—ରାଜଦ୍ରୋହୀ, ମେଲି ବିପ୍ଳବୀ, ବଦମାସ, ଗୁଣ୍ଡା !

ରଘୁ—ତଥାପି ମୋର ଗୌରବ । ଏହି ମାଟି ପାଇଁ ମୋର ରକ୍ତ ଝରିପାରେ··· .

ଦେଓ୍ୱାନ—ବେଶ୍‌ ଭଲ, Bastard ତୋତେ କବର ଦେବା ପୂର୍ବରୁ ତୋଠାରୁ ଆଦାୟ କରିବାକୁ ହେବ, ପ୍ରଜାମଣ୍ଡଳର ଅଭିସନ୍ଧି···

ରଘୁ—ଦେଓ୍ୱାନ ବାବୁ, ସବୁ ଯୁଗରେ ଏଇଆ ହୁଏ । ମଣିଷ ମଣିଷ ମଧ୍ୟରେ ଦଳେ ଦଲାଲ···

ଦେଓ୍ୱାନ—ଦଲାଲ !

ରଘୁ—ହଁ ଦଲାଲ, ଆପଣ ଇଂରେଜ ସରକାରର ଗୋଲାମ

ଦେଓ୍ୱାନ—ଦାରୋଗା (ଚଢ଼ା ଗଳାରେ)

ଦାରୋଗା—(ଆଖି ଦେବା)

କନେଷ୍ଟବଲ—(ରଘୁ ମୁହଁକୁ ଛେପ ପକାଇବା)

ରଘୁ—(ଉଚ୍ଚ ସ୍ୱରରେ) ଭାଇ ତମର ଏତିକି ଦୟା ଥାଉ । ଯେଉଁମାନେ ଦେଶରେ ପ୍ରତି ମୁହୂର୍ତ୍ତରେ ଗୁଳି ଗୋଳା ମୁହଁରେ ଲକ୍ଷ ଲକ୍ଷ ପ୍ରଜାପାଇଁ ବିପ୍ଳବ କରୁଛନ୍ତି ସେହି ମରୁଭୂମିର ଯାତ୍ରୀ ପାଇଁ ତୁମର ଏହି ଛୋଟ ବୁନ୍ଦାଟା ମରୁଝର ହେଉ । ଭାଇ—ବନ୍ଦେ ପୁରସ୍କାର...

ଦେୱାନ—ଦାରୋଗା, ଏମାନଙ୍କୁ ସାରା ରାତି ଧୂଆଁରେ ରଖିବ ।

କପିଳ ପାତ୍ର—ହଜୁର, ଧୂଆଁ ଅପେକ୍ଷା ଆମ୍ବ ଗଛ କାଇ ଭଲ ହେବ ।

ରଘୁ—(ବଡ଼ ହସଟାଏ ହସି) କୃଷ୍ଣଚନ୍ଦ୍ର, ନରେନ୍ଦ୍ର, ମହାପାତ୍ରଙ୍କ ରାଜ୍ୟରେ...

ଦିବାକର—(ହସି) କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ···

ନାଥ—(ହା ହା ହସି) ମହାପାତ୍ରଙ୍କ ରାଜ୍ୟରେ

ବରାଡ—ନାଇଁ ନାଇଁ କପିଳ ପାତ୍ର ରାଜ୍ୟରେ...

ଦେୱାନ—ଦାରୋଗା, ଏମାନେ ଦେଶଦ୍ରୋହୀ । ଏମାନେ ରାଜଦ୍ରୋହୀ, ଏମାନେ କଂଗ୍ରେସ ବାଘ । ଦେଶଦ୍ରୋହୀ ବେଆଇନ କଂଗ୍ରେସ ଅନୁଷ୍ଠାନର ଏମାନେ ଛାରପୋକ, କୀଟ । ବଦମାସ୍ କଂଗ୍ରେସ, ନିର୍ଲଜ୍ଜ କଂଗ୍ରେସ..

ରଘୁ—Shut...ଦେୱାନ ।

କପିଳ ପାତ୍ର—Shut up ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ···

ଦାରୋଗା—(ଅଖିଠାର ଦେବା, ଗୋଟିଏ କନେଷ୍ଟବଲ, ରଘୁର ତୋଟି ଚିପି ଧରିବା)

ଦେୱାନ—ଦିଅ ଶଳାକୁ ସୁଟ୍ କରି ଦିଅ ।

ରଘୁ—ତଥାପି ଚିପାଗଲାର ଚିତ୍କାର ବଜ୍ରଠାରୁ, ଭୀଷଣ—ପାହାଡ଼ଠାରୁ କଠିନ ।

କପିଳ ପାତ୍ର—ଦେୱାନଙ୍କ ସାମନାରେ, ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ······

ରଘୁ—ଚୁପ୍ କର ସତ୍ୟଦ୍ରୋହୀ......

ଦେୱାନ—ଦାରୋଗା—ସିନ୍ଧୁ ମିଶ୍ର ନାମରେ ୱାରେଣ୍ଟ···

ଦାରୋଗା — ଜାରି ହୋଇଛି ହଜୁର ।

ଦେଓ୍ୱାନ — ଏମାନଙ୍କୁ ଦିନରାତି ୨୪ ଘଣ୍ଟା ସଶସ୍ତ୍ର ପୋଲିସ ପ୍ରହରୀରେ ବନ୍ଦୀ......

ଦାରୋଗା — ହଜୁର ।

କପିଳପାତ୍ର — ହଜୁର ଏ ଖାଲି କୁହନ୍ତି ଏତିକି । ଏହାଙ୍କ ନାଙ୍ଗୁଡ଼ି ଅଛନ୍ତି । ମାଳି, ଛୋଟ ଦାମ, ସହଦେବ, ଆମ ଗାଁର ଆଉ ଗୋଟିଏ ଟୋକା ଅଛି.........

ରଘୁ — ଖବରଦାର......

କପିଳ — (ହସି) ନଟରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ, କିଛି ପଟିବନି । ତୋ ରକ୍ତ ଲୁହା ଜଞ୍ଜିର ପିଇବ ।

ରଘୁ — ରଘୁ ମହାନ୍ତି ହସି ହସି ଲୁହା ଜଞ୍ଜିରକୁ ବରଣ କରିଛି । ଲୁହା ଜଞ୍ଜିର ଯଦି ଆମ ଶୃଙ୍ଖଳିତ ଦେହର ଶେଷ ରକ୍ତ କଣା ପିଇନିଏ, ଆମର ଆପତ୍ତି ନାହିଁ । ଦୁଃଖ ନାହିଁ । ଆଉ ତୁମର ରକ୍ତମାଂସକୁ ଯେତେବେଳେ ଶାଗୁଣା ବେଢି ଖାଉଥିବେ, ପରାଧୀନତାର ମହାଶ୍ମଶାନରେ......!

କପିଳ ପାତ୍ର — ଆରେ ରସିକିଆ ନାଗିବ...

ଦେଓ୍ୱାନ — ରଘୁ ମହାନ୍ତି କହିବାକୁ ପଡ଼ିବ ତୋତେ.....ମୁଁ ତଥାପି ଦୁଇଦିନ ସମୟ ଦେଉଛି । ଦାବି ପତ୍ର ପ୍ରତ୍ୟାହାର କରିବ, ରାଜ୍ୟରେ ଷଡଯନ୍ତ୍ର କରିବ ନାହିଁ ।

ରଘୁ — ରଘୁ ମହାନ୍ତିର ଜାତକରେ ତାହା ନାହିଁ ।

ଦେଓ୍ୟାନ — ଦାରୋଗା!, ଏହାଙ୍କ ଦେହରେ ପୋକ, ଜୋକ, ବିଛା ଛାଡ଼ିବାକୁ ହେବ ।

ଦାରୋଗା — ହଜୁର

ଦେଓ୍ୟାନ — ବରଫଉପରେ ଶୋଇବାକୁ ପଡ଼ିବ ।

ଦାରୋଗା — ହଜୁର

ଦେଓ୍ୟାନ — ପ୍ରତି ଘଣ୍ଟାରେ ଘଣ୍ଟାରେ ସମସ୍ତଙ୍କୁ ଚାବୁକ ପ୍ରହାର କରିବାକୁ ପଡ଼ିବ ।

ଦାରୋଗା—(ହାତ ଠାରଦେଲେ, ଲୁଚାନ ଖାଁ ପ୍ରହାର ଆରମ୍ଭ କଲେ, ମେହେନ୍ତର ସମସ୍ତଙ୍କ ମୁହଁକୁ ଛେପ ପକାଇଲା)

ଦେୱାନ—S.I. ତମ ବୁଟର ବଳ ପରୀକ୍ଷା କରୁନାଅ।

କପିଳ ପାତ୍ର—ହଁ...ହଁ...ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ (ଏହିକ୍ଷଣ ବେଳେ ବାହାରେ ଶୁଣାଗଲା ଇନ୍‌କଲାବ୍ ଜିନ୍ଦାବାଦ୍ ରାଜପଥ ମୁଖରିତ)

ଦେୱାନ—ଏ କଣ—ଶୋଭାଯାତ୍ରା.....ଚାଲ ଫାସୁଁରଙ୍ଗି କର

ସିନ ପଡ଼ିଲା

———

## ୪ର୍ଥ ଅଙ୍କ

### —ଦ୍ୱିତୀୟ ଦୃଶ୍ୟ—

(ରାଜାଙ୍କ ବୈଠକଖାନା—ମଦ ଖାଇ ରାଜା ମାତାଲ, ନାକେ କରତୀ ମଧ୍ୟ ମାତାଲ.....ଦେୱାନ ମଧ୍ୟ ମାତାଲ ହୋଇ ପଡ଼ିଛନ୍ତି। କରତୀ ବୁଢ଼ି ରାଜାଙ୍କ ଶିରୋଦେଶରେ ହାତ ଦେଇ ଠିଆ ହୋଇଛନ୍ତି। ସଙ୍ଗୀତ ପିଲା ଦୁଇଟି ଗାଉଛନ୍ତି—ହାରମୋନିୟମ, ତାବଲା ବାଜୁଛି—ରାଜାଙ୍କୁ ସେଠୁ କରତୀ ଓ ଆଉ ଏକ ପୋଇଲା ସୀତା ଧରି ଭିତରକୁ ନେଇଗଲେ...... ଆସି ପହଞ୍ଚିଲେ କପିଳ ପାତ୍ର—ଦେୱାନ ମାତାଲ ହୋଇ ପଡ଼ିଛନ୍ତି।

ଦେୱାନ—ଅଚ୍ଛାସେ, ଅଚ୍ଛାସେ ସଙ୍ଗୀତ, ଆହୁରି ହେଉ—ଖଣ୍ଡେ ନାଚ, ଖଣ୍ଡେ ନାଚ ହେଉ—

କପିଳ—କୃଷ୍ଣଚନ୍ଦ୍ର, ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ··

(ସଙ୍ଗୀତ ଚାଲିଥାଏ)

(ଏହି ସମୟରେ ହଠାତ୍ ଆସି ପହଞ୍ଚିଲେ ରେଞ୍ଜର, ପୋଷ୍ଟମାଷ୍ଟର)

ପୋଷ୍ଟ ମାଷ୍ଟର — କ'ଣ କିଛି ନୂଆ ସଙ୍ଗୀତ ?
ଦେଓ୍ୱାନ — ଅରେ ମୋ ପୁଅରେ ମାମୁଁ ..ଚାଲୁ ସଙ୍ଗୀତ ଚାଲୁ ।
କପିଳ — ଏକ ସଙ୍ଗୀତ — କୃଷ୍ଣଚନ୍ଦ୍ର, ନରେନ୍ଦ୍ର, ମହାଧାବଙ୍କ ରାଜ୍ୟରେ···
(ବାହାରେ ଶୁଣାଗଲା ଇନ୍‌କିଲାବ ଜିନ୍ଦାବାଦ...)

---

## ୪ର୍ଥ ଅଙ୍କ

### ତୃତୀୟ ଦୃଶ୍ୟ

(ପ୍ରଜାମଣ୍ଡଳ ଅଫିସହତା — ପତାକା ତଳେ ରଘୁନାଥ ଦିବାକର ଠିଆ — ସିଂଧୁ ମିଶ୍ର ନିଧି ସେନାପତି, ପଦନ ଦାସ ପ୍ରଭୃତି ଛଦ୍ମବେଶରେ କପିଳ ନାହାକ ·ଅଛି ଗୋଟିଏ ଭିକାରୀ, ରଘୁ ବକ୍ତୃତା ଦେଉଛି କେତେକ ଲୋକଙ୍କୁ । ଅର୍ଜୁନ ରାଉତ ବସି କଟୁରୀ ଘଷୁଛି ପଥରରେ । କମଳା ଗୋଟିଏ ଗୀତ ବୋଲିଲା ବେଳକୁ ସିନ୍ ଉଠିଲା)

ରଘୁ — ଭାଇମାନେ, ବହୁତ ଅତ୍ୟାଚାର ହେଲା । ବହୁତ କ୍ରନ୍ଦନ, ଅନ୍ତର ହେବ ।

ଅର୍ଜୁନ — ଅତ୍ୟାଚାର ହେଲେ (କଟୁରୀ ଦେଖାଇ) ଆମର ଚାଲିବ ।

ରଘୁ — ଛି ଅର୍ଜୁନ — ହିଂସାର ରକ୍ତରେ ତମେ ଅତ୍ୟାଚାରୀକୁ ଜିଣିବା ଆଶା ବୃଥା — ରକ୍ତରେ କେବେ ହୃଦୟ ଜୟ ହୁଏ ନାହିଁ ।

ଅର୍ଜୁନ — ହଁ ଭାଇ, ଏଇଥିରେ ସବୁ ସାବାଡ଼ (ପୁଣି କଟୁରୀ ଦେଖାଇ)

ସିଂଧୁ — ହିଂସାର ସ୍ଥାନ କଂଗ୍ରେସରେ, ପ୍ରଜାମଣ୍ଡଳରେ ନାହିଁ ।

ଅର୍ଜୁନ — ଆସୁ ଯେତେ ସାହେବ, ଆସୁ ରାଜା, ଆସୁ ଦିଆନ, ଏଇ କଟୁରୀ ସବୁ ସାବଧାନ କରିଦେବ ।

ସିଂଧୁ ମିଶ୍ର — ତମକୁ ବାର ବାର କହୁଛି, ଧୀର ସ୍ଥିର ହୁଅ, ହିଂସାର ନା, ଧରନା —

ରଘୁ — ବୁଝିଲ ରାଉତ, ଫୁଲଟାକୁ କଉପରେ କାଟିବା ଦରକାର ନାହିଁ ବଣରେ ଯେଉଁ ଫୁଲ ଫୁଟି ଯାଏ, ଆପେ ଆପେ ଝଡ଼ି ପଡ଼େ ।

ଅର୍ଜ୍ଜୁନ—କଣ୍ଠରୁ ଖାଲି କଣ୍ଠସ୍ୱର ଲୋଡ଼ା—

ରଘୁ—କାହିଁକି ?

ପଦ୍ମଦାସେ—ହଁ କଣ୍ଠସ୍ୱର ଲୋଡ଼ା, କଣ୍ଠସ୍ୱରରେ, ଠେଙ୍ଗାରେ ଗୁଳିଗୋଳା ବାରୁଦର ଶାସନକୁ ଭାଙ୍ଗି ଦେବାକୁ ପଡ଼ିବ ।

ରଘୁ—ତମେ ପଦ୍ମନ ମଧ୍ୟ ଅବୁଝା—ଆଠ ଦିନ ତଳେ ଜେଲରେ ଅସହାୟ ଅବସ୍ଥାରେ ଆମକୁ ଯେଉଁ ମାଡ଼, ଯେଉଁ ପଶୁ ରାକ୍ଷସ ବଳ ଆମରି ଉପରେ ଛାଡ଼ି ଦିଆଗଲା ସେହି ଜାନ୍ତବ ହିଂସାକୁ କଣ ତୁମେ ହିଂସାରେ ପାରିବ ଅର୍ଜ୍ଜୁନ ?

ଅର୍ଜ୍ଜୁନ—ରକ୍ତ ବୁହେଁ ରକ୍ତ—ପାଇକଙ୍କୋକାର ରକ୍ତ ।

ରଘୁ—ତଥାପି ବିନା ରକ୍ତରେ ଆମର ଏହି ଆନ୍ଦୋଳନ ।

ରାଉତ—ରକ୍ତ ଖାଲି, ରକ୍ତ ଭାଇ, ଖାଲି ରକ୍ତ

ରଘୁ—ଶୁଣ ରାଉତ ! ଏକ ଦିଗରେ ଅତ୍ୟାଚାରୀର ନୈଷ୍ଠ ସ୍ୱରୂପ, ଅନ୍ୟ ଦିଗରେ ଆମ ଅନ୍ତରର ବଳ, ହୃଦୟର ଅସୀମ ସାହସ ।

ଦିବାକର—ଏକ ଦିଗରେ ନିଆଁ, ଅନ୍ୟ ଦିଗରେ ଆମର ସେବା

ରଘୁ—ଯାହା କହୁଛନ୍ତି ଦିବାକର ବାବୁ—ଶୁଣ ରାଉତ ସବୁ ସତ । ଆମକୁ ଏପରି ସଂଯତ ଶୃଙ୍ଖଳିତ ମାର୍ଗରେ ନିବାକୁ ପଡ଼ିବ, ମହାତ୍ମା ଗାନ୍ଧୀ କଂଗ୍ରେସ ପ୍ରଜାମଣ୍ଡଳର ପନ୍ଥା ମହା ଦରିଦ୍ର ସେବକର ପନ୍ଥା—

ରାଉତ—ମତେ ଜଣେ ବୃପୁଡ଼ାଠାଏ ମାରିଲେ ?

ରଘୁ—କେଣ ଆରଗାଲ ଦେଖାଇ ଦେବ ।

ରାଉତ—ଏ କଥା ଭାଇ ବଡ଼ ବିଷମ—

ରଘୁ—ଯେଉଁଠି ସାଧନା ସେଇଠି ପଥ ବିଷମ ହୁଏ ।

ରାଉତ—ଖାଇବାକୁ ନାହିଁ, ଲୁଗା ନାହିଁ, ପଠା ନାହିଁ କହିବାର ଅଧିକାର ନାହିଁ ଆମ ମୁହଁରେ ମୁତିବେ, ବନ୍ଧୁଅଠରେ ବାଡ଼େଇବେ, ଧୂଆଁ ଦେବେ, ଦିବାକର କହୁଛନ୍ତି ସବୁ ସହିବା, ଖାଲି ସହିବା ।

ରଘୁ—(ହସି ହସି) ହଁ, ହଁ ସବୁ ସହିବା ।

ରାଉତ – (ଖାଲି ହସିବା)

ରଘୁ – ତମେ ଦେଖିଥିବ, ଝରଟବଳେ ନଦୀର ତାଡ଼ରେ ନଈବାଲିରେ ଯେଉଁ ବାଠୁଆ ଯାଉଥାଏ, ସେ କଣ ଚାଡ଼କଷ୍ଟରେ ଫେରିଯାଏ, ତାକୁ ଅଗକୁ ଯିବାକୁ ହୁଏ । ତେଣୁ ସେ ସବୁ ସହେ ।

ରାଉତ – ଆମର ଇଜ୍ଜତ ନେବେ । ଏ ଇଥି ପାଇଁ ସବୁ ସହିବା –

ଦବାକର – ତଥାପି ସହିବା ।

ମିଶ୍ର – ଏମିତି ହୁଏତ ଦନେ ମରିବାକୁ ପଡ଼ିବ ।

ରାଉତ ମରିବା ପୂର୍ବରୁ ମୋତେ କୁହନ୍ତୁ ସବୁ ସାବାଡ଼ କରିଦେବି ।

ରଘୁ – ରାଉତ ମୋର ଯାହା ଜେଲରେ ଅନୁଭୂତି, ବର୍ତ୍ତମାନ ଆମେ ଖସି ଅସିଛୁ । ତମେମାନେ ଗାଁ ଗାଁ ଲୋକେ ପାଠି ଭୁଣ୍ଡ କରିବାକୁ ଛାଡ଼ ଦେଇଛନ୍ତି । ପୁଣି କେତେବେଳେ ଡାକେରା ଅସିବ । ମୋତେତ ଛାଡ଼ୁ ନ ଥିଲେ, ମୁଁ ଜେଲରୁ ଲୁଚି ପଳେଇ ଅସିଛି । ମିଶ୍ରଙ୍କ ଉପରେ ଓ୍ୟାରେଣ୍ଟ ଝୁଲୁଛି – ଏଥିରେ ତମେମାନେ ଧୈର୍ଯ୍ୟ ନ ହରାଇ ଧୀର ସ୍ଥିର ହୁଅ । ଶାନ୍ତ ଶୃଙ୍ଖଳିତ ହୁଅ ।

ରାଉତ – କପିଳା ଚଇନ କଥା ମୁଁ ଶୁଣିବି ? ସେ ଖାଲି ଭୟ ଦେଖାଉଛି । "ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ"

ରଘୁ – ହଁ, ହଁ ସେହି ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ ଆମେ ମେଣ୍ଢା ଆମର ମଣିଷ ମେଣ୍ଢାକୁ ଚରାଇବା ପାଇଁ ଯୁଗେ ଯୁଗେ ଇତିହାସର ପୃଷ୍ଠାକୁ ଛିନ୍ନ କରି ଅତ୍ୟାଚାରୀ ରାଜା ଜନ୍ମ ହୁଅନ୍ତି)

ରାଉତ – ନା ଭାଇ ଆମେମାନେ ମେଣ୍ଢା ନୁହଁ – ତମେ ଏବେ ରଘୁଭାଇ କହିଲ କି କଷ୍ଟ ତୁମକୁ ଜେଲରେ ଦେଲେ···

ରଘୁ – ମୁଁ ସମସ୍ତଙ୍କୁ କହିବାକୁ ଚାହେଁ, ମୁଁ କିଛି କଷ୍ଟ ପାଇନି ।

ରାଉତ – ନାନା ସେ ସବୁ ମିଛ । ଜେଲ ଭିତରେ ପଥର ପାଟେରି ତଳେ ଏହି ଦଆନ ଦାରୋଗା ଯାହା କଲେ ଆମେ ଶୁଣିଛୁ । ଆମେ ଶୋଭାଯାତ୍ରା କରୁଥିଲୁଟି...ତୁମ ଜେଲରେ କଣ ହେଲା ।

ରଘୁ—ଆମେ ଦୋଳରେ ବସୁଥିଲୁ,

ସିନ୍ଧୁ ମିଶ୍ର—ଆଉ ଲୁହାନ ଗାଁ । ତାଙ୍କୁ ସବୁ ଝୁଲାଉଥିଲୁ ।

ରାଉତ—କଣ ମହିଷ ହାଡ଼ ମାଉଁସରେ ଟସନ୍ଧୁ ଦୋଳି ତିଆରି ହୋଇଛି ?

ସିନ୍ଧୁ—ନାହିଁରେ ମଣିଷର ଅଙ୍ଗୁଠି, ଚମଡ଼ା ହାଡ଼ ସବୁ ମିଶି ମଜଭୁତ ଦୋଳି ହୋଇଛି ।

ରାଉତ—କଣ କହୁଛୁ ଭାଇନା, ମୋ ରକତ ତାତି ଯାଉଛି ।

ରଘୁ—ଯେତେବେଳେ ସମୁଦ୍ରରେ ଯୁଆର ଉଠେ, ଉତ୍‌ଫୁଲ୍ଲ ଫେନରୁଞ୍ଜ ତେଉ ସବୁ ଆସି ଆସି ବେଳା ବନରେ ଲୋଟିପଡେ, ରକ୍ତ ଗରମ ହେଲେ ସେପରି ତାକୁ ଶୀତଳ କରିବାକୁ ହେବ ।

ପଙ୍କଜ ଦାସ—ଆପଣତ ସବୁ କିଛି କହିଲେ ନାହିଁ ।

ରଘୁ—ଯେତିକି ଦରକାର, ସେତିକି ଜାଣ, କିଏ କେଉଁଠି ପଡ଼ିଛନ୍ତି, ପଚାର ନାହିଁ । ଚାରିଆଡ଼େ ପୁଲିସ—ଚାରିଆଡ଼େ ସଂଗୀନ ଫଉଜ- ଏଥି ମଧ୍ୟରେ ଆମକୁ ଶୃଙ୍ଖଳାରେ କାର୍ଯ୍ୟ କରିବାକୁ ପଡ଼ିବ ।

ରାଉତ—ରଘୁ ଭାଇ ଅମାନୁଷିକ ଅତ୍ୟାଚାରୀ ନିକଟରେ ଶୃଙ୍ଖଳା କଥା କହୁଛ ?

ରଘୁ—ତେବେ ମନେ ରଖ, ଦାବିପତ୍ର ରାଜା ଅଧାଅଧି ଗ୍ରହଣ କରିଛନ୍ତି । ଲୋକଙ୍କ ପକ୍ଷରୁ ଶାନ୍ତି ଶୃଙ୍ଖଳା ପୂର୍ଣ୍ଣ ଆନ୍ଦୋଳନ ଆରମ୍ଭ କଲେ ରାଜା ଦିନେ ନା ଦିନେ ଦାବୀ ଗ୍ରହଣ କରିବାକୁ ବାଧ୍ୟ ହେବେ । ଆଉ ଆମ ଉପରେ ଯାହା ଏ ଭିତରେ ଅତ୍ୟାଚାର ହେବ, ସେଇଟା ପ୍ରକୃତରେ ଅଲକ୍ଷରେ ଆମ ପ୍ରତି ଆଶୀର୍ବାଦ ।

ରାଉତ—ସେମିତି କହନା ରଘୁ ଭାଇ ।

ରଘୁ—ଲୁହା ନିଆଁରେ ତାତିଯାଏ, ପୁଣି ଲୁହାର ହାତୁଡ଼ି ସେହି ଲୁହାକୁ ସଲଖି ସୁନ୍ଦର କରି ଦିଏ, ନୂଆ ରୂପ ଦିଏ । ହାତୁଡ଼ିର ବେଦନା ରହେ ନାହିଁ । ଆମରି ଭାଇ ଆମରି ଉପରେ ମୁଣ୍ଡରେ ହାତୁଡ଼ି ପ୍ରହାର କରିବେ, ତାହାହେଲେ ଆମେ ନୂଆ ରୂପ ପାଇବା । ନିଦାଘ ଆକାଶ କୋଣରେ ଯେଉଁ ଘଣ୍ଟ ମେଘମାଳା

ହୁଲା ପନ୍ଥ ପରି ବୁଲୁଥାଏ, ଅଦନରେ ବଜ୍ର ଗର୍ଜ୍ଜନ କରୁଥାଏ, ଗୁଳଗୁଳି ତାତରେ ଧରିତ୍ରୀ ପୀଡ଼ା ପାଏ, ସେହି ମେଘ ପୁଣି ପ୍ରଥମ ପ୍ରାବୃଟରେ ଅମୃତ ଧାରରେ ଝରିପଡ଼େ । ପୃଥିବୀକୁ ସବୁଜ ସୁନ୍ଦର କରିଦିଏ । ଆମକୁ ସେମିତି ଅପେକ୍ଷା କରିବାକୁ ପଡ଼ିବ ।

ରାଉତ—ଯେତେବେଳେ ହାତୁଡ଼ି ମାଡ ବସିବ, ସେତେବେଳେ ଅପେକ୍ଷା, ଅସମ୍ଭବ କଥା—

ରଘୁ—ଜୀବନରେ ଅପେକ୍ଷା କରିବାକୁ ହୁଏ । ଯେପରି ଫିକା ପାହାନ୍ତା ତଳେ ସୂର୍ଯ୍ୟ ପାଇଁ ପଦ୍ମକୁ କାନ୍ଦିବାକୁ ହୋଇଥାଏ, ତାହାକୁ ଜାଗରଣ ଘଣ୍ଟ ସଙ୍ଗରେ ବହୁତ ଆଘାତ ସହିବାକୁ ହୁଏ । ପେଟ ପିଠି ଫାଟେ-ଫୁଟେ, ସେଥିରେ କ୍ଷତି କଣ ?

ସିନ୍ଧୁ—ତମେ ରଘୁ କଥା ବନ୍ଦ କର । ଆଉ ଅନ୍ୟ କାମ ଅଛି ।

ରଘୁ—ତେବେ ସମସ୍ତେ ଶୁଣୁଛ, ଏ ପତାକାକୁ ଛୁଇଁ ଶପଥ କର— ଭାଇମାନେ ସମ୍ପୂର୍ଣ୍ଣ ଅହିଂସା ଭାବରେ କାର୍ଯ୍ୟ କରିବାକୁ ପଡ଼ିବ ।

ରାଉତ—ହଉ, ଆମେ କାର୍ଯ୍ୟ କରିବୁ ।

ରଘୁ—ଏ ପତାକାର ମାନ ଜୀବନ ଅପେକ୍ଷା ବେଶୀ (ସମସ୍ତେ କରତାଳି ଦେବା) ।

ଆଉ ଗୋଟିଏ କଥା, କିଏ କେଉଁଠାରେ ରହିବେ ତାହା ଜାଣି ହେବ ନାହିଁ । ତେଣୁ ଦାବିପତ୍ର ପୂରଣ ହେଲାଯାଏ ଆମକୁ ସଂଗ୍ରାମ ଚଳାଇବାକୁ ହେବ । କେତେବେଳେ କେଉଁଠି ସଭା ହେବ, ଆଗରୁ ଗୁପ୍ତଚରମାନଙ୍କ ଦ୍ୱାରା ପ୍ରଚାରିତ ହେବ । ଆପଣମାନେ ଧୀରସ୍ଥିର ଭାବରେ ଆସି ପ୍ରଜା ମଣ୍ଡଳରେ କାମ କରିବେ ।

ରାଉତ—ଭାଇ ଢେଙ୍କାନାଳ ଖବର କଣ ହେଲା ଯେ—

ରଘୁ—ସେଠି ତ ଦମନ ଚାଲିଛି । ଆମର ଏଠି ଯେମିତି, ସେଠି ଏହା ଅପେକ୍ଷା ଅଧିକ ଭୟଙ୍କର । ଗୋରା ଫଉଜ, ଗୁର୍ଖାବାହିନୀ, ଢେଙ୍କାନାଳର ଅଙ୍ଗ ଅତିଥି ।

ସିନ୍ଧୁ—ହେଉ ହେଲା । ରଘୁବାବୁ ତୁମେ ବିଶ୍ରାମ ନିଅ ।

ରଘୁ—ନାହିଁ, ଅଉ ବିଶ୍ରାମ କଣ । ଆମେ ଏଠାରୁ ଚାଲିଯିବୁ । ଆପଣମାନେ ଯେପରି ସୁରୁଖୁରୁରେ ସବୁ କାମ କରୁଥିବେ—

(ଦିବାକର ରଘୁ ଚାଲିଯିବାକୁ ଉଦ୍ୟତ ବେଳେ—ହଠାତ୍ ପଛେ ପଛେ ଛଦ୍ମବେଶୀ ଭିକାରୀଟି ବାହାରକୁ ଯିବା, ପଛେ ପଛେ ଛଦ୍ମବେଶଧାରୀ ମାଗି ନାହାକ ଯିବା, ବାହାରେ ପୁଲିସ ବୁଟ ଶବ୍ଦ ଧମାଧମ, ଦାରୋଗା କନେଷ୍ଟବଲ ପ୍ରଭୃତି)

'ରଘୁ ଦିବାକର ପଦନ ଦାସେ ଡେଇଁ ପଡ଼ି ଅନ୍ୟ ଦିଗରେ ଚାଲିଯିବା, ସିନ୍ଧୁ ମିଶ୍ର ଚାଲିଯିବା ବେଳେ, ପଛରୁ ଦାରୋଗା ଧାଇଁ ଆସି ବେକକୁ ଚିପି ଧରିବା, କନେଷ୍ଟବଲ୍ ବନ୍ଧୁକ ଦେଖାଇବା, ସଙ୍ଗେ ସଙ୍ଗେ ଡେରାଇ କରିବା; ଲୋକମାନଙ୍କୁ ସରି ଚାଲିଲା—କମଳା ଦେବୀଙ୍କୁ ଘେରି ପୋଲିସ

ଦାରୋଗା—ହଟା ଅ ଏହି ଜନତାକୁ,ଜାଳ ଏ ପତାକାକୁ, ଜାଳ ଏହି ଘର···(ପୋଲିସମାନେ କାଗଜପତ୍ର ପୋଡ଼ିଦେବା,ପତାକାଟିକୁ କମଳା ଦେବୀ ଖାଇ ଯାଉଥିଲେ—ପୋଲିସ ତାଙ୍କ ଗଳା ଧରି ପକାଇବା—ଲୋକମାନେ ଉତ୍ତ୍ୟକ୍ତ ହେବା—ପୋଲିସ ସମସ୍ତଙ୍କୁ ହଟାଇ ଦେବା) ।

ଦାରୋଗା—ଗିରଫ କରି ଚାଲ ଥାନାକୁ ।

(କେବଳ କମଳାଦେବୀ ଏକା, ଦାରୋଗା ବ୍ୟତୀତ ଅନ୍ୟ ସମସ୍ତେ ବନ୍ଦୀ ଅବସ୍ଥାରେ ବାହାରକୁ ଗଲେ) (ଦାରୋଗା କମଳାର ମୁହଁକୁ ଚାହିଁ) ତମ ନାଁ···

କମଳା—(କଟାକ୍ଷେ) ଦରକାର ।

ଦାରୋଗା—ତମ ନାଁ।—(ପାଖକୁ ଚାଲିଆସି)

କମଳା—ଛାୟା,

ଦାରୋଗା—କାହାର୍ କିଅ ?

କମଳା—ରଣସ୍ତ୍ରର ମା'ର

ଦାରୋଗା—ବାପାଙ୍କ ନାମ

କମଳା—ଭାରତବର୍ଷ ।

ଦାରୋଗା—(ଟଙ୍କା ଦେଖାଇ) ଦରକାର ?

କମଳା—ହଁ ଦର୍କାର ।

ଦାରୋଗା—(ପଚାଶଟଙ୍କା ଦେଖାଇବା)

କମଳା—( କମଳା ଟଙ୍କା ନେଇ ଦାରୋଗା ଉପରକୁ ଜୋରରେ ଫୋପାଡ଼ିବା ।)

ଦାରୋଗା—କମଳା, ତମର କି ରୂପ !

କମଳା—ବଦମାସ୍ ,

ଦାରୋଗା—କମଳ (ଦେହ ଉପରକୁ ଅଉଛି ଆସିବା)

କମଳା—ଦୂରରେ ଠିଆ ହୁଅ—ମୂର୍ଖ

ଦାରୋଗା—ସୁନ୍ଦରୀ ତମେ...କେତେ ସୁନ୍ଦରୀ !

କମଳା—(ଦାରୋଗା ମୁହଁକୁ ଛେପ ପକାଇବା—ନିର୍ଲ୍ଲଜ—

ଦାରୋଗା—ହୁଁ ତମର, ଏଠ କାମ,

କମଳା—ତମର ଯାହା ଭ୍ରମ...

ଦାରୋଗା—ରଖୁ କୁଅଡ଼େ ଗଲା—

କମଳା—ମାମୁଁ ଘରକୁ

ଦାରୋଗା—ଏହୁ ଦେଖ, ଭାବ, ମୋତେ ଧରା ଦେବ ନାହିଁ.........

କମଳା—ଚୁପ ରହ, ଚୋର,

ଦାରୋଗା—(ପାଖକୁ ପୁଣି ଲାଗି ଆସିବା, ଛାତକୁ ରିଭଲଭର ଦେଖାଇ)

କମଳା—ସାବଧାନ, ନାରୀ ଜାତିର ମୁଁ ପ୍ରତୀକ, ତୁ ମୋ ସହିତ କଥା-ବାର୍ତ୍ତା କରିବା ଅର୍ଥ...

ଦାରୋଗା—ଅତି ଲାଗି ଆସି, ରିଭଲଭର ଦେଖାଇଥାନ୍ତି)

କମଳା—(ହାରାମ—ଜାହା, ଦାରୋଗା ଗାଲରେ ଏକ ଗୁସୁଡ଼ା ଦେଲା,) ଦାରୋଗା ହାତରୁ ରିଭଲଭର ଖସି ପଡ଼ିଲା ବେଳେ ପଟ୍ଟ ପତନ

( ସ୍ଥିର ପଡ଼ିଲା )

# ଚତୁର୍ଥ ଅଙ୍କ

## ଚତୁର୍ଥ ଦୃଶ୍ୟ

(ରଣପୁର ଜଙ୍ଗଲ, ବାଟରେ ଧୂଳି ଗୁଳିଠା ଫୁଲ ଝଡ଼ ପଡ଼ିଛି ଶୀକାରୀ ବେଶରେ ବେଟକଲ ଗେଟ୍—ବନ୍ଧୁକ ହାତରେ ଝୁଲୁଛି, ସାଥିରେ ଦାରୋଗା ରେଞ୍ଜର ପ୍ରଭୃତି—ସିନ୍ ଉଠିଲାବେଲକୁ ବେଜେଲଗେଟ ଗୋଟିଏ ପକ୍ଷୀକୁ ମାରିବାକୁ ଉଦ୍ୟତ ହେଉଛନ୍ତି । ଏହି ସମୟରେ ଦୂରରେ ଶୁଣାଗଲା ବନ୍ଧର ଗୀତ—ବନ୍ଧ କନ୍ଧୁଣୀ)

ବେଟେଜଲଗେଟ—What a fine song ?

ରେଞ୍ଜର—Your honour,

ଦାରୋଗା—Your honour,

ବେଟକଲ—ଡାହିଁ ସେ ଅଇସ୍ଯା, ସଙ୍ଗୀତ କୋ ଜଗରୁ ଅସଠା ହେ···

(ଗୀତ ପୁଣି ଶୁଭିଲା—

ପ୍ରଜାମଣ୍ଡଳ ଡାକରା ଅସିଛି ରେ

ବନ୍ଧ ମିରୁ କ ନାହିଁ ଭୁ ଯା—

ବେଜେଲ—(ଅବଚଳତ) ଟକା ଝୁଗରୁ

(ଗୀତ ନିକଟ ହୋଇ ଅସିଲା

ଗୀତ ଯେତିକି ନିକଟ ହେଲା, ସମସ୍ତେ ସେତିକି ଉତ୍କଣ୍ଠ ହୋଇ ଲୁଚିବାକୁ ଗଲେ)

ବେଜେଲ—Let us hide behind the bush.

(ବନ୍ଧ କନ୍ଧୁଣୀ ଗୀତ ଗାଇ ଖାଇ, ବିପରୀତ ଦଗରୁ ଅସିଲେ ।

(ବନ୍ଧ ଅସି ଅଭିମାନ କରି ଠିଆ ହେଲା । କନ୍ଧୁଣୀ ଅହୁରି ମୁହଁ ଫୁଲେଇ ପଛକୁ ଘୂରିବା)

ବନ୍ଧ—ରସିକା ଲୋ, ଟିକିଏ ପାଖକୁ ଅ,

କନ୍ଧୁଣୀ—ମୋତେ କାଛ କହନା ରେ...

ବନ୍ଧ—ପଦେ ଗୀତ ଗାଇବା ।

କନ୍ଧୁଣୀ (ଅଭିମାନରେ ଠିଆ ହେବା )

(ବନ୍ଧ ଗୀତ ଗାଇ କନ୍ଧୁଣୀ ବେକରେ ହାତ ବେଢ଼ାଇ ଦେବା)

କନ୍ଧୁଣୀ—(ହାତ ଛଞ୍ଚାଡ଼ି ଦେଇ )

କନ୍ଧ—ଫୁଲ ଲଗେଇବୁ କାଲେ•••(କନ୍ଧ ଫୁଲ ଦଣ୍ଟା ଗଛତଳେ ପଡ଼ିଥିଲା ଆଣି କନ୍ଧୁଣୀ ମୁଣ୍ଡରେ ଖୋସି ଦେଲା)

କନ୍ଧୁଣୀ—ଅଭିମାନ କରି ଠିଆ ହେଲା ••

କନ୍ଧ—(ଗୀତ ଗାଇ ଅଣ୍ଟାରୁ କାଗଜଟି କାଢ଼ି ଗଛ ଦେହରେ ଲଗେଇ ଦେଉ ଦେଉ ଅନ୍ତରାଳରୁ ଜୋତା ଶବ୍ଦ ଶୁଭିଲା) ।

ସେକ୍ରେଟେରି—Hallo, what beautiful

(କନ୍ଧ କନ୍ଧୁଣୀ ମୁହଁ ଚାହିଁକି ମଧ୍ୟରେ ବିପରୀତ ଦିଗରେ ଚାଲିଗଲେ)

ରେଞ୍ଜର—Your honour.

ସେକ୍ରେଟେରି—What people they are, are they•••

ରେଞ୍ଜର—Your honour

ସେକ୍ରେଟେରି—[କାଗଜ ପାଖକୁ ଯାଇ] What paper is this !

ରେଞ୍ଜର—Your honour

ସେକ୍ରେଟେରି—ଦାରୋଗା, ଏ କ୍ୟାହେ, ଏ କ୍ୟା ପ୍ରଜାମଣ୍ଡଳକା କୋନ କାଗଜ ହେ•••

ଦାରୋଗା—Your honour,

ସେକ୍ରେଟେରି—What your honour, Rascale, ଜଙ୍ଗଲକା ଏ ସବୁ କ୍ୟାହେ, ପ୍ରଜାଙ୍କର କ୍ୟା ଆପତ୍ତି ଅଭିଯୋଗ ହେ ।

ଦାରୋଗା—Your honour—petition ହେ,

ସେକ୍ରେଟେରି—କ୍ୟା petition ହେ, କାପ୍ ଲିଟି

(ଏହି ସମୟରେ ବଣର ଗଛ ଉହାଡ଼ରେ ଖସ୍ ଖସ୍ ଶୁଭିଲା ।

ସେକ୍ରେଟେରି—ଓ, କ୍ୟା ଶିକାର ହେ•••(କହି ବଣ ଭିତରେ ପଶିଲେ—ପଛରେ ରେଞ୍ଜର ଦାରୋଗା ଗଲେ)

———

# ଚତୁର୍ଥ ଅଙ୍କ

## —ପଞ୍ଚମ ଦୃଶ୍ୟ—

ଦଶହରା ଦିନ, ରାଜପ୍ରାସାଦ ଉତ୍ସବ ଭିତରେ ସମସ୍ତେ ଉପସ୍ଥିତ—ଦେଓ୍ୱାନ, ଦାରୋଗା, କପିଲ ପାତ୍ର, ବନ୍ଧୁ ପ୍ରଜା, ଚୋପଦାର, ପୁରୋହିତ—ମିସ୍ କରୁଣା—ସମସ୍ତେ ଏ ପଟ ସେ ପଟ ହୋଇଛନ୍ତି—ଶଙ୍ଖ କାହାଳୀ ଢୋଲକ ଢଙ୍କ ବାଜୁଛି—ବାହାରେ ବଡ଼ କାଠ, ବାଜୁଛି—ସଜ୍ଜିତ ହାତୀ ଘୋଡ଼ା । ଆଜି ଦଶହରା—ପାଇକମାନେ ଖଣ୍ଡା ଧରି ଖେଳ ପାଇଁ ବ୍ୟସ୍ତ—ସିନ୍ ଉଠିଲା—କପିଲ ପାତ୍ର—ଚୁଟିରେ ଫୁଲ ବାନ୍ଧି ପୁରୋହିତେ ପଢ଼ୁଛନ୍ତି......

ପୁରୋହିତେ—ଶ୍ରୀଳ ଶ୍ରୀଯୁକ୍ତ ଶ୍ରୀ ଶ୍ରୀ ପ୍ରବଳ ପ୍ରତାପୀ ବଜ୍ରଧର, ଦାନେ କର୍ଣ୍ଣ, ମାନେ ଦୁର୍ଯ୍ୟୋଧନ, କ୍ରୋଧେ ଯମ, ପ୍ରତାପେ ଇନ୍ଦ୍ର, ଧନେ କୁବେର, ଧର୍ମେ ଯୁଧିଷ୍ଠିର, ସହନେ ପୃଥିବୀ—ମହତୋ ମହୀୟାନ—ସମଦର୍ଶୀ ଦେବ, ଦ୍ୱିଜ, ଗୋ ଭକ୍ତ, ଧର୍ମାବତାର ମିଷ୍ଟଭାଷୀ, ଶୁଦ୍ଧାଗ୍ରହୀ, ଶାସ୍ତ୍ରଦର୍ଶୀ, ସର୍ବପ୍ରିୟ, ସଦାଳାପୀ ରାଜର୍ଷି, ଆଦର୍ଶ ଚରିତ୍ର, ବୀର୍ଯ୍ୟବାନ, ଗୁଣବାନ୍, ହୃଦବାନ୍ ପ୍ରଶାନ୍ତ ଚେତା, ଦିଗ୍ବିଦିଗ୍ଜେତା, ବାଣୀବିହାର ଭକ୍ତ, ସାହିତ୍ୟୋଦ୍ୟାନ ବିହାର କଳହଂସ, ଦେଶବତ୍ସଳ, ପ୍ରଜାରଞ୍ଜନ ମାତାର ଯୋଗ୍ୟ ପିତାର ସୁଯୋଗ୍ୟ ସନ୍ତାନ, ବହୁ ଗୁଣାକର ଆଦର୍ଶ ପିତା, ଭ୍ରାତା, ସ୍ୱାମୀ, ପୁତ୍ର, ପୌତ୍ର ପିତାମହ ସର୍ବ ଗୁଣ ବିଶିଷ୍ଟ ମହା ମହିମ ମାନ୍ୟବର ଶ୍ରୀଳଶ୍ରୀଯୁକ୍ତ ଶ୍ରୀମନ୍ତ ହାରେସମ ରାଜ ପଥିକ ଧର ଧରେଶ୍ୱର ଉତ୍କଳଖଣ୍ଡ, ଭାରତବର୍ଷ, ବିଶ୍ୱବ୍ୟାପୀ ସ୍ୱନାମଧନ୍ୟ ଦୟାବତାର ଅମୃତ ମହାପୁରୁଷଙ୍କ ଶ୍ରୀକର କମଳରେ ଶ୍ରଦ୍ଧା, ଭକ୍ତି, ସ୍ନେହ ଅନୁରାଗ ସହାନୁଭୂତିର ଗୁଢ଼ତମ ଆନ୍ତରିକ ନିଦର୍ଶନ ସ୍ୱରୂପ ଆଜି ଏହି ଦଶହରା ବାସରେ

ଶୁଭିଛଥିବେ ଲଗ୍ନରେ···ବୀରବର ବଜ୍ରଧର ନରେନ୍ଦ୍ର ମହାପାତ୍ରଙ୍କ ଦସ୍ତାହେଲେ, ଦଶହରା ଅନୁକୂଳ ହେବ ।

(ବାହାରେ ବଡ଼ କାଠ ବାଜିବା···

କପିଳ ପାତ୍ର—ବିନୟ ଧର୍ମ, ନ୍ୟାୟ, କ୍ଷମା, ସତ୍ୟଗୁଣ ବିଶିଷ୍ଟ ମହାନ୍ ମହାଭାଗ ନରେନ୍ଦ୍ର କୁଳ ମୌଳି, ପୁଣ୍ୟପ୍ରତାପ ଧରା ଧରେଶ୍ୱର ବୀରବର ଦେବତାବନ୍ଦିତ ଶ୍ରୀ ଶ୍ରୀ ଶ୍ରୀ ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ······

ଅସ ଭ୍ରମରବର, ମାନ୍ଧାତା ପଟ୍ଟନାୟକ, ବୀରବଳ ଦଳବେହେରା, ବୈରିଗଞ୍ଜନ ମହାପାତ୍ର, ଭ୍ରମରବର ମର୍ଦ୍ଦରାଜ, ନରେନ୍ଦ୍ର ହରିଚନ୍ଦନ, ଚମ୍ପତି ସିଂହ, ଦୁଆଳ ସିଂହ, ଦକ୍ଷିଣ ରାୟ, ରାଉତରାୟ, ବାହାବଳୀନ୍ଦ୍ର, ଦକ୍ଷିଣ କବାଟ, ପଶ୍ଚିମ କବାଟ, ଉତ୍ତର କବାଟ, ଉଦୟଭାନୁ, ସୁଦର୍ଶନ ପଟ୍ଟନାୟକ, ଶ୍ରୀଚନ୍ଦନ, ଜଗଦ୍ଦେବ, ବଳବନ୍ତରା, ରାଉତରା ଇତ୍ୟାଦି ଇତ୍ୟାଦି, ବୀର ପାଇକବର୍ଗ ଆଜି ଦଶହରା ଅନୁକୂଳ ଲଗ୍ନରେ ସମସ୍ତ, ସଶସ୍ତ୍ର, ସଜ୍ଜପହାର, ସଭେଟି, ସଶ୍ରଦ୍ଧା, ସଭକ୍ତି, ସଅର୍ଥ, ସସମ୍ମାନ ଅସି ଦରବାରରେ ହାଜର ଦେଇ ରଣପୁର ବଜ୍ରଧର ନରେନ୍ଦ୍ରଙ୍କୁ ଦିଗ୍‌ବିଜୟରେ, ଶତ୍ରୁ ଦମନରେ ଅରିଗଞ୍ଜନରେ ଭାଗ ନିଅନ୍ତୁ ।

ପୁରୋହିତ—ବର୍ତ୍ତମାନ ଦାବୀ ଉପାଧି ବଣ୍ଟନ ପାଇଁ । ମହାମାନ୍ୟବର ଶ୍ରୀଗ୍ରମୁଙ୍କର ଆଦେଶ ହେଉ ।

(ବଡ଼ କାଠ ବାହାରେ ବାଜୁଥିବା)

ରାଜା—(ସୁନାହାର ଗୋଟିଏ ମିସ୍ କରବୀଙ୍କୁ ଦେବା)

ମିସ୍ କରବୀ—(ରାଜାଙ୍କ ଅନୁଗ୍ରହ ଧରି ମୁଣ୍ଡ ନୁଆଁଇବା)

ରାଜା—ବଳବନ୍ତରା—

ବଳବନ୍ତରା—ହଜୁର—

ରାଜା—ଦେଓ୍ୱାନ

ଦେଓ୍ୱାନ—ହଜୁର

ରାଜା—ନାଜର

ପୁରୋହିତ—ଦରବାର ଗହଣକୁ ବଟେକ ହେବା ପାଇଁ ଆଦେଶ ହେଉ—
ବଡ଼ ଢାଠ ବାଜୁଥିବ)

ରାଜା—ପୁରୋହିତେ—

ପୁରୋହିତ—ଆଜ୍ଞା, ଦରବାର ଗହଣରେ ବଟେକ ହେବା ପାଇଁ ଆଦେଶ ହେଉ—

ରାଜା—ସରବରାକାର

କପିଳ—ଆଜ୍ଞା, ଧରାଧରଶ୍ବର ମହାମହିମ ପଣ୍ଡିତ ପୁଣ୍ୟ ପ୍ରତାପକେଶରୀ ବଂଶଜ, ବୈରୀମାନଭଞ୍ଜନ, ଦର୍ପହର ତାପନାଶନ, ଶତ୍ରୁଦମନ ଶାନ୍ତପାଳନ—ଶିଷ୍ଟଶୋଭନ—ହଜୁର, ଶାନ୍ତମ୍ !

ରାଜା—ଦେଓ୍ବାନ, ସବୁ ପାଇକ ନସ୍ୱୋଗ ହାଜର······

କପିଳ—ହଜୁର, ପାଇକମଣ୍ଡଳୀ, ସୈନ୍ୟସାମନ୍ତ ସଭ୍ୟ, ସଭାଭିବ ସମୁପସ୍ଥିତ···

(ବାହାରେ ବଡ଼ ଢାଠ ବାଜିବା)

ରାଜା—କଅଣ ସାହେବ ପାଇଁ ଅପେକ୍ଷା କରାଯିବ ?

ଦେଓ୍ବାନ—ଏତ ଲଗ୍ନ କଥା, ବଂଶକୁଳ କୀର୍ତ୍ତି ପ୍ରଥା—

ପୁରୋହିତ—ଲଗ୍ନ ମଙ୍ଗଳ ଯିବ (ବଡ଼ଢାଠ ବାଜିବା)

ରାଜା—ଜରଖା, ସବୁ ଯନ୍ତ୍ରରେ ରଖିକୁ ମା—

ଜରଖା—Your majesty.

କପିଳ—ବୈରୀଗଞ୍ଜନ, ନରେନ୍ଦ୍ର ମଙ୍ଗଳ କ୍ଷତ୍ରିୟ ବଂଶ ସୂର୍ଯ୍ୟ ଚଣ୍ଡପ୍ରତାପ ମହାମାନ୍ୟ...(ଉଠି ଠିଆ ହେବା)

(ଏହି ସମୟରେ ଦପ୍ ଦପ୍ ବେଜଲଗେଟ ଅସିବା, ପଛେ ପଛେ ତାର ସିଲଟାରୀ ସର୍ଦ୍ଦାର)

ବେଜଲଗେଟ୍—Good day, Raja saheb—

ଜରଖା—(ନମସ୍କାର କରି) Your honour.

ଦେଓ୍ବାନ—(ପ୍ରଣିପାତ)

ଲବଙ୍ଗର—(ପ୍ରଣିପାତ)

କପିଳ—(ପ୍ରଣିପାତ)

ରାଜା—(ସ୍ୱର୍ଣ୍ଣ ଆସନ ଦେଖାଇ) Good day.

ବେଜଲଗେଟ୍—ଏ ସବୁ କ୍ୟାହେ, ମିସ୍ କରବା।

କରବା—Your honour. To-day the Dasaharas, tradition says that kings used to start his military expedition.

( ବାହାରେ ବାଜାଠ )

ବେଜଲଗେଟ୍—ଏ ସବୁ କ୍ୟା ଫାଇଦା ହୈ···

ରାଜ.—ଏ ସବୁ ବଂଶପରମ୍ପରା—

ମିସ୍ କରବା—Your honour, simple traditonal.

ବେଜଲଗେଠ—( ପାଇକମାନେ ଖଣ୍ଡା ଧରି ଠିଆ ହୋଇଥିଲେ, ସେମାନଙ୍କୁ ଗୃହି )

No no these ugly···

କରବା—Your honour.

ବେଜଲ—You have to stop···these barbarian traditions.

ରାଜା—Your honour.

ବେଜଲ—You have to stop nonsence practices.

( ବାହାରେ ଶୁଣାଗଲା ଇନ୍‌କିଲାବ ଜିନ୍ଦାବାଦ )

ବେଜଲ—What is this. ( out of temper ) (ବାହାରକୁ ଗୃହିଁବା ଭଳି ଅଭିନୟ) ଅମ ଲୋକ ଜଙ୍ଗଲରେ ଏ ସବୁ ଶୁଣିଲାମ। (କାଗଜଟାଏ ପକେଟରୁ ବାହାର କରି ଫିଙ୍ଗି ଦେଇ ଏ ସବୁ ରାଜା କ୍ୟାହେ, ଡମନ ଦରକାର, ଡମନ ଦରକାର।

ରାଜା—Your honour, ଦମନ କରାଯିବ।

ବେଜଲ—Pass order for peace or, I will declare the state to be···

ରାଜା—Your honour.

ବେଜଲ—What your honour···

(ବାହାରେ ଇନ୍‌କିଲାବ ଜିନ୍ଦାବାଦ, ରାଜବନ୍ଦୀ—ମୁକ୍ତିକର, ଦାବିପତ୍ର—ପୂରଣ କର)

ବେଜଲ—ଏ କ୍ୟା ତାବିପତ୍ର ହେ, Rajasaheb.

କରଣ୍ଡ—Your honour.

ରାଜା—Your honour.

ବେଜଲ—We english people in British empire exist for administration of justic.

(ବାହାରେ ଶୁଣାଗଲା ଇଂରେଜ ରାଜ୍ୟ ଧ୍ୱଂସ ହେଉ ଫିରଙ୍ଗି ରାଜ୍ୟ ଧ୍ୱଂସ ହେଉ)

ବେଜଲ—( ଥରିଯିବା ) ମାଇଁ ବ୍ରୁଡ ବଏଲସ ରାଜା ସାହେବ, ( ଟେବୁଲରେ ହାତ ମାରି ) ଇଉ ହାଭ୍ ଟୁ କଣ୍ଟ୍ରୋଲ ଦ ସ୍ଥେଟ ଅର୍ ଇଉ ଲିଭ୍ । ଅଇ ଉଇଲ୍ ଆସଟ, ଅଇ ଉଇଲ ସ୍ମାଶ୍ ଅଇ ଉଇଲ ଡେଷ୍ଟ୍ରର ।

ରାଜା—ଇଓର ଅନର୍ ।

(ଏତିକି ବେଳେ ବାହାରେ ଶୁଭିଲା ଦାବିପତ୍ର ପୂରଣ କର) ଲକ୍ଷ୍ମୀ ଖିଅଙ୍କୁ ବାହାର କର । ଇଂରେଜ ଶାସନ ଧ୍ୱଂସ ହେଉ, ଇନ୍‌କିଲାବ ଇତ୍ୟାଦ ଇତ୍ୟାଦ ।

## ପଞ୍ଚମ ଅଙ୍କ

### ପ୍ରଥମ ଦୃଶ୍ୟ

(୧୯୩୧ ପୁଷ ପୂନିଅଁ ଦିନ—ବିରାଟ ଜନସଭା, ମଦନ ଦାସ, ନିଧି ସେନାପତି, ବିରଜ, ଅର୍ଜୁନ ରାଉତ, ରଘୁ ମହାନ୍ତି ପ୍ରଭୃତି ଉପସ୍ଥିତ ···ବିରାଟ ଜନତା—)

ରଘୁ—ତଥାପି ଭାଇମାନେ, ଧୀର ସ୍ଥିର ହୁଅ । ଆମର ଦାବିପତ୍ର କେତେକାଂଶରେ ଗୃହୀତ ହୋଇଥିଲେ ମଧ୍ୟ—ସ୍ୱାଧୀନତା ବହୁଦୂରେ । ସେହି ସ୍ୱାଧୀନ ଦେଶର ପୂର୍ବାକାଶରେ ସୂର୍ଯ୍ୟ କୃଷ୍ଣ ମେଘ ତଳେ···ପାହାନ୍ତା ହୋଇଛି ମାତ୍ର···

ଆଜି ଆମ୍ଭମାନଙ୍କର ନେତା, ସହକର୍ମୀ ସିନ୍ଧୁ ମିଶ୍ର ଜେଲରେ ଅଛି ଅମ୍ଭମାନଙ୍କର ରଣପୁର ପ୍ରତିମୂର୍ତ୍ତି ନାରୀ ନେତ୍ରୀ କମଳା ମଧ୍ୟ ପଥର ପାଚେରି କାରାଗାର ତଳେ—ଏ ପର୍ଯ୍ୟନ୍ତ ଭଏ କେଉଁଠି ଛଦ୍ମବେଶରେ ଅଛନ୍ତି । ଆପଣମାନେ ଧୀର ସ୍ଥିର ହୁଅନ୍ତୁ । ଏକଦିଗରେ ସ୍ୱାଧୀନତା ପାଇଁ ସଂଗ୍ରାମ, ଅନ୍ୟ ଦିଗରେ ସାମୟିକ ଲୋଭ ମୋହ ଯୋଗୁଁ ପଦ ସ୍ଖଳନ, ଏକ ଦିଗରେ ସରକାରଙ୍କର ଗୁଳି ଗୋଳା ଅନ୍ୟ ଦିଗରେ ଆମର ଅହିଂସା—ଶୃଙ୍ଖଳା ହେଉଛି ସ୍ୱାଧୀନତାର ସାଥି । ସହିଷ୍ଣୁତା ସ୍ୱାଧୀନତାର ସମ୍ପଦ । ଧୈର୍ଯ୍ୟ ମୁକ୍ତିର ପ୍ରତୀକ । ଅହିଂସା ହୃଦୟ ବିଜୟର ଲକ୍ଷଣ—କ୍ଷମା ହେଉଛି ସ୍ୱାଧୀନତାକାମୀ ବ୍ୟକ୍ତିର ଦୈନନ୍ଦିନ ଭୂଷଣ—ରାଜା ଦାବିପତ୍ର ଗ୍ରହଣ କଲେ ମଧ୍ୟ ଆମ୍ଭମାନଙ୍କର ସ୍ୱାଧୀନତା ସଂଗ୍ରାମ ପୂର୍ଣ୍ଣ ହୋଇନାହିଁ । ଆମ୍ଭମାନଙ୍କର ଲକ୍ଷ୍ୟ ଇଂରେଜଙ୍କର ସାମ୍ରାଜ୍ୟ ଲୋପ, ଭାରତୀୟ ଉପସାଗର କୋଳରେ ନିର୍ଜନ ବେଳା ଭୂମିରୁ ଯେଉଁ ଦିନ ଇଂରେଜ ଯାତ୍ରୀ ସାହେବ ଶାସକବାହୀ ଜାହାଜର ନିଃଶ୍ୱାସ କମ୍ପିବ, ସେହି ଦିନ ଆମେ ପୂର୍ଣ୍ଣ ସ୍ୱାଧୀନ ହେବା । ବର୍ତ୍ତମାନ ମଧ୍ୟ ଆମ୍ଭେମାନେ ପରାଧୀନ ।

ଷ୍ଵଭମାନେ ଅଙ୍ଗ ପୂର୍ଣ୍ଣିମାରେ ଏହୁ ପତାକାକୁ ଅଭିନନ୍ଦନ କର । ସମ୍ବର୍ଦ୍ଧନା କର । ରଣପୁର ପ୍ରଜାମଣ୍ଡଳକୁ ଅଧିକ ଦୃଢ଼ କର । ଆମ୍ଭମାନଙ୍କର ହାତମୁଠା ଠାଣ କର ।

(ସଭାରେ ଶୁଭୁଛି ଇନ୍‌କଲାବ ଜିନ୍ଦାବାଦ, ପ୍ରଜାମଣ୍ଡଳ କି ଜୟ)

ରଘୁ—ଆପଣମାନେ ସ୍ୱାଧୀନତାକୁ ଚିହ୍ନି ଜାଣିଲେ ସ୍ୱାଧୀନତା ମିଳିବ । ଏହା ଅମୂଲ୍ୟ ଦୁର୍ଲ୍ଲଭ ସମ୍ପଦ । ଆପଣମାନେ ପୂର୍ଣ୍ଣ ଶୃଙ୍ଖଳିତ ଭାବରେ ଧୀର ସ୍ଥିର ଭାବରେ ଅପେକ୍ଷା କରନ୍ତୁ ।

ଜନତା ଭିତରୁ ଜଣେ—ଆମର ଦଅନ ଦାରୁଗାଙ୍କ କଥା ଆଗେ ବୁଝାଯାଉ । ଫଗୁ ମହାନ୍ତି ଦଅନ, ସାନ ଦଅନ, ଦାରୋଗା, ରେଞ୍ଜର, ଡାକମାଷ୍ଟ୍ର, ନାଜର, ମୋହରର, ଏମାନଙ୍କର ବଗ୍ଭର ହେବା ଉଚିତ । ଏମାନେ ଆମ ଚଉଦକୋଣରେ ଯାହା ଅନ୍ୟାୟ କରିଛନ୍ତି—

ରଘୁ— ତଥାପି, ଆପଣ ଧୀରସ୍ଥିର ହୁଅନ୍ତୁ, ବଳେ ସବୁ ହୋଇଯିବ । ସେହୁ ରଜା ପୁଣି ବୁଝିବ —

ଜନତା—ଅଜ୍ଞ, ଗଛ, ମାଛ କାଠ ସବୁ ଛଡ଼ିବେଟି ?

ରଘୁ—ରଜାଙ୍କୁ ଦାବିପତ୍ରରେ କୁହା ଯାଇଥିଲା । ରଜା ରାଇଜରେ ଘର । ପୁଣି ବିଦେଶୀମାନଙ୍କ ଶାସନ । ଢଙ୍ଗ ଢଙ୍ଗକେ ଅନ । କେତେବେଳେ କଣ ହେବ କିଏ କହିପାରେ ।

ଜନତା ମଧ୍ୟରୁ ଜଣେ—ହଁ ଅଜ୍ଞ ଢଙ୍ଗ ଢଙ୍ଗକେ ଅନ—

ରଘୁ—ତଥାପି ଅମ୍ଭେମାନେ ଅମ ବ୍ରତ ପଥରେ ଅଟଳ ରହିବା ଦରକାର ।

ଅର୍ଜ୍ଜୁନ—ଅଜ୍ଞ କପିଲ ପାଣ୍ଡ—

ରଘୁ—ତୁମେ ଭୁଲ ବୁଝୁଛ ଅର୍ଜ୍ଜୁନ । ମନୁଷ୍ୟ ପ୍ରକୃତିର ଦୋଷ । କପିଲ ପାଣ୍ଡ ହେଉନ୍ତୁ ବା ଯେ ହେଉନ୍ତୁ, ଦଲାଲ ହେବାକୁ କିଏ ଭଲ ନ ପାଏ ?

ମଦନ—ହଁ, ହଁ ଦଲାଲ ହେବାଠୁଁ ବଳି କଣ ଖାସି ମାଉଁସ ବଳି ସୁଆଦ ?

ଜନତା-ମଧ୍ୟରୁ-ଜଣେ—ତାକୁ ଖାଲି ମାଡ଼—

ଅର୍ଜୁନ—ଛି ଭାଇ, ତାକୁ ତା ମନକୁ ବୁଝାଇବା ଦରକାର, ମାଡରେ କେତେ ଦିନ ପାଇଁ ଜଣେ ଶାସନ ହେବ ?

(ଦୂରରୁ ଲୋକ ହୋ ହୋ କରି ଉଠିଲେ)

ଜନତା—ସାହେବ ଅସିଲା—ଅସିଲା—

(ମଠର ଘଣ୍ଟି ଶୁଭିଲା )

ରଘୁ—ବାଟ ଛାଡ଼ ଦିଅ ବାଟ ଛାଡ଼ ଦିଅ ।

ଜନତା—ଲୋକେ ପାଟି କଲେ ସାହେବ ଅସିଲା ଅସିଲା ।

(ବେଜଲଗେଟ ପୂର୍ଣ୍ଣ ସାହେବ ପୋଷାକରେ । ପଛେ ପଛେ ଏକ ହାବିଲଦାର । ସେହି ବାଟ ଦେଇ ଉଆସ ଭିତରକୁ ପଶିଯିବା । ପଛେ ସାନ ଦିଆନ ) ।

ଜନତା—ସାହେବଙ୍କୁ କହ, ସାହେବଙ୍କୁ କହ, ଅମେ ଏ ଅମଲାମାନଙ୍କୁ ଚାହୁଁନା ।

ରଘୁ—ଅରେ ତମେମାନେ ଧୀର ସ୍ଥିର ହୁଅ । ଜଣେ ଦୁଇଜଣ ଅମଲା ବଦଳି ହୋଇଗଲେ କଣ ସ୍ୱାଧୀନତା ମିଳିଯିବ ? ଆମର ପରା ଲକ୍ଷ୍ୟ ସ୍ୱାଧୀନତା—

ଜନତା—ହଁ ଲକ୍ଷ ସ୍ୱାଧୀନତା, ଖାଲି ସ୍ୱାଧୀନତା—

ରଘୁ—ତେବେ ସାମାନ୍ୟ କଥା ପାଇଁ ଏତେ ବ୍ୟସ୍ତ କାହିଁକି ?

ଜନତା—ସାହେବ ଅଗରେ ଦିଆନ ଫଗୁ ମହାନ୍ତି, କପିଳପାଣି, ଜମାଦାରଙ୍କ କଥା ପଡ଼ିବନି ?

ରଘୁ—ପୁଣି ସେହି କଥା, ପ୍ରତିଶୋଧ ଅମର ଉଦ୍ଦେଶ୍ୟ ନୁହେଁ ।

ଜନତା—ପ୍ରତିଶୋଧ ଅମର ଉଦ୍ଦେଶ୍ୟ ନୁହେଁ ସତ—

ରଘୁ—ସେମାନେ ସବୁ କୀଟଠାରୁ ହୀନ । ପୋକ ମାଛିଠାରୁ ବଳହୀନ ।

ଜନତା—ହଁ, ପୋକ ମାଛିଠାରୁ ହୀନ, ହଁ ହଁ ପୋକ ମାଛିଠାରୁ ହୀନ ।

(ଉଆସ ଭିତରେ ବେଜଲ ଗେଟ ପାଟି କରିବା ଉତ୍କଣ୍ଠ ହୋଇ )

ବେଜଲ—Why so many Crowd. why ? I demand explanation.

(ଏହି ସମୟରେ ଲୋଧାଚୁଅରୁ ଦୁଇଜଣ ଲୋକଙ୍କୁ ଟେକି ଆଣିବା ଜନତା ମଧ୍ୟରେ ପାଟି ଶୁଭିଲା, "ସାହେବ ମାର ଦେଲା, ମାର ଦେଲା"—ଜଣେ ଲୋକ ଧାଇଁ ଆସି ରଘୁ ମହାନ୍ତି ଆଗରେ କହିବା— )

ଜନୈକ ବ୍ୟକ୍ତି—ଆଜ୍ଞା, ଲୋଧାଚୁଅଠି ଏହି ଶଳା ସାହେବ, ଦୁଇଜଣଙ୍କୁ ଲଚ୍ଛି ଦେଲା । ଆମେ ଯାଉଛୁ ତାଙ୍କୁ ନେଇଁ ଡାକ୍ତର ମାଇନା ପାଇଁ—ଯୋଗୀ ସାହିକୁ···

(ଜନତା ପାଟି କରିବା)

ରଘୁ—ଭାଇମାନେ, ପାଟି କରନ୍ତୁ ନାହିଁ, ପାଟି କରନ୍ତୁ ନାହିଁ । ଧୀର ସ୍ଥିର ହୁଅନ୍ତୁ ।

ଜନତା—ମାର ଦେଲା...ମାର, ଦେଲା, ମାର ଦେଲା, ଲଚ୍ଛି ଦେଲା

( ଏହି ସମୟରେ ବେଜଲଗେଟ ଉତ୍କଣ୍ଠ ହୋଇ ଗୁଳି ଆସିଲା )

ଜେଲ—Why so unlawful Crowd ? Disperse, Disperse Disperse, Havildar Subadar,

(ହାବିଲଦାର ପଛରେ ଆସି ଠିଆ ହେବା )

ରଘୁ—ଧୀର ସ୍ଥିର ହୁଅ ଭାଇମାନେ, ଧୀର ସ୍ଥିର ହୁଅ...

ବେଜଲ—(ରଘୁପ୍ରତି) Why this Crowd ?

ରଘୁ—Sir the down trodden, long oppressed, Starving thousands...have gatherd to have their 'ଦାବୀପତ୍ର' formally signed by the ruler.

ବେଜଲ—Nonsense କ୍ୟା ଡାବୀପତ୍ର ? Bloody, Let me have a copy.

(ଘଦନ ଦାସ ଖଣ୍ଡେ ପତ୍ର ଦେଲା)

ବେଜଲ—ଓ୍ୱାଟ ଫୁଲିସ ଅଇଡ଼ିଅ (ଚିରି ଦେଇ) ଡେମ ଫୁଲସ୍ ।
British empire is Britishe empire

(ଏହି ସମୟରେ ଠେଲା ପେଲା ହୋଇ, ଦୁଇଗୋଟି ଅଧାମରା ଲୋକଙ୍କୁ ଧରି କେତେଜଣଙ୍କର ପ୍ରବେଶ ) ।

ବେଜଲ—ହ୍ୱାଟ୍ ଅର୍ ଦଜ୍ ଡେଡ୍ ବଡ଼ିଜ୍ ।

ଜନତା—ଯୋଗୀ ସାହୁଙ୍କୁ ଗୁଳି, ଡାକ୍ତର ମାଇନା କର୍ କେଶ ଗୁଳି ।

ଏହୁ ସାହେବ ମାରୁଛି ସେ···ଏହୁ ସାହେବ ମାରୁଛି ଯେ

ରଘୁ—ଧୀର ସ୍ଥିର ହୁଅ ।

ଜନତା—ଏହୁ ସାହେବ ମାରୁଛି । ଅରେ ଏହୁ ସାହେବ—

ଅର୍ଜୁନ—ଧୀର ସ୍ଥିର ହୁଅ ଭାଇମାନେ ।

ପଦନ—ବସ, ବସ,

ରଘୁ—ବସ, ବସ,

ବେଜଲ—(ଶବ ଦୁଇଟାଙ୍କୁ ଦେଖିବାକୁ ଗାଡ଼ି ପଛରେ ଯିବା) (ଲୋକେ କ୍ରମେ କ୍ରମେ ମାଡ଼ି ଅସିଲେ ଅଗକୁ ) ।

ବେଜଲ —(ପଛରୁ ଉଡଧରି) (ଠେଲା ପେଲା ଗୁଳିଲା, ସାହେବ ଉପରେ ପଡ଼ିଲେ) ।

ରଘୁ—ଭାଇମାନେ ବସ ବସ ଥୟ ଧର ।

[ଶବ ଦୁଇଟିକୁ ଧର ଦଲେ ଅଗକୁ ଗୁଳିଗଲେ । ଦଳେ ବେଣୀ ଠେଲା ଠେଲି ହେଲେ । ସାହେବ ଅବସ୍ଥା ସାଙ୍ଘାତିକ ହେଲା ]

ସାହେବ—ହଟୋ ହଟୋ, ଠଇରୋ ଠଇରୋ—ଦେର୍ଓ୍ୱାନ—

ଦେର୍ଓ୍ୟାନ୍—ୟୋର ହନର (ଥର ଥର)

ବେଜେଲ—ଡ୍ୟାମ୍ପ ସ୍କଦ କାଉଡ୍... ମଗାଅ ପୋଲିସ ହାବିଲଦାର ?

ହାବିଲ ଦାର—ୟୋର ହନର ।

ବଜେଲ—ଚଲାଓ ଗୁଳି—ରେଡି

ହାବିଲ—(ବନ୍ଧୁକ କାଢ଼ି ଠିଆ ହେଲା—)

ବେଜଲ—(ନିଜେ ରିଭଲଭର କାଢ଼ିବା) ହଟୋ, ହଟୋ···

ଜନତା—ନାହିଁ ହଟେଗା,

ବେଜଲ—ନାହିଁ ହଟେଗା ?

ଅର୍ଜୁନ—ସାହେବ, ଅପର୍ଓ୍ୟାପସ ଯାଅ, ଓ୍ୟାପିସଯାଅ, ଯାଅ

ଜନତା—ସାହେବ ଓ୍ୟାପସ ଯାଅ···(ଠେଲା ଠେଲି, ପେଲା ପେଲି)

ସାହେବ—(ହଠାତ୍ ରିଭଲଭର କାଢ଼ି—ପଏଣ୍ଟ କରି ଅର୍ଜୁନ ଛାତିକୁ)

ଅର୍ଜୁନ—ଓ୍ୟାପସ ଯାଅ, ଓ୍ୟାପସ ଯାଅ···
ରଘୁ—ସାର୍ ପ୍ଲିଜ ସାର୍ ପିସ୍, ଅର୍ଡ଼ର,
କେଜଲ—ଠଇରୋ··
ଜନତା—ଅରେ ଏହୁ ମାରୁଛରେ, ଧରରେ···
କେଜଲ—ସ୍ତୁ ପ୍ଲିଡ ଫୁଲସ୍···
ଅର୍ଜୁନ—ସାହେବ···ଫେରିଯାଅ,ସ୍ୱରାଜ ଶାସନ ଧ୍ୱଂସ ହେଉ,ଫେରଯାଅ !
ରଘୁ—ଶାନ୍ତ, ଶାନ୍ତ, ଶାନ୍ତ, ଅର୍ଡର,ଅର୍ଡର, ଅସ୍ତୁଧର, ଅସ୍ତୁଧର···
କେଜଲ—ଏକ ଗୁଳି ମାରିବା । ଫଳରେ ଅର୍ଜୁନ ଗଜଡ ତଳେ ପଡ଼ିଯିବା ।
ରଘୁ—ଭାଇମାନେ ବସ, ବସ, ବସ, ଧୀରସ୍ଥିର ହୁଅ···
(ଜନତା ଉତ୍ତ୍ୟକ୍ତ, ଠେଙ୍ଗା କାଢ଼ି ସାହେବ ଉପରେ ପ୍ରହାର)
କେଜଲ—ଅଃ ଅଇ ଉଇଲ୍ ସ୍ମାସ, ଅଇ ଉଇଲ୍ ସ୍ମାସ୍, ଅଇ ଉଇଲ୍ କୁଲ୍···ଇଉ ଫୁଲସ୍ ।
(ସାହେବ ରକ୍ତ ବାନ୍ତକରି ମରିପଡ଼ିବା—ହାବିଲଦାର ମଧ୍ୟ ମୃତ—ସାନ ଦେଓ୍ୱାନ ମୂର୍ଚ୍ଛିତ ଜଣେ ଗୋଟିଏ ପଥର ଆଣି ସାହେବ ମୁଣ୍ଡରେ ଛେଚିବା )—
ରଘୁ—(ଆଖି ଏଡ଼ିକ ଏଡ଼ିକା କରି)କଣ ହେଲା ! ସର୍ବନାଶ, ସର୍ବନାଶ··
ମଦନ—ସର୍ବନାଶ—
ରଘୁ—ଭାଇମାନେ, ସ୍ୱାଧୀନତାକୁ ଏଇଠାରେ ଅଘାତ ଦେଲ ସିନା, ସ୍ୱାଧୀନତା ସଂଗ୍ରାମକୁ ପଚିଶ ବର୍ଷ ପଛକୁ ନେଇ ଗଲ ସିନା···
ମଦନ—ଅର୍ଜୁନ ଗଜଡ ଶେଷ···
ରଘୁ—ଭାଇମାନେ କଣ କଲ ?
( ଏହାପରେ ସମସ୍ତେ ପ୍ରାଣ ବଳଲରେ ଧାଇଁଯିବା—ଛନ୍ଦଭଙ୍ଗ ) ।
ରଘୁ—ସ୍ୱାଧୀନତା ସଂଗ୍ରାମର ପ୍ରଥମ ଶ୍ମଶାନରେ :ଅହା (କହୁ···କାନ୍ଦି କାନ୍ଦି )

—ଯବନିକା ପତନ—

## ପଞ୍ଚମ ଅଙ୍କ
## ଦ୍ୱିତୀୟ ଦୃଶ୍ୟ

(ରଣପୁର ଗାଁ ଗହଳ—ଲୋକମାନେ ଖାଲି ଗଣ୍ଠିଲି ବୁଜୁଲି ଧରି ପଳାଉଛନ୍ତି···ଗୋଟିଏ ଦଳର ଦୁଇଜଣଙ୍କୁ ଧରି ରାସ୍ତା ଉପରେ ଦାରୋଗା ଠିଆ ହୋଇଛନ୍ତି )

ପୋଲିସ—ତମକୁ ସାକ୍ଷୀ ଦେବାକୁ ପଡ଼ିବ । ତମେ କହିବ ରଘୁ ମହାନ୍ତି ସାହେବକୁ ମାଇଲା, ଦିବାକର ପଚିଡ଼ା ଠେଙ୍ଗାରେ ପିଟିଲା, ବରାଡ଼ ପଥର ଫିଙ୍ଗିଲା ।

ଦାରୋଗା—ତମେ କହିବାକୁ ହେବ, ରଘୁ, ଦିବାକର, ବରାଡ଼ ସମସ୍ତେ ମିଶି ସାହେବକୁ ମାରିଛନ୍ତି ।

ବାଠୋଇ—ନାହିଁ ଆଜ୍ଞା—ମୁଁ ଦେଖିନି ।

ପୋଲିସ—(ବାଡ଼େଇବା)

ଦାରୋଗା—ଆରେଷ୍ଟ କର ।

(ଅଳ୍ପ କିଛି ସମୟ ପରେ ଏକଦଳ ବନ୍ଦୀକୁ ଧରି ହାବିଲଦାର ଗୁର୍ଖା କନେଷ୍ଟବଲ ସହ ଆସିବା···ସଙ୍ଗେ ସଙ୍ଗେ କପିଳ ପାଣି ମଧ୍ୟ···କପିଳ ପାଣି ଗଳାରେ 'ରାଜଭକ୍ତ' ଲେଖାଇବା ପରେ କାଗଜ ।)

କପିଳ—(ଲୋକଙ୍କୁ ଚାହିଁ) ପୁଅ, ବମ୍ବା ପଡ଼ିଲା, ବମ୍ବା ପଡ଼ିଲା । ବକ ବକ କଲେ କତଲ କରିଦେବେ । ଗୁର୍ଖା ପଞ୍ଜାବୀ ଖାଲି ବୋମ୍ବା ଆଣି ପକାଇ ଦେଲେଣି । ରଣପୁର ଧ୍ୱଂସ ହେଲା । କୃଷ୍ଣଚନ୍ଦ୍ର ନରେନ୍ଦ୍ର ମହାପାତ୍ରଙ୍କ ରାଜ୍ୟରେ ବୋମ୍ବା ପଡ଼ିଲା ।

ଆରେ ସବୁ କହିଦଅ । ସେହି ରଘୁ, ଦିବାକର, ବରାଡ଼ ମାରିଛନ୍ତି, ଆମେ ରାଜଭକ୍ତ, ଆମର ଟିକଟ ଅଛି । ଆମେ ରାଜଭକ୍ତ ଆମର ସାଇନ୍ ବୋର୍ଡ ଅଛି । ଆମେ ରାଜଭକ୍ତ ପୂରା ରାଜଭକ୍ତ, ଖାଣ୍ଟି ରାଜଭକ୍ତ । ଆମର ଏହି ଚିଲ୍ଟ ଅଛି ଦେଖ ।

—ଯବନିକା ପତନ—

## ପଞ୍ଚମ ଅଙ୍କ

## ତୃତୀୟ ଦୃଶ୍ୟ

(ଅନ୍ଧ ଗୀତ ଗାଇ ଗାଇ ଚାଲିଛି ରାଜପଥରେ; ସେହି ଗୀତରେ ରଣପୁରରେ କେଉଁଠି ମରିବା ପରେ ଯେଉଁ ମଶାଣି ଛକିଆ କୋକୁଆ ଭୟ ଖେଳି ଯାଇଥିଲା, ତାହାର ଦରଦ)

ମିଏ ଯହିଁ ଅଛି ପଲାରେ ପଲା

ମିଛ ଖର କହି,

ଧରମ ଦେବତା; ଆଖିରେ ଅଙ୍ଗୁଠି ଦେଇ,

ଏ ଯେଉଁ ରାଇଜ, ବୁଝାମଣା ଚାଲେ, କେହିତ ଶୁଣିବେ ନାହିଁ,

ମଣିଷ ରାଇଜ, ମଶାଣି ହୋଇଲା; ତହିଁରେ ନାଚଇ ବାଲୁଆ ପିଲା

କାହା ପାଇଁ ଭାଇ ସତେ, ଯାହେବ ମରିଲ, କାହାତେ ଶିକୁଳି ପଡ଼ିଲା ଭଲା

ଗଣ୍ଡା ଗଣ୍ଡା ଯାଉ, ଓଁକାର ବେଖିର, ମଳମୁଣ୍ଡିଆଙ୍କ ଅଛଇ ଥାନ

ବଉଳ କୋରଡ଼ା, ଏ ଧରମ ଛଡ଼ା, ଦୁଃଖୀ ପରଜାର ମରଣ ଜାଣ,

ଲୁହ ନେଇ ସତେ, ଲୁହିଆ ଯେତେକ କରିବେ ଷଣିକେ କାଳାକୁ ଧଳା,

ଜୀବନ ବଳକେ ମିଏ ଯହିଁ ଅଛି, ରଣପୁର ଛକ ପଲାରେ ପଲା,

ଘରେ ଘରେ ଏବେ ଲାଗିବ କୋରଡ଼ା ଲାଗିବ ଚାବୁକ ମାଡ଼ଟି ପରା

ଧୂଆ ଅଧୂଆରେ ଦୋଷ ନିର୍ଦୋଷରେ, କେତେଭାଇ ଆମ ହେଲେଣି ଧରା

ଜୀବନ ବଳକେ ପଲାରେ ପଲା

ଏ ଦେଶର ଭାଇ ଏ ଦେଶ ଭାଇଙ୍କୁ ଦେଖାଇ ଦେବାର ମରଣ କାଳା

(ଗୀତ ଗାଇ ଗାଇ ଅନ୍ଧର ପ୍ରସ୍ଥାନ)

## ୫ମ ଅଙ୍କ

## ଚତୁର୍ଥ ଦୃଶ୍ୟ

(ହଜାରିବାଗ ଜେଲର ଦୃଶ୍ୟ, ଗାରଦ ଭିତରେ ଋଦ୍ଧୁ, ଦିବାକର, ବିଶ୍ୱରପତି, ସାହେବ ସୁବା ଠିଆ, ସମସ୍ତଙ୍କ ମୁହଁରେ ଗୋଟାଏ ଅବେଗର ଛାୟା)

(ବିଶ୍ୱରପତି ଶୁଣାଇବା)

ବିଶ୍ୱରପତି—ରଣପୁର ପ୍ରଜାମଣ୍ଡଳର ବହୁ ଅପରାଧୀ ଦୋଷୀଙ୍କ ମଧ୍ୟରୁ ଋଦ୍ଧୁ ମହାନ୍ତି, ଦିବାକର ପଟ୍ଟନାୟକଙ୍କୁ ନରହତ୍ୟା ଅପରାଧରେ ଫାଶୀ ଦଣ୍ଡ ବିଧାନ ହୋଇଛି, ଆଜି ତାହା ସାବ୍ୟସ୍ତ କରାଯିବ ।

ଜେଲର—କିଏ ଅଛରେ ୱାର୍ଡରେ ?

ୱାର୍ଡର—(ୱାର୍ଡରର ଅବିର୍ଭାବ) ଯେ ହଜୁର—

ଜେଲର—ଫାଶୀକାଠ ଠିକ୍ କର—

ୱାର୍ଡର—ଯେ ହଜୁର ।

(ଅନ୍ତରାଳରୁ ଗୀତ ଶୁଭିବା 'ଜୀବନ ବାକଲେ ପଳାରେ ପଳା')

ଯବନିକା ପତନ

## ୪ମ ଅଙ୍କ

### ପଞ୍ଚମ ଦୃଶ୍ୟ

(ରଣପୁର ଗାଁ ଗହଳ ରାସ୍ତା—ବୃଦ୍ଧଟିଏ କାନ୍ଦି କାନ୍ଦି ଯାଉଥିବା ଦୃଶ୍ୟ—ବିପରୀତ ଦିଗରୁ ଅନ୍ଧର ଗୀତ ଗାଇ ପ୍ରବେଶ)

ଅନ୍ଧ—

ଘରେ ଘରେ ଏବେ ଲଗିବ କୋରଡ଼ା
ଲଗିବ ଗୁରୁକ ମାଡ଼ଟି ପରା
ମିଛ ସାକ୍ଷୀ ଦେଇ ଓଳକ ବୁଢ଼ାଇ
ଭାଇବୁକେ ଭାଇ ଚଳାଇବ ସିନା ଫାଶୀର ଛୁରା ।
ଜୀବନ ବାକଲେ ପଳାରେ ମଲା
ଲାଞ୍ଚି ନେଇ ଭାଇ ରସପତ ଖାଇ, ଥୋଇଦେବେ କରି କଳାକୁ ଧଳା
ଜୀବନ ବାକଲେ ପଳାରେ ପଲା

ବୃଦ୍ଧ—(ଗୀତ ଶୁଣି କାନ୍ଦିବା ଉଚ୍ଚସ୍ୱରରେ)

ଅନ୍ଧ—ଭାଇ ତମେ ଏଠି କିଏ କାନ୍ଦୁଛ ?

ବୃଦ୍ଧ—କାନ୍ଦୁ ନାହିଁରେ

ଅନ୍ଧ—ମୁଁ ତ ଦେଖି ପାରୁନି, ଅନ୍ଧଲୋକ ମୁଁ ।

ବୃଦ୍ଧ—ମୁଁ ମଧ୍ୟ ଅନ୍ଧଠୁ ଅନ୍ଧ ହେଲିରେ—

ଅନ୍ଧ—କଅଣ ଭାଇ ଥଟ୍ଟା କରୁଛ ?

ବୃଦ୍ଧ—ନାହିଁରେ ଭାଇ, ତୋ ଗୀତରେ ମୁଁ ଜଳି ପୋଡ଼ି ମରି ଯାଉଛି ।

ଅନ୍ଧ—ମୋ ଗୀତ,—ଏଁ ମୋ ଗୀତରେ କାହିଁକି—କଅଣ ହେଲାକି ଭାଇ, ମୁଁ ତ ପ୍ରଜାମଣ୍ଡଳ ଚରିତକୁ ଗୀତରେ ଭଣିଛି କରି ଗାଉଛି, ତମେ କଅଣ ପାତର ବଣିକା ବାବୁ ?

ବୃଦ୍ଧ—ନାହିଁରେ ଭାଇ, ସେ ମୋର ପୁଅ, ତାର ପାଇଁକି କଳା ଧଳା କରିଗଲେ ଏହି ସାହେବମାନେ,

ଅନ୍ଧ—କଅଣ କହୁଛ ଭାଇ, ସତେ ସେହି ରଘୁର ବାପା—ମୁଁ ଦେଖିନି, ହେଲେ ମୁଁ ଶୁଣିଛି, ରଘୁ ମହାନ୍ତି, ଦିବାକର ପରିଡ଼ା ଏ ଉଭୟ କୋଣ ମୁଲକର ଗୋଟାଏ ବନ୍ଧୁଥିଲେ । ଆମ ଦେଶୀ ବିଦେଶୀ ସାହେବ ହାକିମ ହୁକୁମା ମିଶି, ରାଜା ଦେଓ୍ୱାନ ମିଶି, ଅମଲା ପୋଲିସ ମିଶି ତାଙ୍କୁ ଫାଶୀ ଦିଆଇଦେଲେ । ଏ ରାଇଜରେ ରାଜା କଅଣ ବୁଝିଲା, ଦିଆନ ଦାରୋଗା ଅମଲା ମାରିଲେ, କପିଳ ପାଣ୍ଡ ସବୁ ସାରିଲେ, ପୁଲିଟିକାଲ ସାହେବ ତା ଦୋଷରୁ ମଲେ, ହେଲେ ରଘୁ ଦିବାକର—(କାନ୍ଦି ପକାଇବା) ହେ ଧରମ ତୁ ଦେଖୁଥା । ବାମୁର କରିବୁ, ହେ ମା ମଣିନାଗ ତୁ ପାହାଡ଼ରେ ଫାଟି ଦେଖ ଏ ଦେଶ କଅଣ ହେଲା, ଗୋରାମାନେ କଅଣ କଲେ, ଆଉ ଆମ ଦେଶର ନିମକହାରାମ ଦଳ କଅଣ କଲେ, ସେ ମହାନ ଆତ୍ମା, ଓଡ଼ିଆ, ସେମାନେ ସତେ କି ତ୍ୟାଗ ନ କଲେ ।

ବୃଦ୍ଧ—ଅନ୍ଧ ଭାଇ, ଆଉ କହନା ଆଉ କହନା, ସେ କଥା ।

ଅନ୍ଧ—(କାନ୍ଦି କାନ୍ଦି ଗୀତ ଗାଇବା)

'ଜୀବନ ବିକଲେ ପଲାରେ ପଲା'

ବୃଦ୍ଧ—ଆଉ କୁଆଡ଼େ ଯିବା ଭାଇ । ଭେଣ୍ଡା ପୁଅ ତ ଫାଶୀ ପାଇଲା, ତା ପଛରୁ ଦିବାକର ମଧ ଗଲା, ଗାଁ ବାଲ୍ୟତ ଯେ ଯୁଆଡ଼େ ଗଲେ ଆଉ ମୁଁ କୁଆଡ଼େ ଯିବି ଏ ବୟସରେ, ମୋ ପରି ହତଭାଗା—

ଅନ୍ଧ—ଗୀତ ଗାଇବା

କାନ୍ଦି କାନ୍ଦି ଲୁହ ରକତ ହୋଇଲେ ଶିକୁଳି ଫିଟିବ କରେ ?

ବୃଦ୍ଧ—(କାନ୍ଦିକାନ୍ଦି)—ନାହିଁ, ନାହିଁ ଅନ୍ଧଭାଇ

(ଏ ସମୟରେ ବିପକ୍ଷିତ ଦିଗରୁ ଆହୁରି ବଡ଼ ପାଟିରେ କାନ୍ଦି କାନ୍ଦି ଅସିବା କପିଳ ପାଣ୍ଡ)

ବୃଦ୍ଧ—କେମିତି କରି ଗୃହିଁବା କପିଳପାଣ୍ଡକୁ ।

ଅନ୍ଧ—କିଏ ଆସିଲ ?

କପିଳ—(ଭୋ ଭୋ କରି କାନ୍ଦି) ରଘୁ ବାପ । (ବୃଦ୍ଧ ମହାନ୍ତିଙ୍କର ପାଦ ଧରି ପକାଇବା) ।

ବୃଦ୍ଧ—ଏ କଅଣ, ଏ କଅଣ,—ପାଣ୍ଡେ—ଏ କଅଣ (ବିସ୍ମୟରେ)

ଅନ୍ଧ—ଏଁ ଏଁ ପାଣ୍ଡେ । କପିଳ ପାଣ୍ଡେ !

କପିଳ—(କାନ୍ଦିକାନ୍ଦି) ହଁରେ ଅନ୍ଧ, ମୁଁ କପିଳ ପାଣ୍ଡେ, ମୋତେ ତୁ ଦେଖେନା, ମୁ ପାପୀ ମୁ ନିମକହାରାମ ଭାଇ ! କିଏ ଜାଣିଥିଲା ହିମିଟି ହେଲବୁ, ଏ ରାଜା ପୁରୁଣା ମାରଣା, ଦଅନ ଦାରୋଗା କୋଠ କଚେରୀ ବାବୁ ଆହୁରି ମାରଣା, ଭାଇ ମୋତେ କ୍ଷମାକର ମୁଁ ଆଉ ସେ କପିଳ ନୁହେଁ ରେ—

ଅନ୍ଧ—ତେବେ ତ ଏ ଗୋଟାଏ ଭେଟ ମାତ୍ର ରଘୁ ଦିବାକର ନାହାନ୍ତି ।

କପିଳ—ଭେଟ ହେଲା ନାହିଁରେ ଅନ୍ଧଭାଇ, ଏହି ମଣିନାଗ ପାହାଡ଼ ତଳେ ମଣିଷ ଦେବତା ହୋଇ ସବୁଦିନ ପାଇଁ ପୂଜା ପାଇବେ ସେହି ରଘୁ, ଦିବାକର, ଆମ ଲୋକ ସଂଗ୍ରାମର ସହୀଦ ସେମାନେ—ଅନ୍ଧ ଭାଇ ତୁ ଗାଅ ସେ ଗୀତଟି—ସେ ଦୁଇ ଜଣଙ୍କୁ ନମସ୍କାର, କୋଟି କୋଟି ନମସ୍କାର—ମଉସା, (ବୃଦ୍ଧକୁ ଚାହିଁ) କ୍ଷମା କରିବନି ତମେ ସତେ, କେଜାଣି ବଡ଼,

ଅନ୍ଧ—(ଗୀତ ଗାଇ ଚାଲିବା—)

କାନ୍ଦିକାନ୍ଦି ଲୁହ ରକତ ହୋଇଲେ ଶିକୁଳି ଫିଟିବ କିରେ

ପଟ୍ଟପତନ

---

ମୁଦ୍ରାକର—ଶ୍ରୀ ବିଶ୍ୱମ୍ଭର ପରିଡ଼ା, ପ୍ରଜାତନ୍ତ୍ର ପ୍ରେସ, କଟକ-୨